# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୭/୨୦୨୦ (୧୨ ପୃଷ୍ଠା) | Bhubaneswar, Monday, July 27/2020 | ★★★★

୪୬ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଟଲିଉଡ୍ ଇଣ୍ଡଷ୍ଟ୍ରିରେ ସାମନ୍ଥାଙ୍କ ରାଜ**

ଅଭିନେତ୍ରୀ ସାମନ୍ଥା ଅକିନେନି ଦର୍ଶକ ମହଲରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ ଟଲିଉଡ୍ ଇଣ୍ଡଷ୍ଟ୍ରିରେ ରାଜ କରୁଥିବା କୁହାଯାଉଛି ।

୧୦

୧୨

**ବ୍ରଡ୍‌ଙ୍କୁ ୬ ଉଇକେଟ**

ମାଞ୍ଚେଷ୍ଟରଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ୬ ଉଇକେଟ ସଫଳତା ପାଇଛନ୍ତି ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍





କାର୍ଗିଲ ବିଜୟ ଦିବସ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ ଏବଂ ତିନିବାହିନୀର ମୁଖ୍ୟମାନେ ନୂଆଦିଲ୍ଲୀ ସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ରବିବାର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

# ସମସ୍ୟା ବଢ଼ାଉଛି ଡାକ୍ତର ଅଭାବ

**ଭୁବନେଶ୍ୱର,୨୬।୭(ବ୍ୟୁରୋ)**



କରୋନା ସଂକ୍ରମଣ ସାରା ବିଶ୍ୱରେ ଚିନ୍ତା ବଢ଼ାଇ ଦେଇଛି । କରୋନା ପରିସ୍ଥିତିର ମୁକାବିଲା କ୍ଷେତ୍ରରେ ଡାକ୍ତରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଡାକ୍ତରମାନଙ୍କୁ ଆଗଧାଡ଼ିର ଯୋଦ୍ଧା ବୋଲି ସରକାର ଘୋଷଣା କରିଛନ୍ତି । ହେଲେ ରାଜ୍ୟରେ ଡାକ୍ତରଙ୍କ ଅଭାବ ଏବେ ସରକାରଙ୍କ ସମସ୍ୟା ବଢ଼ାଇଛି । ଏଭଳି ଏକ ଅଭାବ ପରିସ୍ଥିତିର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ସରକାର ରାଜ୍ୟରେ ଡାକ୍ତରମାନଙ୍କ ଅବସର ବୟସ ୫୮ରୁ ୬୦ ବର୍ଷକୁ ବୃଦ୍ଧି କରିଥିବାବେଳେ ଏହାପରେ ୬୨କୁ ବଢାଇଥିଲେ । ନିକଟରେ ଦୁଇଦିନ ତଳେ ସରକାର ଡାକ୍ତରଙ୍କ ଅବସର ବୟସକୁ ଆଉ ୩ବର୍ଷ ବୃଦ୍ଧି କରି ୬୫ବର୍ଷ କରିଛନ୍ତି । ଏହାସହ ଅଧିକାଂଶ ସ୍ଥାନରେ ଚୁକ୍ତିଭିତ୍ତିରେ ଡାକ୍ତର, ଷ୍ଟାଫ୍‌ନର୍ସ, ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି । ହେଲେ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ଅଧିକାଂଶ ସରକାରୀ ଡାକ୍ତରଖାନାରେ ଡାକ୍ତର ଓ ବିଭାଗୀୟ କର୍ମଚାରୀଙ୍କ ଅଭାବ ଦେଖିବାକୁ ମିଳୁଛି ।

ବିଧାନସଭାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ୨୦୧୧ ଜନଗଣନା ଅନୁସାରେ ରାଜ୍ୟର ମୋଟ ଜନସଂଖ୍ୟା ୪କୋଟି ୨୦ଲକ୍ଷ । ଲୋକ ସଂଖ୍ୟା ଦୃଷ୍ଟିରୁ ରାଜ୍ୟରେ ୧୩୧୫ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୩୨୮ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକତା ଅଛି । ହେଲେ ରାଜ୍ୟରେ ଅଦ୍ୟାବଧି ୧୨୮୭ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୩୭୪ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି । ସେହି ଅନୁସାରେ ରାଜ୍ୟରେ ୭୪୪୯ଜଣ ଡାକ୍ତରଙ୍କ ଆବଶ୍ୟକ ସ୍ଥଳେ ୬୨୧୮ ନିଯୁକ୍ତ ହୋଇଛନ୍ତି । ଇତିମଧ୍ୟରେ ଅଧିକାଂଶ ଅବସର ନେଇସାରିଥିବାବେଳେ ଆହୁରି କେତେଜଣ ଉଚ୍ଚଶିକ୍ଷା ନିମନ୍ତେ ଛୁଟିରେ ଅଛନ୍ତି । ସେହିପରି ଷ୍ଟାଫନର୍ସଙ୍କ ସଂଖ୍ୟା ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି । ୨୨,୩୩୭ ଜଣ ଷ୍ଟାଫ ନର୍ସଙ୍କ ଆବଶ୍ୟକତା ଥିଲାବେଳେ ମାତ୍ର ୪୫୨୯ ଜଣ ଦାୟିତ୍ୱରେ ଅଛନ୍ତି । ସେହିପରି ୨୯୦୯ ଲାବରେଟୋରୀ ଆସିଷ୍ଟାଣ୍ଟଙ୍କ ବଦଳରେ ଅଛନ୍ତି ମାତ୍ର ୮୭୯ । ମହିଳା ସ୍ୱାସ୍ଥ୍ୟକର୍ମୀ ୧୧, ୭୨୭ଜଣଙ୍କ ପରିବର୍ତ୍ତେ ଅଛନ୍ତି ୮, ୫୮୨ଜଣ । ସେହିପରି ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କ ଆବଶ୍ୟକତା ୭, ୯୭୫ଜଣ ରହିଥିଲା ବେଳେ ମାତ୍ର ୩, ୨୯୦ଜଣ ଅଛନ୍ତି । ମହିଳା ଓ ପୁରୁଷ ଏମ୍‌ପିଏଚ୍‌ଏସ୍‌ଙ୍କ ସଂଖ୍ୟା ମଧ୍ୟ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ଥିବା ଜଣାପଡ଼ିଛି ।

ସରକାର ଦେଇଥିବା ଆଉ ଏକ ତଥ୍ୟ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ମେଡିକାଲ କଲେଜର ସମୁଦାୟ ସିଟ୍ ସଂଖ୍ୟା ୧୫୫୦ । ସେଥିମଧ୍ୟରୁ ବାର୍ଷିକ ପ୍ରାୟ ୯୯ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହେଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ ପ୍ରାୟ ହଜାରେ ଲୋକସଂଖ୍ୟାରେ ଜଣେ ଲେଖାଏ ଡାକ୍ତରଙ୍କ ଆବଶ୍ୟକତା ଅଛି । ଜନସଂଖ୍ୟା ଅନୁଯାୟୀ ରାଜ୍ୟରେ ପ୍ରାୟ ୪୩ହଜାର ଡାକ୍ତର ଆବଶ୍ୟକ ଥିବାବେଳେ ପ୍ରାୟ ୨୪ହଜାର ରେଜିଷ୍ଟ୍ରୀଭୁକ୍ତ ଡାକ୍ତର ଅଛନ୍ତି । ସେହିଭଳି ରାଜ୍ୟରେ ସରକାରୀ ମେଡିକାଲ କଲେଜରେ ମୋଟ ୧୨୬୬ ମଞ୍ଜୁରୀପ୍ରାପ୍ତ ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ପ୍ରଫେସର ପଦବୀରେ ବର୍ତ୍ତମାନ ୯୪୨ଜଣ କାର୍ଯ୍ୟରତ ରହିଛନ୍ତି । ବାକି ୩୨୫ ପଦବୀ ଖାଲିପଡିଛି । ସେହିପରି ରାଜ୍ୟରେ କୌଣସି ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ନ ଥିବାବେଳେ ଏହାର ଆବଶ୍ୟକତା ଥିବା ସରକାର ସ୍ୱୀକାର କରିଛନ୍ତି । ହେଲେ ଏଥିପାଇଁ କେବେ ☞ପୃଷ୍ଠା-୪

# ଦିନକରେ ୩୦ ଜିଲ୍ଲାରୁ ୧୩୭୬ ସଂକ୍ରମିତ

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**

ରାଜ୍ୟରେ କରୋନାକୁ ନେଇ ଭୟ ଓ ଆଶଙ୍କା ବଢ଼ି ଚାଲିଛି । ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବାବେଳେ ପ୍ରଥମଥର ପାଇଁ ଗୋଟିଏ ଦିନରେ ସମସ୍ତ ୩୦ ଜିଲ୍ଲାରୁ ୧୩୭୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୯୧୭ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରର ହୋଇଥିବାବେଳେ ୪୫୯ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ରବିବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି । ଗଞ୍ଜାମରେ ସର୍ବାଧିକ ୪୮୪ଜଣ ଥିବାବେଳେ ଖୋର୍ଦ୍ଧାରେ ୧୮୭ଜଣ ରହିଛନ୍ତି । ସେହିପରି କେନ୍ଦୁଝରରେ ୧୦୩, ପୁରୀ ୯୧, କଟକ ୭୫, ଗଜପତି ୭୪, ରାୟଗଡ଼ା ୪୫, ସୁନ୍ଦରଗଡ଼ ୩୩, ନୟାଗଡ଼ ୩୦, ବାଲେଶ୍ୱର ୨୯, ମୟୂରଭଞ୍ଜ ୨୨, ନବରଙ୍ଗପୁର ୨୧, ବଲାଙ୍ଗୀର ୧୯, ସମ୍ବଲପୁର ୧୭, ଢେଙ୍କାନାଳ ଓ ମାଲକାନଗିରିରେ ୧୫ଜଣ ଲେଖାଏ, କନ୍ଧମାଳ ୧୨, ଦେବଗଡ଼, ଜଗତ୍‌ସିଂହପୁର, କଳାହାଣ୍ଡି ଓ କେନ୍ଦ୍ରାପଡ଼ାରେ ୧୧ଜଣ ଲେଖାଏ, ଭଦ୍ରକ ୧୦, ଯାଜପୁର ଓ ବୌଦ୍ଧରେ ୮ଜଣ ଲେଖାଏ, କୋରାପୁଟ ଓ ବରଗଡ଼ରେ ୭ଜଣ ଲେଖାଏ, ଝାରସୁଗୁଡ଼ାରେ ୬, ସୋନପୁର ଓ ଅନୁଗୋଳରେ ୫ଜଣ ଲେଖାଏ, ନୂଆପଡ଼ାରେ ୪ଜଣ ଚିହ୍ନଟ ହୋଇଛନ୍ତି । ଫଳରେ ସର୍ବାଧିକ ସଂକ୍ରମିତ ଜିଲ୍ଲା ଗଞ୍ଜାମରେ ଆକ୍ରାନ୍ତଙ୍କ ସଂଖ୍ୟା ୮୬୭୮ ଓ ଖୋର୍ଦ୍ଧାରେ ୩୦୩୭ ଛୁଇଁଛି । ସେହିଭଳି ରାଜ୍ୟରେ ମୋଟ ୨୫,୩୮୯ଜଣ ଆକ୍ରାନ୍ତ ☞ପୃଷ୍ଠା-୪

**ଆଉ ୧୧ଜଣଙ୍କ ଜୀବନ ଗଲା, ୮୭୪ ସୁସ୍ଥ**

- କରୋନାରେ ୧୦, ଅନ୍ୟ ରୋଗରେ ଜଣେ ଆକ୍ରାନ୍ତ ମୃତ
- ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨୫ ହଜାର ଟପିଲା
- ମୃତ୍ୟୁ ସଂଖ୍ୟା ୧୪୦ ଛୁଇଁଲା



# ୮୦ ଟଙ୍କା ଟପିଲା ଡିଜେଲ ଦର

**ଭୁବନେଶ୍ୱର,୨୬।୭**

କରୋନା ସଂକ୍ରମଣକୁ ନେଇ ବର୍ତ୍ତମାନ ଲୋକମାନେ ଚିନ୍ତାରେ ରହିଥିବା ବେଳେ ଡିଜେଲ ଦର ବୃଦ୍ଧିରେ ବିରତି ଲାଗି ପାରୁନାହିଁ । ଫଳରେ ତେଲ ଦର ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରି ପକାଇଛି । ଶନିବାର ଭୁବନେଶ୍ୱରରେ ଡିଜେଲ ଦର ୧୫ ପଇସା ବୃଦ୍ଧି ଘଟିଥିଲା । ରବିବାର ଏଥିରେ ୧୪ ପଇସା ବଢି ଡିଜେଲ ଦର ୮୦.୦୨ ଟଙ୍କା ଛୁଇଁଛି । ଏହା ପରଠାରୁ ପେଟ୍ରୋଲ ଦର ଅପରିବର୍ତ୍ତିତ ରହିଛି । ସେହିଭଳି ନୂଆଦିଲ୍ଲୀରେ ଡିଜେଲ ଲିଟର ପିଛା ୧୫ ପଇସା ବଢି ରେକର୍ଡ ୮୧.୯୪ ଟଙ୍କା ଛୁଇଁଛି । ଦେଶର ମେଟ୍ରୋ ସହରଗୁଡିକରେ ତେଲ ଦର ୧୩ରୁ ୧୫ ପଇସା ବୃଦ୍ଧି ଘଟିଥିବା ସୂଚନା ରହିଛି । ସ୍ଥାନୀୟ ଟିକସ ଏବଂ ଭାଟ୍ ଯୋଗୁ ବିଭିନ୍ନ ରାଜ୍ୟରେ ତେଲ ଦରରେ ଭିନ୍ନତା ଦେଖାଯାଉଛି । ସାରା ଦେଶରେ ଗତ ୪ ସପ୍ତାହ ହେବ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପକ୍ଷରୁ ସୂଚନା ରହିଛି । ଶେଷଥର ପାଇଁ ଜୁନ୍ ୨୯ରେ ପେଟ୍ରୋଲ ଦରରେ ପରିବର୍ତ୍ତନ ଘଟିଥିଲା । ଜୁନ ୭ ପରଠାରୁ ତୈଳ ବିପଣନ କମ୍ପାନୀଗୁଡିକ ତେଲ ଦର ପରିବର୍ତ୍ତନ କରିବା ପରେ ପେଟ୍ରୋଲ ଦର ୨୧ ଥର ବୃଦ୍ଧି ଘଟିଛି । ଏହି ସମୟ ମଧ୍ୟରେ ପେଟ୍ରୋଲ ଲିଟର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଖାଲି ରାଜସ୍ଥାନ

**ଆଜିର ମନ୍ତବ୍ୟ**

“ ଭାରତ ଶାନ୍ତିପ୍ରିୟ ରାଷ୍ଟ୍ର । ତେବେ ଜାତୀୟ ଏକତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଯେକୌଣି ବଡ଼ ପଦକ୍ଷେପ ନେବାକୁ ପ୍ରସ୍ତୁତ । ଶତ୍ରୁ ଆକ୍ରମଣ କଲେ କାର୍ଗିଲ୍ ଭଳି ଉପଯୁକ୍ତ ଜବାବ ଦିଆଯିବ ।

–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ









ରାଷ୍ଟ୍ରପତି ରାମନାଥ କୋବିନ୍ଦ କାର୍ଗିଲ ବିଜୟ ଦିବସ ଅବସରରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କରୋନା ମୁକାବିଲା ନିମନ୍ତେ ଡାକ୍ତରୀ ଉପକରଣ କିଣିବା ଲାଗି ସେନା ହସ୍ପିଟାଲକୁ ୨୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥରେ ବାୟୁ ବିଶୋଧକ ରେସ୍ପିରେଟର ଓ ଅନ୍ୟ ସୁରକ୍ଷା ଉପକରଣ କିଣାଯିବ।

# ଚାଇନାକୁ ଦୁଃଖ ଦେଉଛି ୟାଙ୍ଗ୍‌ଜି



ଜିଆଙ୍ଗ୍‌ଶି ପ୍ରଦେଶର ଜିଉଜିଆଙ୍ଗରେ ୟାଙ୍ଗଜି ନଦୀର ଜଳସ୍ତର ବଢ଼ିଚାଲିଥିବା ବେଳେ ଘରଗୁଡ଼ିକ ଜଳମଗ୍ନ ହୋଇଯାଇଛି।

- ୨୪ଟି ରାଜ୍ୟର ୪୦ ନିୟୁତ ଲୋକ ପ୍ରଭାବିତ
- ୨୦୦ରୁ ଊର୍ଦ୍ଧ୍ୱ ମୃତ କିମ୍ବା ନିଖୋଜ
- ୨୮,୦୦୦ ଘର କ୍ଷତିଗ୍ରସ୍ତ
- ଚାଇନା ଅର୍ଥନୀତିକୁ ୧୧.୮ ବିଲିୟନ୍ ଡଲାର କ୍ଷତି

ବେଜିଂ/ୱାଶିଂଟନ,୨୬।୭

କେନ୍ଦ୍ରୀୟ ଚାଇନାରେ ଦେଶର ଦୀର୍ଘତମ ନଦୀ 'ୟାଙ୍ଗଜି' ପ୍ରଳୟଙ୍କରୀ ବନ୍ୟା ଆଣିଛି। ଜୁନ୍ ପହିଲାରୁ ଲଗାଣ ବର୍ଷା ଫଳରେ ନଦୀର ଜଳସ୍ତର ୫୦ ଫୁଟ ବୃଦ୍ଧି ପାଇଛି। ଏଥିରେ ୨୪ଟି ରାଜ୍ୟର ୪୦ ନିୟୁତ ଲୋକ ପ୍ରଭାବିତ ଓ ୨୦୦ରୁ ଊର୍ଦ୍ଧ୍ୱ ମୃତ କିମ୍ବା ନିଖୋଜ ହୋଇଯାଇଛନ୍ତି। ଏହି ବନ୍ୟା କରୋନା ମହାମାରୀ ସହ ଯୁଝୁଥିବା ଚାଇନାର ଅର୍ଥନୀତିକୁ ଦୋହଲାଇ ଦେଇଛି। କାରଣ ବନ୍ୟା ଯୋଗୁ ଚାଇନା ଅର୍ଥନୀତିକୁ ୧୧.୮ ବିଲିୟନ୍ ଡଲାର କ୍ଷତି ପହଞ୍ଚିଛି। ଏହାସହ ୨୮,୦୦୦ ଘର ବଢ଼ିପାଣିରେ ଧୋଇହୋଇ ଯାଇଛି।

ୟାଙ୍ଗଜି ନଦୀ ଏସିଆର ଦୀର୍ଘତମ ତଥା ବିଶ୍ୱର ତୃତୀୟ ବଡ଼ ନଦୀ। ଚାଇନାର ପଶ୍ଚିମରୁ ପୂର୍ବକୁ ପ୍ରବାହିତ ଏହି ନଦୀର ଅବବାହିକା ଚାଇନା କ୍ଷେତ୍ରଫଳର ଏକପଞ୍ଚମାଂଶ, ଯେଉଁ ବିସ୍ତୃତ ଭୂମି ଉପରେ ଦେଶର ଏକତୃତୀୟଂଶ ଲୋକ ବସବାସ କରିଥାନ୍ତି। ପାନୀୟ ଜଳ, ଜଳସେଚନ, ପରିମଳ, ପରିବହନ, ଶିଳ୍ପ, ପରିସୀମା ନିର୍ଦ୍ଧାରଣ ଓ ଯୁଦ୍ଧ କ୍ଷେତ୍ରରେ ୬୩୦୦ କି.ମି. ବିସ୍ତୃତ ଏହି ନଦୀକୁ ବ୍ୟବହାର କରାଯାଏ। ଚାଇନାର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ୟାଙ୍ଗଜି ନଦୀ ତ୍ରିକୋଣ ଭୂଇଁର ଅବଦାନ ୨୦%। ଏହି ନଦୀ ଉପରେ ଥିବା ଥ୍ରି ଗୋର୍ଜେସ ଡ୍ୟାମ୍ ହେଉଛି ବିଶ୍ୱର ସର୍ବବୃହତ୍ ଜଳବିଦ୍ୟୁତ୍ ପାୱାର ଷ୍ଟେଶନ। ଚାଇନାର ଇତିହାସ, ସଂସ୍କୃତି ଓ ଅର୍ଥନୀତିକୁ ହଜାର ହଜାର ବର୍ଷ ଧରି ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ନେଇଆସିଥିବା ୟାଙ୍ଗଜି ନଦୀ ଦେଶବାସୀଙ୍କୁ କମ୍ ଦୁଃଖ ବି ଦେଇନି। ପ୍ରତିବର୍ଷ ପ୍ରଳୟଙ୍କରୀ ବନ୍ୟା ଯୋଗୁ ଲକ୍ଷ ଲକ୍ଷ ଲୋକ ବାସଚ୍ୟୁତ ହୋଇଥାନ୍ତି।

ଚଳିତବର୍ଷ ଜୁନ୍ ୧ରେ ଏସିଆରେ ମୌସୁମୀ ଋତୁ ଆରମ୍ଭ ହୋଇଥିଲା। ମୌସୁମୀଜନିତ ଲଗାଣ ବର୍ଷା ଯୋଗୁ ଚାଇନାର ଥ୍ରି ଗୋର୍ଜେସ ଡ୍ୟାମ୍‌ରେ ଜଳସ୍ତର ୧୫ ମିଟର ବୃଦ୍ଧି ପାଇ ୧୬୪.୧୮ ମିଟରରେ ପହଞ୍ଚିଛି। ନଦୀବନ୍ଧ ଯୋଜନାର ମୋଟ ଜଳଧାରଣ କ୍ଷମତା ୧୭୫ ମିଟର ହୋଇଥିବାବେଳେ ୨୦୧୨ ବନ୍ୟା ବେଳେ ଡ୍ୟାମ୍‌ର ଜଳସ୍ତର ୧୬୩.୧୧ ମିଟର ଛୁଇଁଥିଲା। ଫଳରେ ଏହି ଡ୍ୟାମ୍‌ଗୁଡ଼ିକ ଜରିଆରେ ବନ୍ୟା ନିୟନ୍ତ୍ରଣ କରାଯାଇ ପାରିନାହିଁ। ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଥିବାରୁ ଏହା ଭୁଶୁଡ଼ିଯିବା ଆଶଙ୍କା ଦେଖାଦେଲାଣି। କାରଣ ଚାଇନାରେ ବିଗତ କିଛି ଦଶନ୍ଧି ମଧ୍ୟରେ ଏତେ ପରିମାଣର ବର୍ଷା ହୋଇ ନ ଥିଲା। ସେହିପରି ମୌସୁମୀ ଋତୁ ଶେଷ ହୋଇ ନ ଥିବାରୁ ଆଗକୁ ସଙ୍କଟ ବଢ଼ିବା ଜଳଜଳ ହୋଇ ଦେଖାଯାଉଛି। କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ ବୋଲି କୁହାଯାଉଥିବା ଉହାନ ସିଟି ସମେତ ଆନ୍‌ହୁଇ, ଜିଆଙ୍ଗଶି ଓ ଝେଜିଆଙ୍ଗ୍‌ରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଏସବୁକୁ ଦେଖି ଚାଇନାବାସୀ ଏବେ ୧୯୯୮ ଏବଂ ୧୯୫୪ର ବନ୍ୟା କଥା ମନେପକାଉଛନ୍ତି।

## ବନ୍ୟାର ରାଜନୈତିକ ପ୍ରଭାବ

ୟାଙ୍ଗଜି ନଦୀ ହେଉଛି ଚାଇନାର ମାନୁଫାକ୍ଚରି ଓ ଶିପିଂ ପାଇଁ ପ୍ରମୁଖ କ୍ଷେତ୍ର। ସାଂଘାଇଠାରେ ପୂର୍ବ ଚାଇନା ସାଗରରେ ମିଶିଥିବା ଏହି ନଦୀରେ ଆସିଥିବା ବନ୍ୟା କେବଳ ଚାଇନାର ଅର୍ଥନୀତିକୁ ପ୍ରଭାବିତ କରିନାହିଁ, ବରଂ ବିଶ୍ୱର ଅର୍ଥ ବ୍ୟବସ୍ଥା ପାଇଁ ମଧ୍ୟ ଅଶୁଭ ସଙ୍କେତ ଆଣିଦେଇଛି। ଏହାର ରାଜନୈତିକ ପ୍ରଭାବ ୧୯୮୬ ଏପ୍ରିଲ ୨୬ରେ ସୋଭିଏଟ୍ ୟୁନିୟନର ଚେର୍ନୋବିଲ୍ ବିପର୍ଯ୍ୟୟ ଭଳି ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି)କୁ ଅସ୍ଥିର କରିବା ପାଇଁ ପର୍ଯ୍ୟାପ୍ତ। ସାମ୍ପ୍ରତିକ ସଙ୍କଟ ସିପିସି ଜେନେରାଲ ସେକ୍ରେଟାରି ତଥା ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ପାଇଁ ଅଡୁଆ ସାଜିପାରେ ବୋଲି ଅନେକ ବିଶେଷଜ୍ଞ ମତ ଦେଇଛନ୍ତି।

ଆମେରିକାରେ ଜର୍ଜ ବୁଶ ରାଷ୍ଟ୍ରପତି ଥିବାବେଳେ କାଟ୍ରିନା ଝଡ଼ ତାଙ୍କ ଛବିକୁ ଯେପରି ମଳିନ କରିଦେଇଥିଲା ଚାଇନାର ବନ୍ୟାକୁ ଜିନ୍‌ପିଙ୍ଗଙ୍କ ସେହିପରି ବିଫଳତା ଭାବେ ଦେଖାଗଲାଣି। ଆମେରିକା, ତାଇୱାନ, ଜାପାନ ଓ ଭାରତ ସମେତ ଅନେକ ଦେଶ ସହ ବିବାଦରେ ଛନ୍ଦି ହୋଇଯାଇଥିବା ଚାଇନା ରାଷ୍ଟ୍ରମୁଖ୍ୟ ଜିନ୍‌ପିଙ୍ଗ ଥ୍ରି ଗୋର୍ଜେସ ଡ୍ୟାମ ପରିଦର୍ଶନ କରିନାହାନ୍ତି। କରୋନା ଭାଇରସ୍‌କୁ ନେଇ ଦେଶବାସୀ ଅସନ୍ତୁଷ୍ଟ ଥିବାବେଳେ ବନ୍ୟା ନିୟନ୍ତ୍ରଣରେ ବିଫଳତା ଜନାକ୍ରୋଶକୁ ବହୁଗୁଣିତ କରିବା ଆଶଙ୍କା ସୃଷ୍ଟି ହୋଇଛି।



ହୁବେଇ ପ୍ରଦେଶସ୍ଥିତ ଥ୍ରି ଗୋର୍ଜେସ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ହେଉଛି।

# କାର୍ଗିଲ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

- ଶହୀଦଙ୍କ ପ୍ରତି ଦେଶ ଚିରକୃତଜ୍ଞ ରହିବ: ରାଷ୍ଟ୍ରପତି
- ସେନାର ବୀରତା ବହୁ ପିଢ଼ିକୁ ଅନୁପ୍ରାଣିତ କରିବ: ମୋଦି

ନୂଆଦିଲ୍ଲୀ,୨୬।୭(ପି.ଟି.)

କାର୍ଗିଲ ବିଜୟ ଦିବସର ୨୧ତମ ବାର୍ଷିକୀ ଅବସରରେ ରବିବାର ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ୧୯୯୯ ମସିହା ଆଜିର ଦିନରେ ଭାରତୀୟ ସେନା ପାକିସ୍ତାନ ଉପରେ ବିଜୟ ହାସଲ କରିବା ସହ କାର୍ଗିଲକୁ ପାକ୍ ସୈନ୍ୟଙ୍କ କବଳରୁ ମୁକ୍ତ କରିଥିଲା। ଏହି ଅବସରରେ କୃତଜ୍ଞ ରାଷ୍ଟ୍ର ଏହାର ବୀର ଯବାନମାନଙ୍କୁ ସ୍ମରଣ କରିଛି। ଲେହରେ ଜେନେରାଲ କମାଣ୍ଡିଂ ଅଫିସର ଲ୍ୟୁଟନାଣ୍ଟ ଜେନେରାଲ ହରିନ୍ଦର ସିଂ ଦ୍ରାସସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକୀରେ ରାଷ୍ଟ୍ର ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

କାର୍ଗିଲ ଯୁଦ୍ଧରେ ଭାରତର ୫୨୭ ଯବାନ ଶହୀଦ ହୋଇଥିଲେ। ଭାରତ ମାତାର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଯବାନମାନଙ୍କ ନିକଟରେ ଦେଶ ଚିର କୃତଜ୍ଞ ରହିବ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଗିଲ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ସେମାନଙ୍କ ବୀରତା ବହୁ ପିଢ଼ିଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ୨୧ ବର୍ଷ ତଳେ ପାକିସ୍ତାନ ତା'ର ଦୁଃସାହସର ପରିଣତି ଭୋଗ କରିଥିଲା ବୋଲି ମୋଦି କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭାରତର ଦୁଃସାହସୀ ଯୋଦ୍ଧାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀ କାର୍ଗିଲ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଯାଉଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।

# ରାଜସ୍ଥାନରେ ଅଚଳାବସ୍ଥା ଜାରି



ଅଶୋକ ଗେହଲଟ

- ୩୧ରେ ଅଧିବେଶନ ଡାକିବାକୁ ରାଜ୍ୟପାଳଙ୍କୁ ଜଣାଇଲେ ଗେହଲଟ
- ଆଜିଠାରୁ କଂଗ୍ରେସର ଦେଶବ୍ୟାପୀ ବିକ୍ଷୋଭ

ଜୟପୁର,୨୬।୭(ପି.ଟି.)

ରାଜସ୍ଥାନରେ ସରକାର ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ ଚଳାଇଥିବା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବିଧାନସଭା ଅଧିବେଶନ ଡାକିବା ଲାଗି ରାଜ୍ୟପାଳଙ୍କ ପାଖକୁ ଦ୍ୱିତୀୟ ପ୍ରସ୍ତାବ ପଠାଇଛନ୍ତି। ଜୁଲାଇ ୩୧ରେ ବିଧାନସଭା ଅଧିବେଶନ ଡାକିବା ଲାଗି ରାଜ୍ୟ କ୍ୟାବିନେଟ ରାଜ୍ୟପାଳ କଲରାଜ ମିଶ୍ରଙ୍କୁ ଏକ ସଂଶୋଧିତ ପ୍ରସ୍ତାବ ଦେଇଛି। ଶନିବାର ରାତିରେ ଉକ୍ତ ପ୍ରସ୍ତାବ ଆସିଥିବା ରାଜଭବନ ସୂତ୍ରରୁ ଜଣାପଡିଛି। ତେବେ ପ୍ରସ୍ତାବରେ ଆସ୍ଥାଭୋଟ ସମ୍ପର୍କରେ କିଛି ଲେଖାଯାଇନାହିଁ। କରୋନା ମହାମାରୀ ସମ୍ପର୍କରେ ଆଲୋଚନା ପାଇଁ ଅଧିବେଶନ ଡାକିବାକୁ ପ୍ରସ୍ତାବରେ ଉଲ୍ଲେଖ ରହିଛି।

ପୂର୍ବରୁ ମୁଖ୍ୟମନ୍ତ୍ରୀ ଅଧିବେଶନ ଡାକିବା ପାଇଁ ଶୁକ୍ରବାର ପ୍ରସ୍ତାବ ଦେଇଥିଲେ ହେଁ ସେଥିରେ ତାରିଖ ଓ କାରଣ ଉଲ୍ଲେଖ ନ ଥିବାରୁ ରାଜ୍ୟପାଳ ତାହାକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ କଂଗ୍ରେସ ବିଧାୟକମାନେ ରାଜଭବନ ପରିସରରେ ୫ ଘଣ୍ଟା ଧାରଣାରେ ବସିଥିଲେ। ଗେହଲଟ କହିଛନ୍ତି, ତାଙ୍କୁ ସମର୍ଥନ ଦେଉଥିବା କେତେଜଣ ବିଧାୟକ ଗୁରୁଗ୍ରାମରେ ବିଦ୍ରୋହୀ କ୍ୟାମ୍ପରେ ରହିଯାଇଛନ୍ତି। ସେମାନେ ଜୟପୁର ଫେରିଲେ ତାଙ୍କ ସମର୍ଥକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଜଣାଇଛନ୍ତି। ଇତିମଧ୍ୟରେ ରାଜସ୍ଥାନ ପ୍ରସଙ୍ଗକୁ ନେଇ କଂଗ୍ରେସ ସୋମବାରଠାରୁ ଭାଜପା ବିରୋଧରେ ଦେଶବ୍ୟାପୀ ବିକ୍ଷୋଭ କରିବାକୁ ଯୋଜନା କରୁଛି।

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ତାଙ୍କର ୧୮ ଅନୁଗତ ବିଧାୟକ ବିଦ୍ରୋହ କରିବାରୁ ରାଜସ୍ଥାନ କଂଗ୍ରେସ ସରକାର ରାଜନୈତିକ ସଙ୍କଟର ସମ୍ମୁଖୀନ ହୋଇଛି। ବିଧାନସଭା ଅଧିବେଶନ ଡାକି ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ମୁଖ୍ୟମନ୍ତ୍ରୀ ଗେହଲଟ ଚାହୁଁଛନ୍ତି। ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ଅଧିବେଶନ ଡାକିବାରେ ବିଳମ୍ବ କରୁଥିବା କଂଗ୍ରେସ ରବିବାର ଅଭିଯୋଗ କରିଛି। ରାଜ୍ୟପାଳ ନିଜ ଇଚ୍ଛାରେ କିଛି କରିପାରିବେ ନାହିଁ। କ୍ୟାବିନେଟ ସୁପାରିସ୍‌କୁ ତାଙ୍କୁ କାର୍ଯ୍ୟକାରୀ କରିବାକୁ ପଡ଼ିବ ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭି କହିଛନ୍ତି। ଉଦ୍ଦେଶ୍ୟମୂଳକଭାବେ ଅଧିବେଶନ ଡକାଯାଉ ନ ଥିବାରୁ ଏହା ପଛରେ କେନ୍ଦ୍ର ସରକାରର ଶୀର୍ଷ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଥିବା ନିଃସନ୍ଦେହ ବୋଲି ସେ ଅଭିଯୋଗ କରିଛନ୍ତି।

# କରୋନା ଭୟ ଦୂର ହୋଇନାହିଁ

ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



ନୂଆଦିଲ୍ଲୀ,୨୬।୭(ପି.ଟି.)

ଅନ୍ୟ ଦେଶ ତୁଳନାରେ ଭାରତରେ କରୋନା ଆରୋଗ୍ୟ ହାର ବେଶ୍ ଭଲ ରହିଥିବାବେଳେ ମୃତ୍ୟୁହାର ସର୍ବନିମ୍ନ ରହିଛି। ଏହା ସତ୍ତ୍ୱେ ଦେଶରୁ କରୋନା ଭୟ ଦୂର ହୋଇନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ କେତେକ ଅଞ୍ଚଳରେ ଏହି ଭୂତାଣୁ ଦ୍ରୁତ ବେଗରେ ବ୍ୟାପିଚାଲିଛି। ତେଣୁ ଲୋକମାନଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଛନ୍ତି। ମହାମାରୀକୁ ମୁକାବିଲା କରିବାରେ ଗ୍ରାମାଞ୍ଚଳଗୁଡ଼ିକ ସାରା ଦେଶ ପାଇଁ ମାର୍ଗଦର୍ଶକ ସାଜିଛନ୍ତି। ସ୍ୱାସ୍ଥ୍ୟ ସଙ୍କଟ ସମୟରେ ଅନେକ ଗାଁ ଓ ପଞ୍ଚାୟତର ଜନସାଧାରଣ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଲାଗି ଆଗେଇ ଆସିଛନ୍ତି। ମାସ୍କ ପିନ୍ଧିବା କିମ୍ବା ମୁହଁକୁ ଗାମୁଛାରେ ଘୋଡାଇବା, ଦୁଇଗଜ ଦୂରତ୍ୱ ବଜାୟ ରଖିବା, ହାତକୁ ବାରମ୍ବାର ଧୋଇବା, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ଏବଂ ସ୍ୱାସ୍ଥ୍ୟ ଓ ପରିମଳ ପ୍ରତି ଉପଯୁକ୍ତ ଧ୍ୟାନ ଦେବା କରୋନା କବଳରୁ ରକ୍ଷା ପାଇବାର ଅସ୍ତ୍ର ବୋଲି ମୋଦି କହିଥିଲେ।

କରୋନା ମହାମାରୀ ବେଳେ ମହିଳା ଓ ଯୁବପିଢ଼ି ସେମାନଙ୍କ ପ୍ରତିଭା ଓ ଦକ୍ଷତା ଅନୁଯାୟୀ ନୂଆ ନୂଆ କାର୍ଯ୍ୟ ହାତକୁ ନେଇ ସଫଳତା ହାସଲ କରିଛନ୍ତି। ବିହାର, ଝାଡ଼ଖଣ୍ଡ ଓ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ଲୋକମାନେ ସ୍ଥାନୀୟ ସମ୍ବଳ ଓ ନିଜ ଦକ୍ଷତାର ଉପଯୋଗ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛନ୍ତି। ବିହାରର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ପ୍ରସ୍ତୁତ କରିଥିବା ମଧୁବଣି ମାସ୍କ ବେଶ୍ ଲୋକପ୍ରିୟ ହୋଇପାରିଛି। ଏହା ସ୍ୱାସ୍ଥ୍ୟର ସୁରକ୍ଷା କରିବା ସହ ଆଞ୍ଚଳିକ ପରମ୍ପରାର ପ୍ରଚାର କରିପାରିଛି ଓ ଏଥିସହିତ ଅନେକଙ୍କୁ ରୋଜଗାରର ଅବସର ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେହିପରି ଆସାମ, ତ୍ରିପୁରା ଓ ମଣିପୁରର ଉଦ୍ଧମାନର ବାଉଁଶ କାରିଗରିକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଏହା ଆତ୍ମନିର୍ଭର ଭାରତ ନିର୍ମାଣରେ ସହାୟକ ହେବ ବୋଲି ସେ କହିଥିଲେ।

# ଦିନକରେ ସର୍ବାଧିକ ୩୬,୧୪୫ ସୁସ୍ଥ

ନୂଆଦିଲ୍ଲୀ,୨୬।୭(ପି.ଟି.)

ଦିନକ ମଧ୍ୟରେ ସର୍ବାଧିକ ୩୬,୧୪୫ କରୋନା ରୋଗୀ ସୁସ୍ଥ ହୋଇଥିବା ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ଦେଶରେ ଆରୋଗ୍ୟ ହାର ୬୩.୯୨ ପ୍ରତିଶତକୁ ବୃଦ୍ଧି ପାଇଛି। କରୋନା ଜନିତ ମୃତ୍ୟୁ ହାର ମଧ୍ୟ ୨.୩୧ ପ୍ରତିଶତକୁ ଖସିଆସିଛି। ଶନିବାର ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୩,୮୫,୫୨୨ରେ ପହଞ୍ଚିଥିବାବେଳେ ସେଥିରୁ ୮,୮୫,୫୭୬ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ଆକ୍ଟିଭ୍ ମାମଲାଠାରୁ ସୁସ୍ଥ ହୋଇଥିବା ଲୋକଙ୍କ ସଂଖ୍ୟା ୪,୧୭,୬୭୪ ଅଧିକ। କୋଭିଡ୍ ପରୀକ୍ଷାରେ ମଧ୍ୟ ରେକର୍ଡ ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୪,୪୨,୨୬୩ ସ୍ୱାବ୍ ନମୁନା ପରୀକ୍ଷା କରାଯାଇଛି। ପ୍ରତି ନିୟୁତ ଜନସଂଖ୍ୟାରେ ପରୀକ୍ଷା ହାର ୧୧,୮୦୫କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ମୋଟ ୧,୬୨,୯୧,୩୩୧ ଜଣଙ୍କର କୋଭିଡ୍ ପରୀକ୍ଷା କରାଗଲାଣି। ସରକାରୀ ଲାବ୍‌ରେ ଗୋଟିଏ ଦିନରେ ୩,୬୨,୧୫୩ ନମୁନା ପରୀକ୍ଷା ହୋଇଛି, ଯାହାକି ଏକ ନୂଆ ରେକର୍ଡ। ୨୪ ଘଣ୍ଟା ମଧ୍ୟରେ ଦେଶରେ ୪୮,୬୬୧ ଜଣ ସଂକ୍ରମିତ ହୋଇଛନ୍ତି ଓ ୭୦୫ ଜଣଙ୍କ ମୃତ୍ୟୁ ଘଟିଛି।

# ଅରୁଣାଚଳ ସୀମାରେ ଚାଇନା ସୈନ୍ୟ

ଗୋଇନ୍ଦା ସାଟେଲାଇଟରୁ ମିଳିଲା ସୂଚନା



ନୂଆଦିଲ୍ଲୀ,୨୬।୭(ଆଇଏଏନ୍ଏସ୍)

ପୂର୍ବ ଲଦାଖରେ ଚାଇନା ସୈନ୍ୟ ପ୍ରବେଶ କରି ଭାରତୀୟ ଅଞ୍ଚଳକୁ ଅକ୍ତିଆର କରିବାକୁ ଯୋଜନା ଚଳାଇଥିବାବେଳେ ଏହାକୁ ନେଇ ୩ ମାସ ହେଲା ସୀମାରେ ଉତ୍ତେଜନା ଲାଗି ରହିଛି। ଦୁଇଦେଶର ସୈନ୍ୟ ମୁହାଁମୁହିଁ ହେବା ସହ ରକ୍ତାକ୍ତ ସଂଘର୍ଷ ମଧ୍ୟ ହୋଇଥିଲା। ବହୁସ୍ତରୀୟ ସାମରିକ ଓ କୂଟନୈତିକ ଆଲୋଚନା ପରେ ଉଭୟ ଦେଶ ସୈନ୍ୟ ପ୍ରତ୍ୟାହାର କରିବାକୁ ରାଜି ହୋଇଥିଲେ। ଚାଇନା କେତେକ ଅଞ୍ଚଳରୁ ସୈନ୍ୟଙ୍କୁ ଫେରାଇ ନେଇଥିଲେ ହେଁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରୁନାହିଁ। ଫଳରେ ଭାରତୀୟ ସେନା ସୀମା ଉପରେ କଡ଼ା ନଜର ରଖିବା ସହ ଯେକୌଣସି ସ୍ଥିତିର ସାମନା କରିବାକୁ ପ୍ରସ୍ତୁତ ହୋଇ ରହିଛି। ସେପଟେ ଅରୁଣାଚଳ ପ୍ରଦେଶ ସୀମାବର୍ତ୍ତୀ ଚାଇନା ଅଧିକୃତ ତିବ୍ବତ୍‌ରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ସୈନ୍ୟ ଠୁଳ କରିଥିବା ଜଣାପଡିଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ପରିଚାଳିତ ଭାରତର ଗୋଇନ୍ଦା ତଥ୍ୟ ସଂଗ୍ରହକାରୀ ସାଟେଲାଇଟ୍ ଏମିସାଟ୍ ସିଗ୍ନାଲରୁ ଏହା ସ୍ପଷ୍ଟ ହୋଇଛି। ତିବ୍ବତରେ ଥିବା ପିଏଲ୍ଏ ପୋଜିଶନ ଉପର ଦେଇ ଶନିବାର ଏମିସାଟ୍ ଅତିକ୍ରମ କରିଥିଲା। ଏହି ସାଟେଲାଇଟରେ କୌଟିଲ୍ୟ ନାମରେ ଇଲେକ୍ଟ୍ରୋନିକ୍ ଇଣ୍ଟେଲିଜେନ୍ସ (ଏଲିଣ୍ଟ) ପ୍ୟାକେଜ୍ ରହିଛି। ସୀମାରେ ଶତ୍ରୁପକ୍ଷର ଗତିବିଧି ଉପରେ ତଥ୍ୟ ସଂଗ୍ରହ ପାଇଁ ଏଲିଣ୍ଟ ମିଶନର ମନିଟର ରେଡିଓ ସିଗ୍ନାଲ ବ୍ୟବହାର କରାଯାଉଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଏହାର ନିର୍ମାଣ କରିଛି।

ଲଦାଖର ପଙ୍ଗଓଙ୍ଗ ସୋ ଦେଇ ଯାଇଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅନ୍ତର୍ଗତ ଫିଙ୍ଗର ୪ ଅଞ୍ଚଳରୁ ଚାଇନା ନିର୍ମାଣକୁ ହଟାଇବା ପାଇଁ ଭାରତ ଓ ଚାଇନା ମଧ୍ୟରେ ଆଲୋଚନାର ଦିନକ ପରେ ସାଟେଲାଇଟ ଏହି ସିଗ୍ନାଲ ପଠାଇଛି। ଆଲୋଚନା ଫଳପ୍ରଦ ହୋଇ ନ ଥିବାବେଳେ ଉତ୍ତେଜନା ହ୍ରାସ ଓ ସୈନ୍ୟ ପ୍ରତ୍ୟାହାର ପାଇଁ ବୈଠକ ଜାରି ରଖିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ। ଡେପସାଙ୍ଗ ସେକ୍ଟରରେ ମଧ୍ୟ ଚାଇନା ସୈନ୍ୟ ରହିଥିବା ଜଣାପଡ଼ିଛି। ସେମାନେ ଏଲ୍ଏସି ସେପଟେ ମାଟି ଖୋଳୁଥିବା ଦେଖିବାକୁ ମିଳିଛି। ୨୦୧୩ରେ ପିଏଲ୍ଏ ଡେପସାଙ୍ଗ ଅଞ୍ଚଳରେ ପ୍ରବେଶ କରିଥିଲା।

ଶୁକ୍ରବାର ଭାରତର ରିସାଟ-୨ବିଆର୍୧ ସାଟେଲାଇଟ୍ ଆଫ୍ରିକାର ଜିବୁଟି ଦେଇ ଅତିକ୍ରମ କରିଥିଲା। ସେଠାରେ ଚାଇନା ନୌସେନାର ଘାଟି ରହିଛି। ଦରିଆପାରିରେ ଚାଇନାର ଏହା ପ୍ରଥମ ସାମରିକ ଘାଟି। ଜିବୁଟି ଉପକୂଳ ନିକଟରେ ଚାଇନା ତିନୋଟି ଯୁଦ୍ଧଜାହାଜ ରଖିଥିବା ନିକଟରେ ଏକ ରିପୋର୍ଟରୁ ଜଣାପଡିଛି। ଜୁଲାଇ ୧୧ରେ ଏମିସାଟର ଏଲିଣ୍ଟ ପାକିସ୍ତାନର ଓର୍ମାରା ନୌସେନା ବେସ୍ ନିକଟ ଦେଇ ପାସ୍ କରିଥିଲା। ସେଠାରେ ଚାଇନା କିଛିବର୍ଷ ହେଲା ବୁଡ଼ାଜାହାଜ ମୁତୟନ କରିଛି। ଏଲ୍ଏସି ଅଚଳାବସ୍ଥାକୁ ନେଇ ନୂଆଦିଲ୍ଲୀ ଓ ବେଜିଂ ମଧ୍ୟରେ ଆଲୋଚନା ଚାଲିଥିବାବେଳେ ଆଗାମୀ ଶୀତ ଋତୁରେ ଚାଇନା ଓ ପାକିସ୍ତାନ ଦୁଇପଟୁ ଭାରତ ଉପରେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ନେଇ ଲଦାଖ ଓ କଶ୍ମୀରରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

## ସଂକ୍ଷେପରେ

### ହାଇକୋର୍ଟର ୭୩ତମ ପ୍ରତିଷ୍ଠା ଦିବସ



**କଟକ ଅଫିସ,୨୬।୭:** ଓଡ଼ିଶା ହାଇକୋର୍ଟର ୭୩ତମ ପ୍ରତିଷ୍ଠା ଦିବସ ତଥା ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ୍ ବୀରକିଶୋର ରାୟଙ୍କ ମୃତ୍ୟୁବାର୍ଷିକୀ ରବିବାର ଆୟୋଜିତ ହୋଇଛି। ଏହି ଅବସରରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଓ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ହାଇକୋର୍ଟ ପରିସରରେ ଥିବା ଜଷ୍ଟିସ୍ ବୀକିଶୋର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କୋଭିଡ୍ କଟକଣା ଓ ସାମାଜିକ ଦୂରତ୍ୱ ରକ୍ଷାକରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ପ୍ରତିଷ୍ଠାର ଘଟଣାକ୍ରମ ଓ ଜଷ୍ଟିସ୍ ବୀରକିଶୋରଙ୍କ ଅବଦାନ ସମ୍ପର୍କରେ ସ୍ମରଣ କରାଯାଇଥିଲା। ଆଡ଼ଭୋକେଟ୍ ଜେନେରାଲ ଅଶୋକ ପରିଜା, ଜଷ୍ଟିସ୍ ବୀରକିଶୋର ରାୟ୍ ସ୍ମୃତି କମିଟିର ଉପସଭାପତି ସନାତନ ଦାସ, ସଦସ୍ୟ ଲକ୍ଷ୍ମୀନାରାୟଣ ପଟେଲ୍, କଟକ ନାଗରିକ କମିଟି ସମ୍ପାଦକ ଅଭୟ ବଡ଼ଜେନା, ସଦସ୍ୟ ଅକ୍ଷୟ ଦାସଙ୍କ ସମେତ ହାଇକୋର୍ଟର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**କ.ନୂଆଗାଁ/ଫିରିଙ୍ଗିଆ,୨୬।୭(ଡି.ଏନ.ଏ):** କନ୍ଧମାଳ ଜିଲାରେ ୪ଦିନିଆ ଶଟ୍‌ଡାଉନ୍ ଚାଲିଥିବାବେଳେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ହୋଇଛନ୍ତି କ.ନୂଆଗାଁ ବ୍ଲକ ସାରଙ୍ଗଗଡ ପଞ୍ଚାୟତ ପୂର୍ବତନ ସରପଞ୍ଚ ବ୍ରଜରାଜ ବିଷୋୟୀ। ରବିବାର ରାତି ପ୍ରାୟ ସାଢେ ୮ଟାରେ ବ୍ରଜରାଜ ଘରେ ଏକ କୋଠରିରେ ଏକୁଟିଆ ବସିଥିଲେ। ତାଙ୍କ ପଡୋଶୀ ଏକ ଟାଙ୍ଗିଆ ଧରି ଆସି ବ୍ରଜରାଜଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ପାଟିଶୁଣି ପାଖଘରେ ଥିବା ପରିବାରର ଅନ୍ୟ ସଦସ୍ୟ ଆସିଯିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସାରଙ୍ଗଗଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ବ୍ରଜରାଜଙ୍କୁ ମୃତ ଘୋଷଣା କରିଥିଲେ। ସାରଙ୍ଗଗଡ ପୋଲିସ ନଂ.୪୬/୨୦ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜମିବାଡିକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା କହିଛନ୍ତି।

### ଗୁଜେଡି ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ

### ଜଣେ ନିହତ, ଖସିଗଲେ ୪ ହାର୍ଡକୋର ମାଓବାଦୀ

**ମାଲକାନଗିରି/ଚିତ୍ରକୋଣ୍ଡା,୨୬।୭ (ଡି.ଏନ୍.ଏ./ସ୍ୱ.ପ୍ର.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ପଣସପୁଟ ପଞ୍ଚାୟତ ସୀମାନ୍ତ ଚିତ୍ରକୋଣ୍ଡା ଆନ୍ଧ୍ରାଭାରାମ ପୋଲିସ ଷ୍ଟେଶନ ନିକଟସ୍ଥ ଗୁଜେଡି ଜଙ୍ଗଲରେ ରବିବାର ସକାଳେ ମାଓବାଦୀ ଏବଂ ଆନ୍ଧ୍ର ଗ୍ରେହାଉଣ୍ଡ ପୋଲିସ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ହାର୍ଡକୋର ମାଓବାଦୀ ପାଙ୍ଗି ଦୟା ନିହତ ହୋଇଛନ୍ତି। ସେ ଆନ୍ଧ୍ରପ୍ରଦେଶର ଜି. ମାଡୁଗୁଲା ମଣ୍ଡଳ ଅଞ୍ଚଳର ବୋଲି ଜଣାପଡିଛି। ସେ ୬ବର୍ଷ ଧରି ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ପୋଲିସର ଏହି ଅପରେଶନ ବେଳେ ୪ଜଣ ହାର୍ଡକୋର ମାଓବାଦୀ ଖସିଯାଇଛନ୍ତି। ଅନ୍ୟପକ୍ଷରେ ମାଓବାଦୀମାନେ ମାଲକାନଗିରି ଜିଲାକୁ ପଶିଯିବା ଆଶଙ୍କାଥିବାରୁ ପଣସପୁଟ ଅଞ୍ଚଳରେ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଖବରରୁ ଜଣାପଡିଛି ଗୁଜେଡି ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ ଥିବା ଖବରପାଇ ଆନ୍ଧ୍ର ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ଏଥିରେ ମାଲକାନଗିରି ଜିଲାର ସୁରକ୍ଷାକର୍ମୀମାନେ ମଧ୍ୟ ସାମିଲ ହୋଇଥିଲେ। ପୋଲିସକୁ ଦେଖି ମାଓବାଦୀମାନେ ଗୁଳି ଚଳାଇବାରୁ ପୋଲିସ ପକ୍ଷରୁ ମଧ୍ୟ ପାଲଟା ଗୁଳିଚାଳନା କରାଯାଇଥିଲା। ପୋଲିସ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ସମୟରେ ଟପ୍ କ୍ୟାଡର ମାଓବାଦୀ ନେତା ଅକିରାଜୁ ହରଗୋପାଲ(ରାମକ୍ରିଷ୍ଣା), ଉଦୟ, ଅରୁଣା ଏବଂ ଜଗନଙ୍କ ପରି ନେତାମାନେ ଖସି ଯାଇଥିଲେ। ପରେ ଘଟଣାସ୍ଥଳ ତଲାସି ବେଳେ ପୋଲିସ ଏକ ଲ୍ୟାଣ୍ଡମାଇନ ନିଷ୍କ୍ରିୟ କରିବା ସହ ଗୋଟିଏ ଥ୍ରୀ ନଟ ଥ୍ରୀ ବନ୍ଧୁକ, ୩କିଟ୍ ବ୍ୟାଗ୍, ୩ ମୋବାଇଲ୍ ଜବତ କରି ବହୁ ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି।

# ରୋଗୀଙ୍କୁ ଘୃଣା କରି ପୁଷ୍ପ ବୃଷ୍ଟି

**ଭୁବନେଶ୍ୱର,୨୬।୭ (ବ୍ୟୁରୋ)**

କୋଭିଡ୍-୧୯ ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ କିମ୍ସ ହସ୍ପିଟାଲକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଥିଲେ। ୫୦୦ ସାଧାରଣ ଶଯ୍ୟା ସହ ୪୫ ଆଇସିୟୁ ଶଯ୍ୟାକୁ ନେଇ ଭୁବନେଶ୍ୱର କିମ୍ସ ଦେଶର ପ୍ରଥମ କୋଭିଡ୍ ହସ୍ପିଟାଲ ଭାବେ ଗୌରବ ହାସଲ କରିଥିଲା। ଗତ ଏପ୍ରିଲ ୨ରେ ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ସହ ଏପ୍ରିଲ ୫ରେ କରୋନା ପଜିଟିଭ୍ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। କିମ୍ସ ହସ୍ପିଟାଲର ଉନ୍ନତମାନର ସେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଶଂସା ମଧ୍ୟ କରିଥିଲେ। ଏଥିସହ କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଯୋଦ୍ଧାଙ୍କ ଉପରେ ଭାରତ ବାୟୁସେନା ପକ୍ଷରୁ ଆକାଶ ମାର୍ଗରୁ ପୁଷ୍ପ ବୃଷ୍ଟି ମଧ୍ୟ କରାଯାଇଥିଲା। ହେଲେ ଏଠାକାର ବର୍ତ୍ତମାନର ସ୍ଥିତି କିନ୍ତୁ ଭିନ୍ନ। କୋଭିଡ୍-୧୯ ଭଳି ସଙ୍କଟପୂର୍ଣ୍ଣ ସମୟରେ କିମ୍ସ ହସ୍ପିଟାଲକୁ ଆସୁଥିବା ରୋଗୀମାନେ କିଭଳି ହଇରାଣ ହେଉଛନ୍ତି, ତାହା କେବେଳ ଜଣେ ଅନୁଭବୀ ହିଁ କହିପାରିବ। କରୋନା ଆଳରେ ଏଠାକୁ ଅନ୍ୟ ରୋଗରେ ପୀଡ଼ିତ ଗୁରୁତର ରୋଗୀଙ୍କୁ କୋଭିଡ୍ ଟେଷ୍ଟ କରିବାକୁ ବାଧ୍ୟ କରାଯାଉଛି। ଏପରି କି ରିପୋର୍ଟ ନ ଆସିବା ଯାଏ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଉ ନାହିଁ। ହାର୍ଟ, କିଡ୍‌ନୀ ରୋଗୀଙ୍କଠୁ ଆରମ୍ଭ କରି ଗର୍ଭବତୀ ମହିଳା ଓ ହାଡ ଭାଙ୍ଗି ଯାଇଥିବା ଲୋକଙ୍କୁ ତୁରନ୍ତ ସେବା ଦେବା ପରିବର୍ତ୍ତେ ସେମାନଙ୍କୁ କୋଭିଡ୍-୧୯ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ସନ୍ଦିଗ୍ଧ ୱାର୍ଡରେ ରଖାଯାଉଛି। ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, କିମ୍ସକୁ କୋଭିଡ୍ ହସ୍ପିଟାଲର ମାନ୍ୟତା ମିଳିଥିବା ସତ୍ତ୍ୱେ କୌଣସି ରୋଗୀଙ୍କୁ ନିଜ ବ୍ୟବସ୍ଥାରେ କୋଭିଡ୍ ପରୀକ୍ଷା କରିବା ପାଇଁ ଏହି ହସ୍ପିଟାଲ ରାଜି ହେଉ ନ ଥିବା କଥା ରୋଗୀ ବଖାଣୁଛନ୍ତି। ଯେଉଁ ରୋଗୀମାନେ ଏନେଇ ପ୍ରତିବାଦ କିମ୍ବା ବିରୋଧର ସ୍ୱର ଉତ୍ତୋଳନ କରୁଛନ୍ତି ତାଙ୍କୁ ହସ୍ପିଟାଲରୁ ବିଦା କରି ଦିଆଯାଉଛି। ଏପରିକି କିମ୍ସରେ କାର୍ଯ୍ୟରତ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ମଧ୍ୟ ସମ୍ପୃକ୍ତ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେବାକୁ ଅନୁମିତ ଦିଆଯାଉ ନାହିଁ। ଯାହାଫଳରେ ଅନେକେ ବାଧ ହୋଇ ଅନ୍ୟ ହସ୍ପିଟାଲକୁ ଯିବା ଦେଖିବାକୁ ମିଳୁଛି। ଏଭଳି କିଛି ଘଟଣା ଅନୁସନ୍ଧାନରୁ ଜଣାପଡ଼ିଛି।

ଜରୁରୀ କାମରେ ରାଉରକେଲା ଯାଇଥିବା ପ୍ରତିଭା ମହାପାତ୍ର(୭୫) ହଠାତ୍ ଛାତିରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିବାରୁ ଗତ ୮ ତାରିଖରେ ଭୁବେନଶ୍ୱର କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ପୂର୍ବରୁ କିମ୍‌ସରେ ହୃଦ୍ ରୋଗରେ ଚିକିତ୍ସିତ ମଧ୍ୟ ହେଉଥିଲେ। ହେଲେ କୋଭିଡ୍-୧୯ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ତାଙ୍କୁ ପୂର୍ବରୁ ଚେକଅପ୍ କରୁଥିବା ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବା ଚିକିତ୍ସା କରିପାରିବେ ନାହିଁ ବୋଲି କହିଥିଲେ। ଫଳରେ ତାଙ୍କୁ ସନ୍ଦିଗ୍ଧ ୱାର୍ଡରେ ରଖାଯାଇ ରକ୍ତ ନମୁନା ନିଆଯାଇଥିଲା। ହେଲେ ୪ ଦିନ ପର୍ଯ୍ୟନ୍ତ ରିପୋର୍ଟ ଆସିଲା ନାହିଁ। ପ୍ରତିଭାଙ୍କ ଯନ୍ତ୍ରଣା ବୃଦ୍ଧି ପାଇବା ସତ୍ତ୍ୱେ ତାଙ୍କୁ ଚିକିତ୍ସା କରାଗଲା ନାହିଁ। ଶେଷରେ ପରିବାର ଲୋକେ ଭୟଭୀତ ହୋଇ ଚିକିତ୍ସା ପାଇଁ ପ୍ରତିଭାଙ୍କୁ ଭୁବନେଶ୍ୱରର ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଭର୍ତ୍ତି ହେବାର ୨ଦିନ ମଧ୍ୟରେ ରକ୍ତ ନମୁନା ପରୀକ୍ଷା କରାଯାଇ ରିପୋର୍ଟ ନେଗେଟିଭ୍ ଆସିଥିଲା। ହେଲେ ଆଶ୍ଚର୍ଯ୍ୟଜନକ କଥା ପ୍ରତିଭାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଗଲା ଯେ କୋଭିଡ୍ ପରୀକ୍ଷା ପାଇଁ ନିଆଯାଇଥିବା ରକ୍ତ ନମୁନା ଶୁଖିଯାଇଛି। ପୁନର୍ବାର ହସ୍ପିଟାଲ ଆସି ରକ୍ତ ନମୁନା ଦିଅ। ଏଥିରୁ କିମ୍ସ ହସ୍ପିଟାଲର ରୋଗୀ ସେବା ପ୍ରତି ଆନ୍ତରିକତାର ଅଭାବ ସ୍ପଷ୍ଟ ଜଣାପଡିଥିଲା।

ଅନୁରୂପ ଭାବେ ଗତ ୬ ମାସ ଧରି କିମ୍ସର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚେକ୍‌ଅପ କରାଉଥିବା ଜଣେ ଗର୍ଭବତୀଙ୍କର ଗତ ୨୦ ଜୁଲାଇ ସନ୍ଧ୍ୟାରେ ପ୍ରସବ ବେଦନା ନେଇ କିମ୍ସ ହସ୍ପିଟାଲରେ ପହଞ୍ଚିଥିଲେ। ସମାନ ଭାବେ ତାଙ୍କୁ ମଧ୍ୟ ଚିକିତ୍ସା ନିମନ୍ତେ କୋଭିଡ୍ ରିପୋର୍ଟ ଆଣିବାକୁ ବାଧ୍ୟ କରାଯାଇଥିଲା। ତାଙ୍କ ସହ ଥିବା ପରିବାର ଲୋକେ ପଚାରିଲେ, ଏହା ଏକ କୋଭିଡ ହସ୍ପିଟାଲ ହୋଇଥିବା ସତ୍ତ୍ୱେ ଅନ୍ୟତ୍ର ଯିବାର ପ୍ରୟୋଜନ କାହିଁକି ଉଠୁଛି। ହେଲେ ଏହି ଅନୁରୋଧକୁ ଶୁଣିବାକୁ କେହି ପ୍ରସ୍ତୁତ ହେଲେ ନାହିଁ। ଉକ୍ତ ଗର୍ଭବତୀଙ୍କୁ ସେଠାରୁ ନିଆଯାଇ ଅନ୍ୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଗଲା। ଉକ୍ତ ଘରୋଇ ହସ୍ପିଟାଲ ପକ୍ଷରୁ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥାର ଗୁରୁତ୍ୱକୁ ଅନୁଭବ କରି ତତ୍‌କ୍ଷଣାତ୍ କୋଭିଡ୍ ପରୀକ୍ଷା ସହ ତାଙ୍କର ପ୍ରସବ କରାଯାଇଥିଲା। ସମ୍ପୂର୍ଣ୍ଣ ସରକାରୀ ଆର୍ଥିକ ସହାୟତା ସହ କୋଭିଡ୍ ହସ୍ପିଟାଲ ମାନ୍ୟତା ପାଇଥିଲେ ମଧ୍ୟ ରୋଗୀ ସେବା ପ୍ରତି କିମ୍ସର ବେଖାତିର ଓ ଖାମଖିଆଲ ମନୋଭାବ ବୋଲି ଏଥିରୁ ସ୍ପଷ୍ଟ ପ୍ରମାଣିତ।

ଏଭଳି ଅବ୍ୟବସ୍ଥା ସମ୍ପର୍କରେ କିମ୍ସ ହସ୍ପିଟାଲର କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ବିଷ୍ଣୁ ପାଣିଗ୍ରାହୀ କହିଛନ୍ତି, ବର୍ତ୍ତମାନ ଦେଶ ତଥା ରାଜ୍ୟରେ କରୋନାର ପ୍ରକୋପ ବ୍ୟାପୁଥିବାରୁ ସମସ୍ତ ରୋଗୀଙ୍କୁ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ଏନେଇ ଅନେକ ସମସ୍ୟା ଦେଖାଯାଉଥିଲେ ମଧ୍ୟ ବିନା ଯାଞ୍ଚରେ ଚିକିତ୍ସା ସମ୍ଭବପର ହେଉ ନାହିଁ। ପୂର୍ବରୁ ହାଇଟେକ୍ନୋଲୋଜି ମେଶିନ ନ ଥିବା ସହ ଟେଷ୍ଟର ପରିମାଣ ଅଧିକ ଥିଲା, ଫଳରେ ପରୀକ୍ଷା କ୍ଷେତ୍ରରେ ଅନେକ ସମସ୍ୟା ଉପୁଜୁଥିଲା ଓ ସମୟ ମଧ୍ୟ ଲାଗୁଥିଲା। ହେଲେ ବର୍ତ୍ତମାନ ଗୋଟିଏ ଟେଷ୍ଟ ପାଇଁ ସ୍ୱଳ୍ପ ସମୟ ଲାଗୁଥିବା ବେଳେ ପରୀକ୍ଷା ସଂଖ୍ୟା ମଧ୍ୟ ଅଧିକ ହେଉଛି। ଯାହାକି ଆଗକୁ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ହେବା ସହ ସମସ୍ତେ କିପରି ଚିକିତ୍ସା ପାଇପାରିବେ ସେନେଇ ବ୍ୟବସ୍ଥା ହେଉଛି। କାହାକୁ ଜାଣିଶୁଣି ହଇରାଣ କରାଯାଉ ନାହିଁ ବୋଲି ପାଣିଗ୍ରାହୀ କହିଛନ୍ତି।



ଲକ୍‌ଡାଉନ୍ ସମୟରେ ରବିବାର ଭୁବନେଶ୍ୱର ରାଜରାସ୍ତାରେ ଚଳାଚଳ କରୁଥିବା ଯାନବାହନ।

# କରୋନା ମୃତକଙ୍କ ପିଲାଙ୍କୁ କିଟ୍‌ରେ ମିଳିବ ମାଗଣା ଶିକ୍ଷା

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**

କରୋନାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛି କିଟ୍ ବିଶ୍ୱବିଦ୍ୟାଳୟ। ମୃତକଙ୍କ ପିଲାଙ୍କୁ ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ଯୋଗାଇ ଦେବାକୁ ବିଶ୍ୱବିଦ୍ୟାଳୟ ରବିବାର ଘୋଷଣା କରିଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅନୁରୋଧକ୍ରମେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ କରୋନାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପରିବାର କୌଣସି ପୁଅ ବା ଝିଅ କିଟ୍‌ରେ ବୈଷୟିକ ଉଚ୍ଚ ଶିକ୍ଷା ପାଇଁ ଯଦି ଆଗ୍ରହୀ ଥାଆନ୍ତି, ତେବେ ଯୋଗ୍ୟତା ଅନୁସାରେ ସେମାନଙ୍କୁ ବିଶ୍ୱବିଦ୍ୟାଳୟର ଯେକୌଣସି ବୈଷୟିକ (ଟେକ୍ନିକାଲ) ଓ ବୃତ୍ତିଗତ (ପ୍ରଫେଶନାଲ) ପାଠ୍ୟକ୍ରମରେ ମାଗଣା ପଢ଼ିବାର ସୁଯୋଗ ଦିଆଯିବ। ଆସନ୍ତା ଦୁଇ ଶିକ୍ଷାବର୍ଷ ୨୦୨୦-୨୧ ଓ ୨୦୨୧-୨୨ ପାଇଁ ଏହା ଲାଗୁ ହେବ ବୋଲି କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। କିଟ୍‌ରେ ଆଇଟିଆଇ, ଡିପ୍ଲୋମା ଇଞ୍ଜିନିୟରିଂ ସମେତ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ଯୋଗ୍ୟତା ଅନୁସାରେ ଆବେଦନ କଲେ ସେମାନଙ୍କୁ ଏହି ସୁବିଧା ମିଳିବ। ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ), ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଏବଂ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦିଆଯିବ। କାରୋନା ମହାମାରୀ ସମୟରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କାରୋନାରେ ଅସହାୟ ହୋଇପଡ଼ିଥିବା ମୃତକଙ୍କ ପରିବାର ତଥା ଓଡ଼ିଶାବାସୀଙ୍କୁ କିଛିଟା ଆଶ୍ୱସ୍ତି ଦେବ ବୋଲି ଡ. ସାମନ୍ତ ସୂଚନା ଦେଇଛନ୍ତି।

## କୁମ୍ଭୀର ଆକ୍ରମଣରେ ନାବାଳକ ମୃତ

**ରାଜକନିକା, ୨୬।୭(ଡି.ଏନ୍.ଏ.)**

ଖରସ୍ରୋତା ନଦୀରେ ରବିବାର କୁମ୍ଭୀର ଆକ୍ରମଣରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ପାରିମକୁନ୍ଦପୁର ଗ୍ରାମର ଜଣେ ନାବଳକଙ୍କ ମୃତ ଘଟିଛି। ଅନ୍ୟ ଜଣେ ଯୁବକ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ରୁଦ୍ରନାରାୟଣ ବେହେରା(୧୬)। ଏଥିରେ ଲିପନ ବେହେରା(୩୦) ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ନଦୀଘାଟରେ ଗାଧୋଉଥିବା ବେଳେ ଏକ କୁମ୍ଭୀର ସେମାନଙ୍କୁ ଆକ୍ରମଣ କରିଥିଲା। ଲିପନ କୌଣସିମତେ ଖସିଯାଇଥିବା ବେଳେ ରୁଦ୍ରନାରାୟଣ ନିଖୋଜ ହୋଇଯାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରି ରାତିରେ ମୃତଦେହ ଉଦ୍ଧାର କରିଛନ୍ତି। ରୁଦ୍ରନାରାୟଣଙ୍କ ଗୋଟିଏ ହାତ ଓ ଗୋଡ଼ ନ ଥିବା ଜଣାପଡ଼ିଛି।




## ୧୪ ଦୃଷ୍ଟିହୀନ ପଜିଟିଭ ଚିହ୍ନଟ

**ଭୁବନେଶ୍ୱର,୨୬।୭(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ରବିବାର ଚିହ୍ନଟ ହୋଇଥିବା ୧୬୩ ଆକ୍ରାନ୍ତଙ୍କ ମଧ୍ୟରେ ୧୪ ଜଣ ଦୃଷ୍ଟିହୀନ ଅଛନ୍ତି। ସେମାନଙ୍କଠାରେ କିଛି ଲକ୍ଷଣ ଦେଖାଯିବା ପରେ ସାଥି ହୋଇ ରହୁଥିବା ସମସ୍ତଙ୍କର ନମୁନା ପରୀକ୍ଷା ହୋଇଥିଲା। ସେମାନଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ବିଏମ୍‌ସି ସମସ୍ତଙ୍କୁ ହୋମ୍ ଆଇସୋଲୋଶନରେ ରଖି ଚିକିତ୍ସା ବ୍ୟବସ୍ଥା କରାଇଛି। ଖାରବେଳ ନଗରସ୍ଥିତ ଉତ୍କଳ ଦୃଷ୍ଟିହୀନ ସଂଘ ସହ ଜଡ଼ିତ ଥିବା ୧୭ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ସେଥିରେ ସଂଘର ଜଣେ ସୁଇପର ଓ ଅନ୍ୟ ଦୁଇ କର୍ମଚାରୀଙ୍କ ବ୍ୟତୀତ ୧୪ ଜଣ ଦୃଷ୍ଟିହୀନ ଅନ୍ତେବାସୀ ରହିଛନ୍ତି। ଉତ୍କଳ ଦୃଷ୍ଟିହୀନ ସଂଘର ସାଧାରଣ ସମ୍ପାଦକ ବିହାରୀ ନାୟକ କହିଛନ୍ତି, କୋଭିଡ-୧୯ ଗାଇଡ୍‌ଲାଇନ୍ ଜାରି ହେବା ପରେ ଏଠାକାର ଅନ୍ତେବାସୀଙ୍କୁ ନିଜ ଘରକୁ ଚାଲିଯିବା ପାଇଁ କୁହାଯାଇଥିଲା। ସେମାନେ ଯାଇ ନ ପାରି ଏଠାରେ ରହୁଥିଲେ। ଲକ୍‌ଡାଉନ ବେଳେ ବିଏମ୍‌ସି ପକ୍ଷରୁ ଅନ୍ତେବାସୀଙ୍କୁ ଦୁଇ ଟାଇମ୍ ଖାଦ୍ୟ ଦିଆଯାଉଥିଲା। କୌଣସି ମତେ ସେମାନେ ସଂକ୍ରମିତ ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ସଂଘ ଚାଲିଥିବା ଘରର ଉପର ହଲ୍‌ରେ ରଖାଯାଇଛି। ସେମାନଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରାଯାଇ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ହୀରାକୁଦ ଡ୍ୟାମ୍ ଜଳସ୍ତର ୬୦୫.୧୫ ଫୁଟ୍

**ସମ୍ବଲପୁର,୨୬।୭(ବ୍ୟୁରୋ)**

ହୀରାକୁଦ ଡ୍ୟାମ୍‌ର ଜଳସ୍ତର ରବିବାର ସନ୍ଧ୍ୟା ସୁଦ୍ଧା ୬୦୫.୧୫ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୯୮ ହଜାର ୨୬୦ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୨ଟି ଓ ବାମ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ୍ ସହ ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୭୪ ହଜାର ୪୪୩ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ବେଲଗାଁରେ ୨୧ ହଜାର, ପଥର୍ଲାରେ ୫୪ ହଜାର ୪୧୦, ଖଇରମାଲରେ ୧ ଲକ୍ଷ ୮୬ ହଜାର, ବରମୁଲାରେ ୧ ଲକ୍ଷ ୬୦ ହଜାର ୬୨୫, ମୁଣ୍ଡଳିରେ ୨ ଲକ୍ଷ ୯ ହଜାର ୫୩୬ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# କଳାହାଣ୍ଡି ଡେପୁଟି କଲେକ୍ଟର ନିଲମ୍ବିତ

**ଭୁବନେଶ୍ୱର, (ବ୍ୟୁରୋ)/ ବାରିପଦା ଅଫିସ/ ବୈଶିଙ୍ଗା,୨୬।୭(ଡି.ଏନ୍.ଏ.)**



ଅନିଶା ଦାସ

କାର୍ଯ୍ୟରେ ଅବହେଳା ଅଭିଯୋଗରେ କଳାହାଣ୍ଡି ଡେପୁଟି କଲେକ୍ଟର ଅନିଶା ଦାସଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ଏନେଇ ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବଙ୍କ ଦ୍ୱାରା ନିର୍ଦ୍ଦେଶନାମା ଜାରି ହୋଇଛି। ପରବର୍ତ୍ତୀ ଆଦେଶ ଯାଏ ସେ ଜିଲା ମୁଖ୍ୟାଳୟରେ ରହିବେ ବୋଲି ସେଥିରେ ଉଲ୍ଲେଖ ରହିଛି।

ଏହା ପୂର୍ବରୁ ଅନିଶା ମୟୂରଭଞ୍ଜ ଜିଲା ବେତନଟୀର ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ମୋରମ ବୋଝେଇ ଟ୍ରକ୍‌କୁ ବିନା ଜରିମାନାରେ ଥାନାରୁ ଛାଡି ଦେବା ପାଇଁ ଲାଞ୍ଚ ଦାବି କରୁଥିବାନେଇ ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ, ଗତ ୨୨ ତାରିଖ ବିଳମ୍ବିତ ରାତିରେ ବୈଶିଙ୍ଗା ବାଇପାସ୍ ଛକ ନିକଟରେ ମୋରମ୍ ବୋଝେଇ ଏକ ଡମ୍ପରକୁ କାର୍‌ରେ ଆସିଥିବା ୩ ଯୁବକ ଅଟକାଇଥିଲେ। ସେମାନେ ନିଜକୁ ତହସିଲ କାର୍ଯ୍ୟାଳୟ କର୍ମଚାରୀ ପରିଚୟ ଦେଇ ଗାଡ଼ି କାଗଜପତ୍ର ଓ ମୋରମ ପରମିଟ୍ ମାଗିଥିଲେ। ତେବେ ଡମ୍ପର ଡ୍ରାଇଭରଙ୍କ ସନ୍ଦେହ ହେବାରୁ ସେ ଗାଡ଼ିକୁ ନେଇ ବୈଶିଙ୍ଗା ଥାନାରେ ପହଞ୍ଚିଥିଲେ। କିନ୍ତୁ ଏହାର କିଛି ସମୟ ପରେ ତହସିଲ୍‌ଦାର ଦାସ ସେଠାରେ ପହଞ୍ଚି ଗାଡ଼ି କାଗଜପତ୍ର ଦେଖିବା ପରେ ମଧ୍ୟ ଡ୍ରାଇଭରଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଉକ୍ତ ଡମ୍ପରକୁ ଥାନା ଜିମା ଦେଇଥିଲେ। ହେଲେ ଏହାପରେ ଗାଡ଼ି ରିଲିଜ୍ କରିବା ପାଇଁ ବଡ଼ସାହି ଅଞ୍ଚଳର ଡମ୍ପର ମାଲିକ ଶ୍ରୀକାନ୍ତ ଦାସଙ୍କୁ ତହସିଲଦାର ଦାସ ଲାଞ୍ଚ ମାଗିଥିବା ନେଇ ଏକ ଅଡିଓ ଭାଇରାଲ୍ ହୋଇଥିଲା। ଏନେଇ ଶ୍ରୀକାନ୍ତ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଏହି ଘଟଣାର ତଦନ୍ତ ଦାବି କରିବା ସହ ଆନ୍ଦୋଳନ ଧମକ ଦେଇଥିଲେ। ଏହାର ଦିନକ ପରେ ଅର୍ଥାତ୍ ୨୩ ତାରିଖରେ ତହସିଲଦାର ଦାସଙ୍କୁ କଳାହାଣ୍ଡିର ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଥିଲା। ଅନ୍ୟପକ୍ଷେ ବୈଶିଙ୍ଗା ଥାନା ପୋଲିସ ଏକ ମାମଲା (ନଂ.୧୫୯/୨୦୨୦)ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶନିବାର ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଅଭିଜିତ ମହଲ, ପ୍ରିୟବ୍ରତ ପଟ୍ଟନାୟକ ଓ ଶିବାଶିଷ ନାଥଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ୩ଜଣ ଜଣେ ରାଜନେତାଙ୍କ ସମ୍ପର୍କୀୟ ହୋଇଥିବାରୁ ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

## ସ୍ୱିଡେନ୍ ସରକାରଙ୍କ ଆର୍ଟ ଆଡ୍‌ଭାଇଜର୍ ହେଲେ ମହାନନ୍ଦିଆ

**ଭୁବନେଶ୍ୱର,୨୬।୭(ବ୍ୟୁରୋ)**

ସ୍ୱିଡେନ୍ ସରକାରଙ୍କ କଳା ବିଭାଗର ପରାମର୍ଶଦାତା ତଥା ଆର୍ଟ ଆଡ୍‌ଭାଇଜର ଭାବେ ନିଯୁକ୍ତ ହୋଇଛନ୍ତି ଓଡ଼ିଆ ଚିତ୍ରଶିଳ୍ପୀ ପି.କେ. ମହାନନ୍ଦିଆ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଇକ୍ରୋ ବ୍ଲଗିଂ ସାଇଟ୍ ଟୁଇଟରରେ ମହାନନ୍ଦିଆଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ମହାନନ୍ଦିଆଙ୍କ ସଫଳତା ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଛି। ଆଗାମୀ ଦିନରେ ସେ ଆହୁରି ଖ୍ୟାତି ଅର୍ଜନ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନୁଗୋଳ ଜିଲାର ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ମହାନନ୍ଦିଆଙ୍କର ପିଲାବେଳୁ କଳା ପ୍ରତି ଅହେତୁକ ଆକର୍ଷଣ ରହିଥିଲା। ଚିତ୍ରକଳାକୁ ନେଇ ନିଜ ଭବିଷ୍ୟତ କରିବେ ଭାବି ସେ ୧୯୭୧ରେ ନୂଆଦିଲ୍ଲୀର ଏକ କଳା ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିଲେ। ତେବେ ଦିଲ୍ଲୀରେ ସ୍ୱିଡେନ୍‌ର ଚାର୍ଲୋଟ ନାମକ ଜଣେ ଯୁବତୀଙ୍କ ପ୍ରେମରେ ପଡ଼ି ତାଙ୍କୁ ବିବାହ କରିବା ପରେ ମହାନନ୍ଦିଆ ଚର୍ଚ୍ଚାକୁ ଆସିଥିଲେ। କେବଳ ଏତିକି ନୁହେଁ, ଚାର୍ଲୋଟ ନିଜ ଦେଶକୁ ଫେରିଯିବା ପରେ ମହାନନ୍ଦିଆ ତାଙ୍କୁ ଦେଖା କରିବାକୁ ସ୍ୱିଡେନ୍ ଯିବାକୁ ବାହାରିଥିଲେ। ପାଖରେ ଅର୍ଥ ନ ଥିବାରୁ ନିଜର ସବୁକିଛି ବିକ୍ରି କରି ଏକ ପୁରୁଣା ସାଇକେଲ୍ କିଣିଥିଲେ। ଆଉ ସେହି ସାଇକେଲରେ ଭାରତରୁ ସ୍ୱିଡେନ୍ ଅଭିମୁଖେ ବାହାରିଥିଲେ। ଏଥିପାଇଁ ତାଙ୍କୁ ୫ମାସ ସମୟ ଲାଗିଥିଲା। ଶେଷରେ ନିଜ ସ୍ତ୍ରୀ ଚାର୍ଲୋଟଙ୍କୁ ଭେଟିବା ସହ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ।

**ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ**



ସ୍ତ୍ରୀ ଚାର୍ଲୋଟଙ୍କ ସହ ପି.କେ. ମହାନନ୍ଦିଆ

# ସଙ୍କଟରେ ବଜେଟ ହୋଟେଲ ଶିଳ୍ପ



**ଭୁବନେଶ୍ୱର,୨୬।୭(ବ୍ୟୁରୋ)**

**ନିଯୁକ୍ତି ହରାଇଲେଣି ୨୦ ହଜାର କର୍ମଚାରୀ**
- ଶତପ୍ରତିଶତ ଅକୁପାନ୍ସିରେ ଖୋଲିବାକୁ ଅନୁମତି ମିଳୁ
- ସରକାରୀ ସହାୟତା ଦାବିକଲା ମାଲିକ ସଂଘ

କରୋନା ଓ ଲକ୍‌ଡାଉନ୍ ପାଇଁ ଟ୍ରାଭେଲ ଓ ହସ୍ପିଟାଲିଟି ଶିଳ୍ପ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ୩ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଶିଳ୍ପରେ ତାଲା ଝୁଲୁଥିବାବେଳେ ଗତ ପ୍ରାୟ ମାସେ ହେବ ରାଜ୍ୟ ସରକାର ୩୦% ଅକୁପାନ୍ସିରେ ହୋଟେଲ ଖୋଲିବାକୁ ଅନୁମତି ଦେଇଛନ୍ତି। ତେବେ ଏହାପରେ ମଧ୍ୟ ହୋଟେଲ ଶିଳ୍ପ ସଙ୍କଟ ମଧ୍ୟଦେଇ ଗତିକରୁଛି। ବିଶେଷକରି ରାଜ୍ୟରେ ଥିବା ବଜେଟ ହୋଟେଲ ଏବଂ ଗେଷ୍ଟ ହାଉସ୍‌ଗୁଡ଼ିକ କରୋନା ପାଇଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ମାଲିକମାନେ କୋଟି କୋଟି ଟଙ୍କାର କ୍ଷତି ସହିଥିବାବେଳେ ୨୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ନିଯୁକ୍ତି ହରାଇଛନ୍ତି। କେବଳ ଭୁବନେଶ୍ୱରରୁ ୫ ହଜାର କର୍ମଚାରୀ ଛଟେଇ ହୋଇଥିବା ରାଜ୍ୟ ବଜେଟ ହୋଟେଲ ଆଣ୍ଡ ଗେଷ୍ଟହାଉସ୍ ଓନର୍ସ ଆସୋସିଏଶନ ତଥ୍ୟରୁ ଜଣାପଡିଛି।

ଆସୋସିଏଶନ କହିଛି ଯେ, ରାଜ୍ୟ ସରକାର ହୋଟେଲ ଖୋଲିବା ପାଇଁ ଯେଉଁ ଗାଇଡ୍‌ଲାଇନ୍ ଜାରି କରିଛନ୍ତି ତାହା କେବଳ ତାରକା ହୋଟେଲ ପାଇଁ ଉପଯୁକ୍ତ। ବଡ଼ ବଡ଼ ହୋଟେଲଗୁଡ଼ିକରେ ଅଧିକ ସଂଖ୍ୟକ ରୁମ୍ ଥିବାରୁ ୩୦% ଖୋଲିବା ଦ୍ୱାରା ସେମାନେ କ୍ଷତି ସହିବେ ନାହିଁ। ମାତ୍ର ବଜେଟ୍ ହୋଟେଲଗୁଡ଼ିକ ୧୦ରୁ ୨୦ଟି ରୁମ୍ ଥିବା ଛୋଟ ଛୋଟ ୟୁନିଟ୍ ହୋଇଥିବାରୁ ୩୦% ଅନୁସାରେ ଖୋଲିଲେ ମାତ୍ର ୨ରୁ ୪ଟି ରୁମ୍‌କୁ ନେଇ ବ୍ୟବସାୟ କରିବା ସମ୍ଭବ ନୁହେଁ। ମିଳୁଥିବା ଅର୍ଥରେ ଘରଭଡ଼ା ମଧ୍ୟ ଦେଇହେଉ ନାହିଁ। ତେଣୁ ୩୦%ରେ ଖୋଲିବା ଅପେକ୍ଷା ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ଅଧିକାଂଶ ହୋଟେଲ ମାଲିକ ଉଚିତ ମଣୁଛନ୍ତି। ବାଧହୋଇ କର୍ମଚାରୀଙ୍କୁ ଛଟେଇ କରୁଛନ୍ତି। ଓଡ଼ିଶାରେ ଏବେ ପଞ୍ଜୀକୃତ ପ୍ରାୟ ୫ ହଜାର ବଜେଟ ହୋଟେଲ ଥିବାବେଳେ ଅଣପଞ୍ଜୀକୃତକୁ ମିଶାଇଲେ ୭୫୦୦ ହୋଟେଲ ଓ ଗେଷ୍ଟହାଉସ୍ ରହିଛି। ଏଥିରୁ ଲକ୍ଷାଧିକ ଲୋକ ରୋଜଗାର ପାଉଥିଲେ। ବିଶେଷକରି ପଛୁଆ ତଥା ଆଭ୍ୟନ୍ତରୀଣ ଅଞ୍ଚଳର ବହୁ ଗରିବ ପିଲା ଏହି ରୋଜଗାରରେ ନିଜ ସହ ପରିବାର ଚଳାଉଥିଲେ। ମାତ୍ର ଲକ୍‌ଡାଉନ୍ ଯୋଗୁ ଏହି ପିଲାମାନେ ଏବେ ବେରୋଜଗାର ହୋଇ ଘରେ ବସିଛନ୍ତି।

ଆସୋସିଏଶନ ସଭାପତି ମନୋଜ କୁମାର ବିଶ୍ୱାଳ କହିଛନ୍ତି, ବଜେଟ ହୋଟେଲଗୁଡ଼ିକ ସାଧାରଣତଃ ଲିଜ୍ ବିଲ୍ଡିଂରେ ଚାଲିଥାଏ। ଆମ ବ୍ୟବସାୟ ବନ୍ଦ ଥିଲେ ମଧ୍ୟ ଘରମାଲିକମାନେ ଭଡ଼ା କାଟୁନାହାନ୍ତି। ଏପଟେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁକରଣ କରି ଯଦି ଆମେ ହୋଟେଲ ଚଲାଉଛୁ ତା'ହେଲେ ସାନିଟେଶନ ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚ ବଳିଯାଉଛି। ସେହିଭଳି ବାରମ୍ବାର ଦୌଡ଼ିଲେ ବି ବିଏମ୍‌ସି ଟ୍ରେଡ୍ ଲାଇସେନ୍ସ ଦେଉନି। କର୍ମଚାରୀ ନାହାନ୍ତି କହି ଆମକୁ ଭୁଆଁ ବୁଲାଉଛନ୍ତି। ଏନେଇ ଆମେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଓ ନିର୍ଦ୍ଦେଶକଙ୍କୁ ଭେଟି ଅଭିଯୋଗ କରିଥିଲେ ବି ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନି। ବଜେଟ ହୋଟେଲଗୁଡ଼ିକୁ ସମ୍ପୂର୍ଣ୍ଣଭାବେ ଖୋଲିବାକୁ ସରକାର ଅନୁମତି ଦିଅନ୍ତୁ। ଘରଭଡ଼ା କିଛି ସମୟ ପାଇଁ ନ ମାଗିବାକୁ ଘରମାଲିକଙ୍କୁ କୁହାଯାଉ। ନଚେତ୍ ଏଭଳି ପରିସ୍ଥିତି ଲାଗିରହିଲେ ଆହୁରି ଅଧିକ କର୍ମନିଯୁକ୍ତି ପ୍ରଭାବିତ ହେବ ବୋଲି ବିଶ୍ୱାଳ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୂର୍ବତନ ବିଧାୟକ ଅଭିମନ୍ୟୁ କୁମ୍ଭାରଙ୍କ ପରଲୋକ

**ସମ୍ବଲପୁର, ୨୬।୭(ବ୍ୟୁରୋ)**

ସମ୍ବଲପୁର ଜିଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଅଭିମନ୍ୟୁ କୁମ୍ଭାରଙ୍କ ରବିବାର ପୂର୍ବାହ୍ନ ସାଢ଼େ ୯ଟାରେ ଭତରାସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୮ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗ ଓ ଗୋଡ଼ ଭାଙ୍ଗି ଯାଇଥିବାରୁ ଗତ ଏକମାସ ହେଲା ସେ ଶଯ୍ୟାଶାୟୀ ଥିଲେ। ଖଣ୍ଡୁଆଲ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ପ୍ରମୋଦ କୁମ୍ଭାର ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଅଭିମନ୍ୟୁ ୧୯୭୦ ମସିହାରେ ପ୍ରଥମେ ମାନେଶ୍ୱର ପଞ୍ଚାୟତରୁ ୱାର୍ଡସଭ୍ୟ ଭାବେ ନିର୍ଦ୍ଵନ୍ଦ୍ୱରେ ବିଜୟୀ ହୋଇଥିଲେ। ପରେ ରେଢ଼ାଖୋଲ ସଂରକ୍ଷିତ (ଏସ୍‌ସି) ବିଧାନସଭା ମଣ୍ଡଳରୁ ବିଧାୟକଭାବେ ୪ଥର ୧୯୭୧, ୧୯୮୦, ୧୯୮୫, ୧୯୯୫ ମସିହା ସାଧାରଣ ନିର୍ବାଚନରେ ନିର୍ବାଚିତ ହୋଇଥିଲେ। ରାଜ୍ୟ ଏସ୍‌ଟି, ଏସ୍‌ସି ପରାମର୍ଶ ବୋର୍ଡର ସଦସ୍ୟ, ଜିଲା ନିଷ୍ପେଷିତ ବର୍ଗ ଲିଗ୍‌ର ସଭାପତିଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ୧୯୭୧ରେ ନିଜ ଗ୍ରାମ ଭତରାରେ ଏକ ଗାନ୍ଧୀମନ୍ଦିର ପାଇଁ ଶୁଭ ଦେଇଥିଲେ। ୧୯୭୪ରେ ଏହି ମନ୍ଦିର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।


ଅଭିମନ୍ୟୁ କୁମ୍ଭାର



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଚ୍ଛାକୁ ମଲି**
**ଛିଣ୍ଡାକନା ଯାକ ଗଣ୍ଠିଲି କଲି**
**ଦାଣ୍ଡେ ଦାଣ୍ଡେ ଚାଲିଗଲି**
**କେହି ନ ବୋଇଲା ଆସ ଆସ**
**କେହି ନ ବୋଇଲା ବସ ବୋଲି।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମଉଳିଯାଏ । ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ତେଲିଆ ମୁଣ୍ଡରେ**
**ତେଲ ଢାଳିବା ।**

ସାଧାରଣତଃ ଧନୀ ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି । ସେମାନଙ୍କୁ ଯଥୋଚିତ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି । ଅୟସରେ ଚଳୁଥିଲେ ମଧ୍ୟ ତାଙ୍କ ପାଦ ତଳେ ଭଲ ଭଲ ଜିନିଷ ଅଜାଡି ଦେଇଥାନ୍ତି। କିନ୍ତୁ ଯିଏ ଅଭାବ ଅନଟନରେ ଚଳୁଥାଏ ତାଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ତାଙ୍କୁ କେହି ଆଡ ଆଖିରେ ବି ଚାହିଁ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଗଡ଼ିବ ପ୍ରାଇଭେଟ ମାଲ୍‌ବାହୀ ଟ୍ରେନ୍

**ନୂଆଦିଲ୍ଲୀ,୨୬।୭**

## ଯୋଜନା କରୁଛି ରେଲୱେ

ଦେଶ ମଧ୍ୟରେ ଘରୋଇ ଯାତ୍ରୀବାହୀ ଟ୍ରେନ ଚଳାଇବା ଲାଗି ରେଲୱେ ଯୋଜନାକୁ ବର୍ତ୍ତମାନ କାର୍ଯ୍ୟକାରୀ କରାଉଛି। ଏଭଳି ସ୍ଥିତିରେ ଘରୋଇ ବଜାରରେ ଘରୋଇ ମାଲ୍‌ବାହୀ ଟ୍ରେନ ଚଳାଚଳ ନେଇ ରେଲୱେର ମଧ୍ୟ ଯୋଜନା ରହିଥିବା ଜଣାପଡିଛି। ଯୋଜନା କାର୍ଯ୍ୟକାରୀ ହେଲେ ଏହି ଟ୍ରେନଗୁଡିକ ଡେଡିକେଟେଡ୍ ମାଲ୍ କରିଡରରେ ଚଳାଚଳ କରିପାରେ। ଡେଡିକେଟେଡ ମାଲ୍ ପରିବହନ କରିଡର କ୍ଷେତ୍ରରେ ରୁଟ୍‌ଗୁଡିକୁ ନିଲାମ ଲାଗି ବର୍ତ୍ତମାନ ପ୍ରକ୍ରିୟାକୁ ରେଲୱେ ଜୋରଦାର କରିଥିବା ଜଣାପଡିଛି।

ରେଳ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବ କହିଛନ୍ତି ଯେ, ୨୦୨୩ରେ ଘରୋଇ ଯାତ୍ରୀବାହୀ ଟ୍ରେନ ଚାଲିବା ଆଗରୁ ରେଲୱେ ରେଗୁଲେଟର ସ୍ଥାପନ କରାଯିବ। ଡେଡିକେଟେଡ୍ ମାଲ୍ କରିଡରଗୁଡିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଗଲେ ମାଲ୍ ପରିବହନ ଲାଗି ଘରୋଇ ଅପରେଟରଙ୍କୁ ସୁଯୋଗ ଦେବାକୁ ଯୋଜନା କରାଯାଉଛି। ସେମାନେ ୱାଗନ ଏବଂ କଣ୍ଟେନରରେ ମଧ୍ୟ ନିବେଶ କରିବେ। ଆଗକୁ ଆସିବାକୁ ଥିବା ରେଗୁଲେଟର ଉଭୟ ଯାତ୍ରୀବାହୀ ଏବଂ ମାଲ୍ ପରିଚାଳନା କ୍ଷେତ୍ରର ପ୍ରସଙ୍ଗଗୁଡିକୁ ନଜରରେ ରଖିବେ ବୋଲି ଯାଦବ ସ୍ପଷ୍ଟ କରିଛନ୍ତି। ବିଭିନ୍ନ ଆର୍ଥିକ ପ୍ରସଙ୍ଗକୁ ବିଚାର କରିବା ପରେ ସଚିବଙ୍କ ଏକ ଗ୍ରୁପ ଘରୋଇ ମାଲବାହୀ ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି।

୨୦୦୬ ପରଠାରୁ ଘରୋଇ କଣ୍ଟେନର ଟ୍ରେନ ଚଳାଚଳ କରୁଛି। ମାତ୍ର ଏଗୁଡିକର ସଂଖ୍ୟା ସ୍ୱଳ୍ପ ରହିଛି। ଅନ୍ୟ ବର୍ଗରେ ଘରୋଇ ମାଲବାହୀ ଟ୍ରେନ ଚଳାଚଳ ନେଇ ବର୍ତ୍ତମାନ ନିଯୁକ୍ତି ଦିଆଯାଇ ନାହିଁ। ଦେଶରେ ୧୦୯ ଯୋଡା ଘରୋଇ ଯାତ୍ରୀବାହୀ ଟ୍ରେନ ଚଳାଚଳ କରାଇବା ଲାଗି ସରକାର କମ୍ପାନୀଗୁଡିକଠାରୁ ବିଡ୍ ଆହ୍ୱାନ କରିଛନ୍ତି। ଏହାଦ୍ୱାରା ଦେଶରେ ପ୍ରାୟ ୩୦ ହଜାର କୋଟି ଟଙ୍କାର ନିବେଶ ହେବ ବୋଲି କୁହାଯାଉଛି। ପ୍ରକଳ୍ପ ଲାଗି ରିହାତି ସମୟ ୩୫ ବର୍ଷ ରହିଛି। ଘରୋଇ ଫାର୍ମଗୁଡିକ ଟ୍ରେନ ଲାଗି ପୁଞ୍ଜି ଲଗାଣ, ସାମଗ୍ରୀ ସଂଗ୍ରହ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦିଗରେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ରେଲୱେ ପକ୍ଷରୁ କୁହାଯାଇଛି ଯେ, ଏଭଳି ପଦକ୍ଷେପ ଦ୍ୱାରା ଅତ୍ୟାଧୁନିକ ଟେକ୍ନୋଲୋଜିର ରୋଲିଂ ଷ୍ଟକ, ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହ୍ରାସ, ଟ୍ରାଞ୍ଜିଟ ସମୟ ହ୍ରାସ, ନିରାପତ୍ତା, ନିଯୁକ୍ତି ସୃଷ୍ଟି, ଲୋକଙ୍କୁ ବିଶ୍ୱସ୍ତରୀୟ ଯାତ୍ରୀସେବା ଅଭିଜ୍ଞତା ପ୍ରଦାନ ଦିଗରେ ସହାୟକ ହୋଇପାରିବ।

## ପ୍ରଥମ ପୃଷ୍ଠାରୁ...

### ସମସ୍ୟା ବଢ଼ାଉଛି ...

ବିଧେୟକ ଅଣାଯିବ ସେନେଇ କୌଣସି ପ୍ରସ୍ତାବ ନ ଥିବା ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବିଧାନସଭାରେ ୨୦୧୯ରେ ଉତ୍ତର ରଖିଛନ୍ତି। ରାଜ୍ୟର ସବୁ ଜିଲାରେ ଯେତିକି ଡାକ୍ତରଙ୍କ ଆବଶ୍ୟକତା ଅଛି ସେହି ଅନୁଯାୟୀ ପଦବୀ ପୂରଣ ନାହିଁ। ରାଜ୍ୟରେ ମୋଟ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୬୬୧୪ ଥିଲାବେଳେ ସେଥିରୁ ସ୍ଥାୟୀଭାବେ ୨୯୮୩ ଜଣ ଅଛନ୍ତି। ଆଡ୍‌ହକ୍‌ରେ ୧୧୯ଜଣ, ଠିକାରେ ୫୮୫ ଜଣ ଅଛନ୍ତି। ସେହିଭଳି ଦେଖିଲେ ମୋଟ ୨୯୨୭ ପଦବୀ ଖାଲି ଅଛି। ଏହା ରାଜ୍ୟରେ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀର ୪୪.୨୫ ପ୍ରତିଶତ ହେବ। ଅନ୍ୟପଟେ ରାଜ୍ୟ ସରକାର ଦେଇଥିବା ଆଉ ଏକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୯୮୨ଟି ନର୍ସିଂହୋମ୍ ପଞ୍ଜୀକୃତ ଥିବାବେଳେ ସେଥିରୁ ୮୯୮ଟି ଅଦ୍ୟାବଧି ଚାଲୁ ରହିଛି।

ରାଜ୍ୟରେ ଏବେ ମୋଟ ୭ ମେଡିକାଲ କଲେଜ, ଗୋଟିଏ ଡେଣ୍ଟାଲ କଲେଜ, ୪ ହୋମିଓପାଥିକ କଲେଜ, ୩ ଆୟୁର୍ବେଦିକ କଲେଜ ଅଛି। ଏହି ୧୫ କଲେଜରେ ମୋଟ ୫୧୬ ଶିକ୍ଷକ ପଦବୀ ଏବଂ ୨୭୦୫ ନନ୍‌ଟିଚିଂ ପଦବୀ ଖାଲି ରହିଛି। ଏଭଳି ସ୍ଥିତିରେ କରୋନା ମହାମାରୀଗ୍ରସ୍ତ ଜିଲାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଅନ୍ୟ ଜିଲାରୁ ଡାକ୍ତର ଅଣାଯାଇ କାମ ଚଳାଯାଉଥିବା ବେଳେ ଯେଉଁ ଜିଲାରୁ ଡାକ୍ତର ଯାଉଛନ୍ତି ସେଠାରେ ବର୍ତ୍ତମାନ ଗୁରୁତର ଅସୁବିଧା ଉପୁଜିଥିବା ବିଭିନ୍ନ ଦଳର ପ୍ରତିନିଧିମାନେ ଅଭିଯୋଗ କଲେଣି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ରାଜ୍ୟରେ ଡାକ୍ତର ପଦବୀ ଖାଲି ରହିଥିବା କଥାକୁ ସ୍ୱୀକାର କରିଛନ୍ତି। ସମ୍ପ୍ରତି କୋଭିଡ୍ ହସ୍ପିଟାଲରେ ଅନେକ ଡାକ୍ତରଙ୍କ ଆବଶ୍ୟକତା ରହିଛି। ତେଣୁ ସବୁ ଦିଗକୁ ଚିନ୍ତା କରି ଡାକ୍ତରଙ୍କ ଅବସର ବୟସ ସୀମାକୁ ବୃଦ୍ଧି କରାଯାଇଛି ବୋଲି ମହାପାତ୍ର କହିଛନ୍ତି।

### ଦିନକରେ ୩୦ ଜିଲାରୁ ...

ହୋଇଥିବାବେଳେ ଏହା ଦେଶର ୧.୮୩ ପ୍ରତିଶତ ବୋଲି ଜଣାପଡିଛି। ସେପଟେ ରାଜ୍ୟରେ ଆଉ ୧୧ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ କରୋନାରେ ୧୦ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଉଜଣେ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୧୦ଜଣ ମୃତକଙ୍କ ମଧ୍ୟରେ ଗଞ୍ଜାମରୁ ୬ଜଣ ରହିଥିବାବେଳେ ଗଜପତି, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଭୁବନେଶ୍ୱରରୁ ଜଣେ ଲେଖାଏ ଅଛନ୍ତି। ତେବେ ଭୁବନେଶ୍ୱର ଓ ଗଞ୍ଜାମରୁ ଜଣେ ଲେଖାଏ ମୃତକ ମହିଳା ହୋଇଥିବାବେଳେ ଅନ୍ୟ ୮ଜଣ ପୁରୁଷ। ଏମାନଙ୍କୁ ମିଶାଇ ରାଜ୍ୟ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୪୦କୁ ବୃଦ୍ଧି ପାଇଛି। ସେହିଭଳି ଅନ୍ୟ ରୋଗରେ ମୃତ ଆକ୍ରାନ୍ତ ଜଣକ ହେଉଛନ୍ତି ଗଞ୍ଜାମ ଜିଲାର ୨୩ବର୍ଷୀୟା ମହିଳା। ଏହାକୁ ମିଶାଇ ରାଜ୍ୟରେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୩୪କୁ ଛୁଇଁଛି। ଅନ୍ୟପକ୍ଷରେ ପ୍ରତିଦିନ ଭଳି ରବିବାର ମଧ୍ୟ ସର୍ବାଧିକ ୮୬୪ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ କରୋନା ଆରୋଗ୍ୟ ସଂଖ୍ୟା ୧୬,୭୯୨ରେ ପହଞ୍ଚିଛି। ବର୍ତ୍ତମାନ ୮,୪୨୨ ସକ୍ରିୟ ରୋଗୀ ଥିବାବେଳେ ୯,୨୮୭ଜଣ ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି।

### ୮୦ ଟଙ୍କା ଟପିଲା ...

ପିଛା ଖାଉଟିଙ୍କୁ ୯.୧୭ ଟଙ୍କା ଅତିରିକ୍ତ ଦେୟ ଦେବାକୁ ପଡୁଛି। ଜୁଲାଇ ମାସରେ ଡିଜେଲ ଦର ଲଗାତର ବଢ଼ି ଚାଲିଛି। ଏହି ମାସରେ ମୋଟ ୧୦ ଥର ଡିଜେଲ ଦର ବଢ଼ିଲାଣି। ଜୁନ ୭ ପରଠାରୁ ଡିଜେଲ ଲିଟର ପିଛା ୧୨.୫୫ ଟଙ୍କା ବଢ଼ିଛି। ସେହିଭଳି ଦେଶର ଅନ୍ୟ ମେଟ୍ରୋ ସହରଗୁଡିକ କଥା ବିଚାରକୁ ନେଲେ ଚେନ୍ନାଇ, କଲିକତା ଏବଂ ମୁମ୍ବାଇରେ ଡିଜେଲ ଦର ଯଥାକ୍ରମେ ୭୮.୮୬ ଟଙ୍କା, ୭୭.୦୪ ଟଙ୍କା ଏବଂ ୮୧.୧୧ ଟଙ୍କା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ରଙ୍କ ସପ୍ତମ କେନ୍ଦ୍ରାବସ୍ଥାନ କାରଣରୁ ସବୁ କାମ ସୁରୁଖୁରୁରେ ହୋଇଯିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଅଧ୍ୟୟନ, ଅଧ୍ୟାପନା, ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ। ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ସଭାସମିତି ତଥା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି।

**ବୃଷ**
ସପ୍ତମାଧିପତି ଶନି ଦୃଷ୍ଟିରେ ଥିବାରୁ ଆଜି ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ । କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ ହେବ। ନୂତନ ଭାବେ କୌଣସି କାର୍ଯ୍ୟାରମ୍ଭ ସକାଶେ ତତ୍ପରତା ବଢ଼ିପାରେ । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ**
ରାହୁ ଓ ବୁଧ ନିଜ ରାଶିରେ ରହିଥିବାରୁ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାରେ ମନ ଉଚ୍ଛନ୍ନ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାକୁ ବଢାଇ ଦେଇପାରେ । ମୃଗଶିରା ନକ୍ଷତ୍ର ପାଇଁ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ସଙ୍ଗକୁ ମିତ୍ରମାନଙ୍କ ପ୍ରଶଂସାଭାଜନ ହୋଇପାରନ୍ତି। ଗବେଷଣା, ଅନୁସନ୍ଧାନ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କର୍କଟ**
ଶନିଦୃଷ୍ଟ କର୍ମାଧିପ ଯୋଗୁଁ କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥ ପାଇବାକୁ ଚେଷ୍ଟାକରିବେ। ସହକର୍ମୀ କାମଟି କରିଦେବେ କିନ୍ତୁ ବିରକ୍ତିକର କଥା କହିପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ସ୍ୱଗୃହୀ ଶୁକ୍ର ପ୍ରଭାବରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ତାହା ବନ୍ଧୁକୁ ସୁହାଇବ ନାହିଁ। ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି । ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ସମସ୍ୟା ବଢ଼ିଯିବ। ଆତ୍ମୀୟମାନେ ଆଗରେ କିଛି ନ କହି ପଛରେ ବହୁତ କଥା କହିପାରନ୍ତି।

**କନ୍ୟା**
ଚନ୍ଦ୍ରଙ୍କ ପ୍ରଭାବରୁ ଦୀର୍ଘଦିନରୁ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ସାମୟିକ ମାନସିକ ଅସ୍ଥିରତା ଦେଖାଦେବ । ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିବା କାରଣରୁ ଖୁସୀ ଅନୁଭବ କରିବେ । ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ତୁଳା**
କର୍ମାଧିପ ରାଶିରେ ଅବସ୍ଥାନ କରୁଥିବାରୁ ଆଜି ଅଫିସ୍ କାମରେ ବେଶି ସମୟ କଟାଇବେ। ଘର ପାଇଁ ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି । କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ।

**ବିଛା**
ତୃତୀୟାଧିପ ସ୍ୱଗୃହୀ ଯୋଗୁଁ ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ମନ ଖୁସୀ ହୋଇଯିବ। କିନ୍ତୁ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯିବ। ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଯାନବାହନରେ ସତର୍କତା ବିଧେୟ, ଅନ୍ୟଥା ସମସ୍ୟା ଆସିପାରେ ।

**ଧନୁ**
ଶନି ଦୃଷ୍ଟିରେ ମଙ୍ଗଳ ଯୋଗୁ ପାରିବାରିକ ସ୍ତରରେ ଟେନସନ୍ କିଛି ମାତ୍ରାରେ ବଢ଼ିଯିବ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରଖି କାର୍ଯ୍ୟ ସାଧନ କରିବେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବାର ଆଶା ରହିଛି। ସାମାଜିକ ସ୍ତରରେ ଅନ୍ୟମାନଙ୍କ ଉପରେ ଅତ୍ମନିର୍ଭରଶୀଳ ହୋଇପାରନ୍ତି ।

**ମକର**
ଶୁକ୍ର ଓ ଚନ୍ଦ୍ର ଷଡାଷ୍ଟକ ସ୍ଥିତିରେ ଥିବାରୁ ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡିପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି। ଧନିଷ୍ଠା ନକ୍ଷତ୍ର ଜାତ ବ୍ୟକ୍ତି ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିପାରେ।

**କୁମ୍ଭ**
ଗୁରୁକ୍ଷେତ୍ରସ୍ଥ ମଙ୍ଗଳ ହେତୁ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ନିଜେ କଷ୍ଟ ଅନୁଭବ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ପରିବେଶକୁ ଲାଘବ କରିପାରନ୍ତି। ଭଲ ସମ୍ପର୍କ ଥିବା ବନ୍ଧୁଟି ସ୍ୱାର୍ଥବାଦୀ ହୋଇପାରେ। ଭାବପ୍ରବଣତା ଯୋଗୁ ମନବଳ କ୍ରମଶଃ ହ୍ରାସ ପାଇବ।

**ମୀନ**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଆଜି ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।

ଆଜି ଶ୍ରାବଣ ଶୁକ୍ଳ ଅଷ୍ଟମୀ ସୋମବାର, ଜୁଲାଇ ୨୭ ତାରିଖ, ଗୋସ୍ୱାମୀ ତୁଳସୀଦାସଙ୍କ ଜୟନ୍ତୀ, ଏ.ପି.ଜେ. ଅବଦୁଲ୍ କଲାମ୍‌ଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଦିବା ଘ.୧୧.୦୪ମି. ପରେ, ସ୍ୱାତୀ/ତୁଳା, ମିଥୁନରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୨୪ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୦୧.୧୦ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୫ମି. ଗତେ ଘ.୦୯.୧୮ମି. ମଧ୍ୟେ, ରାତ୍ରି ଘ.୧୧.୨୮ମି. ଗତେ ଘ.୦୨.୨୮ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩.୪୬ମି. ଗତେ ଘ.୦୫.୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୭.୦୧ମି. ଗତେ ଘ.୦୮.୩୮ମି. ମଧ୍ୟେ ରାହୁକାଳ।

## classifieds Everyday 0674-2580101, 2549302



ଘରେବସି ୩,୦୦୦/- ବିନିଯୋଗରେ SMS send କରି ମାସିକ ୧୨,୦୦୦/- ରୋଜଗାର କରନ୍ତୁ। 7077448116. D-59954

Hotel Rooms for Self Quarantine with all facilities in Bhubaneswar. Contact: 9776048587. D-67559

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### AFFIDAVIT

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଛି କି ତା୨୩।୦୭।୨୦ରିଖ Notary, Bhubaneswarଙ୍କ affidavit ଜରିଆରେ ମୁଁ ଗୀତାଞ୍ଜଳି ମାଝି, ସ୍ୱାମୀ: ପ୍ରଭାତ ମଙ୍ଗରାଜ plot No. 663, Lingaraj Nagar, Old Town.ଜଣାଉଛି ମୋର ନାମ ଗୀତାଞ୍ଜଳି ମଙ୍ଗରାଜକୁ ବଦଳାଇଛି। ଆଜିଠାରୁ ମୁଁ ଗୀତାଞ୍ଜଳି ମଙ୍ଗରାଜ ନାମରେ ସମସ୍ତ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟ ପାଇଁ ନାମିତ ହେବି। ଧ-୧୭୮୨୩

By virtue of an affidavit sworn before the Executive Magistrate, Sadar, Sundargarh I, Binita Pasayat, D/o- Pradeep Kumar Pasayat, R/o- Gaidega, P.S- Kinjirkela, Dist- Sundargarh declare that my actual name is Binita Pasayat but in LIC bond (No. S 590520649) my name has been wrongly mentioned as Bhiteswari Pasayat, D/o- Pradeep Kumar Ram instead of Binita Pasayat, D/o- Pradeep Kumar Pasayat. That above both the names are one and same person. D-17824

# ଭଙ୍ଗାଘରେ ଦିନ କାଟୁଛନ୍ତି ବିଶ୍ୱକର୍ମା


ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଘର।


ନରସିଂହ ମହାପାତ୍ରଙ୍କ ଘର।

**ପୁରୀ ଅଫିସ,୨୬।୭**

## ନାଲିଫିତା ତଳେ ସେବକ କଲ୍ୟାଣ ଯୋଜନା

ସେ ହେଉଛନ୍ତି ବିଶ୍ୱକର୍ମା। ତାଳଧ୍ୱଜ ରଥର ମୁଖ୍ୟ ବିନ୍ଧାଣୀ। ତାଙ୍କ ନେତୃତ୍ୱରେ ନିର୍ମାଣ ହେଉଛି ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ଭବ୍ୟ ରଥ। ତାଙ୍କ ହାତ ତିଆରି ରଥକୁ ବିଶ୍ୱବାସୀ ଦେଖି ଓଡ଼ିଆ ଜାତିର କଳା କାରିଗରିକୁ ବାହାବା ଦେଉଛନ୍ତି। ହେଲେ ଏହି ପରଦା ପଛର ନାୟକ କିନ୍ତୁ ଭଙ୍ଗା ଦଦରା ଘରେ ରହୁଛନ୍ତି। ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ମହାପ୍ରଭୁଙ୍କ ପାଇଁ ଆକର୍ଷଣୀୟ ରଥ ତିଆରି କରୁଥିଲେ ମଧ୍ୟ ନିଜ ସଂସାର ରଥକୁ କିନ୍ତୁ ଗଢିବା ଲାଗି ତାଙ୍କର ଆଉ ଜୁ ପାଉନି। ଆର୍ଥିକ ଅନଟନ ଭିତରେ ପେଷି ହେଉଥିବାବେଳେ ଭଙ୍ଗା ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ସେ ହେଉଛନ୍ତି ତାଳଧ୍ୱଜ ରଥର ମୁଖ୍ୟ ବିଶ୍ୱକର୍ମା ନରସିଂହ ମହାପାତ୍ର। କେବଳ ନରସିଂହ ନୁହନ୍ତି ଏମିତି ଅନେକ ସେବକ ଆଜି ଦୁର୍ଦ୍ଦିନରେ ଦିନ କାଟୁଥିଲେ ମଧ୍ୟ ସେମାନଙ୍କ ଦୁର୍ଦ୍ଦଶା ଦେଖିବାକୁ କେହି ନାହିଁ। ସେବକମାନଙ୍କ ବିକାଶ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଏ ନେଇ ସର୍ଭେ ମଧ୍ୟ ହୋଇଥିଲା। ହେଲେ ସର୍ଭେ ରିପୋର୍ଟ ସରକାରୀ ନାଲିଫିତା ତଳେ ଚପି ରହିଗଲା। ଫଳରେ ଏହି ଯୋଜନା ନରସିଂହଙ୍କ ଭଳି ଅନେକଙ୍କ ପାଇଁ ସ୍ୱପ୍ନ ପାଲଟିଛି।

ପୁରୀ ଗୁଡ଼ିଆ ସାହିରେ ନରସିଂହଙ୍କ ଘର। ପରିବାର କହିଲେ ସ୍ତ୍ରୀ, ପୁଅ, ବୋହୂ ଓ ନାତିନାତୁଣୀ। ନିଜ ଯାଦୁକରୀ ସ୍ପର୍ଶରେ ତାଳଧ୍ୱଜ ରଥକୁ ଜୀବନ୍ତ କରନ୍ତି ନରସିଂହ। ହେଲେ ନିଜେ ଭଙ୍ଗା ଦଦରା ଘରେ ରହୁଛନ୍ତି। ଦିନରେ ଖରା ଓ ରାତିରେ ତାରା ଦେଖାଯାଉଥିବା ଅଣଓସାରିଆ ଘର ଯେ ଜଣେ ବିଶ୍ୱକର୍ମାଙ୍କର ତାହା ବିଶ୍ୱାସ ନ ହେଲେ ବି ସତ। ଗତବର୍ଷ ପ୍ରଳୟଙ୍କରୀ ବାତ୍ୟା ଫନୀ ତାଙ୍କ ପାଇଁ ଏମିତି ଦୁସ୍ଥିତି ଆଣିଥିଲା। ଭାଙ୍ଗି ଯାଇଥିଲା ଘର। ଫଳରେ ଏହି ଘରେ ୧୫ ମାସ ହେଲାଣି ମୁଣ୍ଡ ଗୁଞ୍ଜିଛନ୍ତି ନରସିଂହଙ୍କ ୬ ପ୍ରାଣୀ କୁଟୁମ୍ବ। ଘର ସଜାଡ଼ିବା ଲାଗି ତାଙ୍କ ପାଖରେ ବଳ କି ସମ୍ବଳ ନାହିଁ। ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ତାଙ୍କ କଥା ଶୁଣିଲେନି। ତେଣୁ ଆଉ ଦୌଡ଼ି ନ ପାରି ଚୁପ୍ ହୋଇଯାଇଛନ୍ତି ନରସିଂହ। ରଥ ନିର୍ମାଣରେ ଯାହା ଟଙ୍କା ପାଇଥିଲେ ତାହା ତେଲ ଲୁଣ ସଂସାରକୁ ନିଅଣ୍ଟ। ଏବେ ପୁଣି କରୋନା ଯୋଗୁ ଛୋଟ ମୋଟ କାମ ବି ବନ୍ଦ ରହିଛି। ତେଣୁ ନିଜ ଦୁଃଖକଷ୍ଟକୁ ମନରେ ଚାପି ନରସିଂହ ଦିନ କାଟୁଛନ୍ତି। ସେହିପରି ତାଳଧ୍ୱଜ ରଥର ରୂପକାର ସେବକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କର ସମାନ ଅବସ୍ଥା। ପାଳ ହରଚଣ୍ଡୀ ସାହିରେ ରହୁଥିବା ପୂର୍ଣ୍ଣଚନ୍ଦ୍ରଙ୍କର ମୁଣ୍ଡ ଗୁଞ୍ଜିବାକୁ ଭଲ ଛାତ ଖଣ୍ଡିଏ ନାହିଁ। ବାତ୍ୟା ଫନୀରେ ବି ତାଙ୍କ ଘର ଭାଙ୍ଗିଯାଇଥିଲା। ସହାୟତା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହୋଇପଡ଼ିଲେ। ପରିଣତ ବୟସରେ ପହଞ୍ଚିଥିବା ପୂର୍ଣ୍ଣଚନ୍ଦ୍ର କହିଛନ୍ତି, 'ଘର କେବେ ସଜଡ଼ା ହେବ ସେ କଥା ମହାପ୍ରଭୁଙ୍କ ଉପରେ ଛାଡ଼ି ଦେଇଛି।' ତେବେ ନରସିଂହ କି ପୂର୍ଣ୍ଣଚନ୍ଦ୍ର ନୁହନ୍ତି ମହାପ୍ରଭୁଙ୍କ ସେବା କରୁଥିବା ଅନେକ ସେବକ ଏମିତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗରିବ ସେବକଙ୍କ ପାଇଁ ସେବକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହୋଇଛି। ତେବେ ଏହି ଯୋଜନା କାହା ପାଇଁ ଓ କିଏ ଏହାର ଫାଇଦା ନେଉଛନ୍ତି ତାହା ଏବେ ପ୍ରଶ୍ନ ପାଲଟିଛି। ମହାପ୍ରଭୁଙ୍କ ସେବା ସହ ଜଡ଼ିତ ସେବାୟତମାନଙ୍କ ଚଳଣି କିପରି? ସେମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି କିପରି ରହିଛି। ଶିକ୍ଷା କ୍ଷେତ୍ରରେ ସେମାନେ କେଉଁଭଳି ସୁବିଧା ପାଉଛନ୍ତି। ଏସବୁ ବିଷୟରେ ଜାଣିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୧୪-୧୫ରେ ସେବାୟତଙ୍କ ସାମାଜିକ ଓ ଅର୍ଥନୈତିକ ସର୍ଭେ କରାଯାଇଥିଲା। ଏହି ସର୍ଭେ ହେଲା ସିନା କିନ୍ତୁ ଦୁର୍ଦ୍ଦିନରେ ଥିବା ସେବାୟତଙ୍କ ଭାଗ୍ୟ ବଦଳିଲା ନାହିଁ। କାରଣ ସେହି ସର୍ଭେ ରିପୋର୍ଟ ସେମିତି ସରକାରୀ ଫାଇଲରେ ବନ୍ଧା ରହିଲା। ଏବେ ପୁଣିଥରେ ସେବାୟତଙ୍କ ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ଅବଗତ ହେବା ଲାଗି ସର୍ଭେ କରାଯିବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ବୋଲି କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର ନରସିଂହଙ୍କ ଘରକୁ ଯାଇ ବାସ୍ତବ ସ୍ଥିତି ପରଖିଛନ୍ତି। ନିଶ୍ଚିତ ତାଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି ମାଧବ କହିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା: ସ୍ୱାମୀ ଗିରଫ

ଖଣ୍ଡପଡ଼ା(ସ୍ୱ.ପ୍ର.): ଖଣ୍ଡପଡ଼ା ଥାନା ସିଧାମୂଳା ପଞ୍ଚାୟତ ଘୋଡ଼ାମାରୀଦ୍ୱାର ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଶନିବାର ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗ୍ରାମର ନରେନ୍ଦ୍ର ସ୍ୱାଇଁ। ପୋଲିସ ନରେନ୍ଦ୍ରଙ୍କ ସ୍ତ୍ରୀ ବର୍ଷାଙ୍କୁ ଝୁଲନ୍ତା ଅବସ୍ଥାରେ ତାଙ୍କ ରୋଷେଇ ଘରୁ ଉଦ୍ଧାର କରିଥିଲା। ବର୍ଷାଙ୍କ ବାପା ଖଣ୍ଡପଡ଼ା ଥାନରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ-୧୯୦/୨୦)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସଂକ୍ଷେପରେ

### ୪୦ ଗ୍ରାମ ବ୍ରାଉନ ସୁଗାର ଜବତ: ୨ ଗିରଫ

କୁଜଙ୍ଗ,୨୬।୭(ଡି.ଏନ.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ ଫତେପୁର ଗ୍ରାମର ତାରିଣୀ ମନ୍ଦିର ପଛରୁ ଶନିବାର କୁଜଙ୍ଗ ପୋଲିସ୍ ୪୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଛି। ଏଥିସହିତ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ମାଣପୁର ଗ୍ରାମର ଅଜିତ୍ ପରିଡ଼ା ଓ ତିର୍ତ୍ତୋଲ ଥାନା କୁଟିଲୋ ଗ୍ରାମ ଦୟାଲପୁରର ପ୍ୟାରୀମୋହନ ଦାସ। ସେମାନଙ୍କୁ ଅଟକ ରଖାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି। ଉଭୟଙ୍କ ବିରୋଧରେ ଥାନା ଅଧିକାରୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ-୧୭୭/୨୦) ରୁଜୁ ହୋଇଛି। ସୋମବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଧନେଶ୍ୱର ବେହେରା କହିଛନ୍ତି। ବ୍ରାଉନ ସୁଗାର କାରବାର ସମ୍ପର୍କରେ ଶନିବାର ସନ୍ଧ୍ୟାରେ ଥାନା ଅଧିକାରୀ ସାହୁ କୌଣସି ସୂତ୍ରରୁ ଖବର ପାଇ ଏକ ଟିମ୍ ସହ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ବ୍ରାଉନ୍ ସୁଗାର ସହ ଏକ ସ୍କୁଟି, ଦୁଇଟି ମୋବାଇଲ୍ ଓ ୭ ହଜାରରୁ ଅଧିକ ଟଙ୍କା ଜବତ ହୋଇଥିଲା।

### ବଢୁଛି ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା

ନୟାଗଡ ଅଫିସ,୨୬।୭: ନୟାଗଡ଼ ଜିଲାରେ ରବିବାର ପୁଣି ୩୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୯ ଜଣ ସ୍ଥାନୀୟ ଅଞ୍ଚଳର। ଏହାକୁ ମିଶାଇ ଜିଲାରେ ମୋଟ ଅକ୍ରାନ୍ତଙ୍କ ସଂଖ୍ୟା ୪୯୩ରେ ପହଞ୍ଚିଛି। ଚିହ୍ନଟ ପଜିଟିଭଙ୍କ ମଧ୍ୟରୁ ଦଶପଲ୍ଲା ବ୍ଲକର ସର୍ବାଧିକ ୨୪ ଅଛନ୍ତି। ଏଥିରୁ ଜଣେ କ୍ୱାରାଣ୍ଟାଇନରୁ ବାହାରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକରୁ ୩, ଓଡ଼ଗାଁ ୨, ନୟାଗଡ ମ୍ୟୁନିସିପାଲିଟିରୁ ଜଣେ ରହିଥିବା ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି। ଅପରପକ୍ଷେ ଓଡ଼ଗାଁ ଏନଏସିର ୩ଟି ୱାର୍ଡ ଶନିବାର କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଥିଲେ ମଧ ସ୍ଥାନୀୟ ଲୋକ ନାକାବନ୍ଦୀକୁ ବିରୋଧ କରିଥିଲେ। ରବିବାର ସକାଳୁ ଓଡ଼ଗାଁ ସହରର ୯ଟି ସ୍ଥାନରେ କଣ୍ଟେନମେଣ୍ଟ ଜୋନ ହୋଇଛି ବୋଲି ଓଡଗାଁ ଏନଏସିର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ରଣପୁର ବ୍ଲକ ରଙ୍ଗଦେଉଳି ପଞ୍ଚାୟତ ଓ ଡମସାହି ପଞ୍ଚାୟତର ଡମସାହି ଗାଁ ଶନିବାରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଭାବେ ଘେଷଣା ହୋଇଛି। ନୟାଗଡ଼ ସହରର ଏମ୍‌ଆଇ କଲୋନୀ ଓ ବଳରାମ ସାହିରୁ ରବିବାର ସନ୍ଧ୍ୟାରେ କଣ୍ଟେନମେଣ୍ଟ ଜୋନ ପ୍ରତ୍ୟାର ହୋଇଥିବା ଜିଲାପାଳ କହିଛନ୍ତି।

# ଧାର ଧରୁନାହିଁ ସରକାରଙ୍କ ପଦକ୍ଷେପ

**ବ୍ୟାସନଗର, ଧର୍ମଶାଳା ତହସିଲ**
- ପ୍ରସ୍ତାବରେ ସୀମିତ ଏସ୍‌ଟିଏଫ୍, ଓଆଇଏସ୍‌ଏଫ୍
- ଜଙ୍ଗଲ ଜମିରୁ ଟେକିଦେଲେ ଲକ୍ଷାଧିକ ଟଙ୍କାର ମୋରମ
- ବେଆଇନ କଳାପଥର ଚୋରାଚାଲାଣ ଅଣାୟତ୍ତ

ଯାଜପୁର ଅଫିସ,୨୬।୭

ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣକୁ ରୋକାଯାଇ ଅଧିକ ରାଜସ୍ୱ ଆଦାୟ କରିବା ଉଦ୍ଦେଶ୍ୟରେ ଗତ ୧ ବର୍ଷ ମଧ୍ୟରେ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଦୁର୍ନୀତିକୁ ପରୋକ୍ଷ ପ୍ରୋତ୍ସାହନ ଯୋଗୁ ଏଠାରେ ସରକାରଙ୍କ କୌଣସି ପଦକ୍ଷେପ ଧାର ଧରୁ ନାହିଁ। ବେଆଇନ ଖଣିଜ ଦ୍ରବ୍ୟ ଚୋରାଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ଟିଏଫ୍(ସ୍ପେଶିଆଲ ଟାସ୍କ ଫୋର୍ସ) କିମ୍ବା ଓଆଇଏସ୍‌ଏଫ୍(ଓଡିଶା ଶିଳ୍ପ ସୁରକ୍ଷା ବଳ) ଭଳି ପ୍ରସ୍ତାବ ଏଠାରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଫଳରେ କେତେଜଣ ରାଜସ୍ୱ ଅଧିକାରୀ ଓ ମାଫିଆଙ୍କ ସଲାସୁତ୍ରରାରେ ବେଆଇନ ଖାଦାନ ଏବଂ ଅନୁମତିପ୍ରାପ୍ତ ଖାଦାନରୁ ନିର୍ଦ୍ଧାରିତ କ୍ଷମତାଠାରୁ ବହୁ ଗୁଣ କଳାପଥର, ମୋରମ, ବାଲି ଆଦି ଲୁଟ୍ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ ବ୍ୟାସନଗର ତହସିଲ ଅନ୍ତର୍ଗତ ମଞ୍ଜୁରୀ ମୌଜା ଖାତା ନମ୍ବର ୨୦ ଓ ପ୍ଲଟ ନମ୍ବର ୧୫୧ ସାରଦା-୩କିସମ ୧ ଏକର ପରିମିତ ଜମିରୁ ବ୍ୟାସନଗର ତହସିଲଦାର ତାଙ୍କ ପତ୍ରସଂଖ୍ୟା ୪୩୫୦/୯।୭।୨୦୨୦ରେ ଅଙ୍କିତା କନଷ୍ଟ୍ରକ୍ସନକୁ ମୋରମ୍ ଉତ୍ତୋଳନ କରିବାକୁ ଅନୁମତି ଦେଇଥିଲେ। ପୋଖରୀ ଖୋଳା ନାମରେ ଧାମରା ବନ୍ଦର ଓ ଯାଜପୁର କୋୟଁଗୋଲାର ସରକାରୀ କାର୍ଯ୍ୟରେ ଏହି ମୋରମ୍ ବ୍ୟବହୃତ କରିବାକୁ ଅନୁମତି ପତ୍ରରେ ଦର୍ଶାଯାଇଥିଲା। ଏହାପରେ ଗତ ୧୩ ତାରିଖରେ ପଛିକୋଟ ଗ୍ରାମବାସୀ ବ୍ୟାସନଗର ତହସିଲଦାର, ଯାଜପୁରରୋଡ୍ ରେଞ୍ଜରଙ୍କ ସହଯୋଗରେ ଜଙ୍ଗଲ ଜମିରୁ ମୋରମ୍ ବେଆଇନ ଭାବେ ଉତ୍ତୋଳନ ହେଉଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ଏହିକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗର ଅଧସ୍ତନ ସଚିବ ତ୍ରିଲୋଚନ କିଶାନ ତାଙ୍କ ପତ୍ରସଂଖ୍ୟା ୧୧୧୧୩/୧୫।୭।୨୦୨୦ରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ବିଭାଗର ପ୍ରିନ୍ସିପାଲ କନଜରଭେଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କଟକ ଫରେଷ୍ଟ ଡିଭିଜନର ଡିଭିଜନାଲ ଫରେଷ୍ଟ ଅଫିସର(ଡିଏଫ୍‌ଓ) ତାଙ୍କ ପତ୍ରସଂଖ୍ୟା ୭୧୦୧/୧୭।୭।୨୦୨୦ରେ ଯାଜପୁର ରୋଡ୍ ରେଞ୍ଜରଙ୍କୁ ଅଭିଯୋଗ ହୋଇଥିବା ଜମିସଂକ୍ରାନ୍ତରେ ତଦନ୍ତ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ୧୫ଦିନ ମଧ୍ୟରେ ଉଚ୍ଚପଦସ୍ଥ ସ୍ତରରେ ପତ୍ର ଆଦାନପ୍ରଦାନ ପରେ ବ୍ୟାସନଗର ତହସିଲଦାର ତାଙ୍କ ପତ୍ରସଂଖ୍ୟା ୪୬୫୩/୨୨।୭।୨୦୨୦ରେ ପୋଖରୀ ଖନନ ନିର୍ଦ୍ଦେଶକୁ ବାତିଲ କରିଥିଲେ।

ଏଠାରେ ପ୍ରଶ୍ନ ଉଠେ ଯେ, ଉକ୍ତ ଜମି ଜଙ୍ଗଲ ନା ରୟତ ଜମି ସେ ନେଇ କୌଣସି ତଦନ୍ତ ନ କରି ତହସିଲଦାର କିପରି ଏକ ଘରୋଇ କମ୍ପାନୀକୁ ମୋରମ୍ ଉତ୍ତୋଳନ କରିବାକୁ ଅନୁମତି ପ୍ରଦାନ କଲେ। ଏଥିରେ ଲକ୍ଷାଧିକ ଟଙ୍କା ଦେଣନେଣ ହୋଇଥିବା ସନ୍ଦେହ କରାଯାଉଛି। ଏଥିଯୋଗୁ ୧୫ ଦିନ ମଧ୍ୟରେ ଅଙ୍କିତା କନଷ୍ଟ୍ରକ୍ସନ ଦିନରାତି ମେଶିନ ଲଗାଇ ଲକ୍ଷାଧିକ ଟଙ୍କାର ମୋରମ ଚୋରାଚାଲାଣ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଏହି ଘଟଣାରେ ସରକାର ନିରପେକ୍ଷ ତଦନ୍ତ କରି ବ୍ୟାସନଗର ତହସିଲଦାରଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବ୍ୟାସନଗର ତହସିଲଦାର ଶରତଚନ୍ଦ୍ର ମହାପାତ୍ର କୁହନ୍ତି, ପୋଖରୀ ଖୋଳିବା ପାଇଁ ସେଠାରେ ଅନୁମତି ଦିଆଯାଇଥିଲା। ଯେଉଁ ପରିମାଣର ମୋରମ ଉତ୍ତୋଳନ ହେବ ସେହି ପରିମାଣର ରାଜସ୍ୱ ଆଦାୟ ହେବ। ତେଣୁ ସେହି ଜମିରେ କେତେ ପରିମାଣର ମୋରମ୍ ଉତ୍ତୋଳନ ହୋଇଛି ତାହାର ମାପଚୁପ ପାଇଁ ପଛିକୋଟ ଆରଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷେ ଗତ ୧୧ ତାରିଖରେ ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର ପାହାଡର ୬ ନମ୍ବର ଖାଦାନରୁ ବେଆଇନ କଳାପଥର ପରିବହନ ଗାଡ଼ିକୁ ଅଟକାଇ ରମ୍ଭେଇ ଗ୍ରାମର କେତେଜଣ ଯୁବକ ସ୍ଥାନୀୟ ପୋଲିସ ଓ ତହସିଲ ପ୍ରଶାସନକୁ ଖବର ଦେଇଥିଲେ ହେଁ କେହି ଶୁଣି ନ ଥିଲେ। ଏହାର ୩ ଦିନ ପରେ ଅର୍ଥାତ ୧୫ ତାରିଖରେ ଧର୍ମଶାଳା ତହସିଲଦାର ରାହାଡପୁର ପାହାଡକୁ ରାସ୍ତା ଖୋଳି ସଂଯୋଗ କାଟି ଦେଇଥିଲେ। କିନ୍ତୁ ୨୪ ଘଣ୍ଟା ନପୂରୁଣୁ ପଥର ବ୍ୟବସାୟୀମାନେ ଖାଲ ପୋତି ପୁଣି କଳାପଥର ଉତ୍ତୋଳନ ଜାରି ରଖିଛନ୍ତି। ଏହାବାଦ ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହାରେ ୧୪୪ ଧାରା ଜାରି ସତ୍ତ୍ୱେ କଳାପଥର ଖାଦାନ ଚାଲିଛି। ସେହିପରି ବାଜବାଟୀ, ବିଛାଖଣ୍ଡି, ବରଡା, କୁସୁନପୁର ଅଞ୍ଚଳରେ କଳାପଥର ଚୋରାଚାଲାଣ ଥମୁନି। ଏଭଳିସ୍ଥିତିରେ ରାଜ୍ୟ ସରକାରଙ୍କ କୌଣସି ନିଷ୍ପତ୍ତି ଜିଲାରେ କାହିଁକି କାର୍ଯ୍ୟକାରୀ ହେଉନାହିଁ ତାହା ଜିଲାସାରା ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ କୁହନ୍ତି, ଅଭିଯୋଗର ସତ୍ୟତା ସେ ଜାଣି ନାହାନ୍ତି। ତେଣୁ କୌଣସି ପ୍ରକାର ମତାମତ ଦେଇପାରିବେ ନାହିଁ।




### ସ୍ୱଳ୍ପ ବୃଷ୍ଟି, ଚାଷକାର୍ଯ୍ୟ ବାଧାପ୍ରାପ୍ତ

ଧର୍ମଶାଳା, ୨୬।୭ (ଡି.ଏନ୍.ଏ.)

ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆବଶ୍ୟକଠାରୁ କମ୍ ବର୍ଷା ଯୋଗୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଞ୍ଚଳରେ ଧାନ ଚାଷ କାର୍ଯ୍ୟ ଆଗେଇପାରୁନି। ଏବେ ଧାନ ରୁଆ, ପୋତା କରିବାର ସମୟ ହୋଇଥିଲେ ବି ବର୍ଷା ନ ଥିବାରୁ ଏହା ହୋଇପାରୁନି। ଫଳରେ ଚଳିତବର୍ଷ ଉତ୍ପାଦନ ହ୍ରାସ ପାଇବା ନେଇ ଆଶଙ୍କା ଦେଖାଦେଇଛି। ଏ ନେଇ ଚାଷୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

ଗତ ବର୍ଷ ଜୁନରେ ୩୮୨ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ଚଳିତବର୍ଷ ଜୁନ୍‌ରେ ମାତ୍ର ୨୩୯ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଗତବର୍ଷ ଜୁଲାଇରେ ୧୩୪ ମିମି ବର୍ଷା ହୋଇଥିବା ବେଳେ ଚଳିତବର୍ଷ ଜୁଲାଇରେ ଅଦ୍ୟାବଧି ୨୩୮ ମିମି ବର୍ଷା ରେକର୍ଡ ହୋଇଛି। କିନ୍ତୁ ଆବଶ୍ୟକଠାରୁ ଚଳିତବର୍ଷ ୨୨ ପ୍ରତିଶତ କମ ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ଆଗେଇ ପାରୁ ନ ଥିବା ଚାଷୀମାନେ କହିଛନ୍ତି। ଚଳିତବର୍ଷ ଧର୍ମଶାଳା ବ୍ଲକରେ ୧୧ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଧାନ ଫସଲ କରାଯିବା ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିମଧ୍ୟରୁ ୯ ହଜାର ହେକ୍ଟର ଜମି ଜଳସେଚିତ ଓ ଅବଶିଷ୍ଟ ଚାଷ ଜମିରେ ଚାଷ କାର୍ଯ୍ୟ ପାଇଁ ଚାଷୀମାନେ ବର୍ଷା ଉପରେ ନିର୍ଭର କରିଥାନ୍ତି। ଅନ୍ୟପଟେ ଏବେ ସୁଦ୍ଧା କେନାଲଗୁଡିକରେ ଅବଶ୍ୟକ ପରିମାଣ ପାଣି ଆସୁ ନ ଥିବାରୁ ଚାଷଜମିକୁ ଜଳସେଚିତ ହୋଇପାରୁନାହିଁ। ଯଥାଶୀଘ୍ର କେନାଲଗୁଡିକରେ ପାଣି ନ ଆସିଲେ ଚଳିତବର୍ଷ ଶତାଧିକ ଏକ ଚାଷଜମି ପଡ଼ିଆ ପଡ଼ିବ ବୋଲି ଚାଷୀମାନେ କହିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଡାକ୍ତର ନାହାନ୍ତି, ରୋଗୀସେବା ଠପ

ରାହାମା,୨୬।୭(ଡି.ଏନ୍.ଏ)

**ପ୍ରତାପଚନ୍ଦ୍ର ସ୍ମାରକୀ ସ୍ୱାସ୍ଥ୍ୟକେନ୍ଦ୍ର**
- ୨୫ ପଞ୍ଚାୟତର ଲୋକେ ନିର୍ଭରଶୀଳ
- ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ କରିବାକୁ ଦାବି

କୁଜଙ୍ଗ ବ୍ଲକ ରାହାମା ଅଧୀନ ପ୍ରତାପଚନ୍ଦ୍ର ସ୍ମାରକୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନ ଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୨୫ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ୧୯୯୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ କରିଥିଲେ। ୨ ଏକରରୁ ଉର୍ଦ୍ଧ୍ୱ ଜମି ଉପରେ ନିର୍ମିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଫ୍ କ୍ୱାର୍ଟର୍ସ, ୨ଟି ମେଡିକାଲ ହଲ୍ ସହ ଶୌଚାଳୟ ଓ ପାନୀୟଜଳର ସୁବିଧା ରହିଛି। ମାତ୍ର କୌଣସି ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତ ଦିଆଯାଇ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରୋଗୀସେବା ନିମନ୍ତେ ହଂସୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପୁଷ୍ପଲତା ସାହୁ ଅସ୍ଥାୟୀ ଭାବେ ସପ୍ତାହକୁ ୩ ଦିନ ଏଠାକୁ ଆସିଥାନ୍ତି। ଅପରପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ରାହାମା ଓ କୁଜଙ୍ଗ ଡାକ୍ତରଖାନାରେ କାର୍ଯ୍ୟ କରୁଛନ୍ତି। ଫଳରେ ରୋଗୀମାନେ ଆବଶ୍ୟକ ସମୟରେ ସେବା ନ ପାଇ ହତାଶ ହେଉଛନ୍ତି। ଦୀର୍ଘଦିନ ଧରି ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ କରିବା ପାଇଁ ଦାବି ହେଉଛି। ମାତ୍ର ଏହା ଫଳପ୍ରଦ ହେଉନାହିଁ ବୋଲି ରାହାମା ବଜାର କମିଟି ସଭାପତି ଜଟାଧାରୀ ଦାସ, ସାମାଜିକ କର୍ମୀ ସୁନାକର ବେହେରା, ଭିକାରୀ ସେନାପତି, କ୍ରିୟାନୁଷ୍ଠାନ କମିଟିର ମୁଖ୍ୟ ସଂଯୋଜକ ପ୍ରତାପ ଚନ୍ଦ୍ର ମହାନ୍ତି, ରୋଗୀ କଲ୍ୟାଣ ସମିତି ସଭ୍ୟ ବ୍ରଜକିଶୋର ମହାରାଜା ପ୍ରମୁଖ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରସନ୍ନ କୁମାର ପଣ୍ଡା କହିଛନ୍ତି, ସରକାରଙ୍କ ପାଖରେ ଏବେ ଡାକ୍ତରଙ୍କ ଅଭାବ ଅଛି। ଯେତେବେଳେ ରାଜ୍ୟରେ ଅଧିକ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ, ସେତେବେଳେ ରାହାମା ପାଇଁ ମଧ ପଦକ୍ଷେପ ନିଆଯିବ।



# ଶ୍ରମିକଙ୍କ ନାଁରେ ଚାନ୍ଦା ଆଦାୟକୁ ବିରୋଧ

କାଳିଆପାଣି, ୨୬।୭ (ଡି.ଏନ୍.ଏ.)

**ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲା ଟ୍ରକ ମାଲିକ ସଂଘ**

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ଲୋଡିଂ କ୍ଷେତ୍ରରେ ଶ୍ରମିକ ନାମରେ ବେଆଇନ ଚାନ୍ଦା ଆଦାୟ କରାଯାଉଛି। ସମ୍ପ୍ରତି ମେଶିନ ସହାୟତାରେ ଲୋଡିଂ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ଶ୍ରମିକ ନିୟୋଜିତ ନ ହୋଇ ମଧ ଶ୍ରମିକଙ୍କ ନାମରେ ଚାନ୍ଦା ଆଦାୟ ଦୁର୍ଭାଗ୍ୟଜନକ ବୋଲି ଟ୍ରକ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ଟ୍ରିପ୍ ପିଛା ୬ ଚକିଆ ଗାଡିରୁ ୬୦୦ ଟଙ୍କା, ୧୦ ଓ ୧୨ ଚକିଆ ଗାଡ଼ିରୁ ୧୨୦୦ ଟଙ୍କା ଏବଂ ୧୪ ଚକିଆ ଗାଡିରୁ ପ୍ରାୟ ୧୪୦୦ ଟଙ୍କା ଲୋଡିଂ ଠିକାଦାରଙ୍କ ଦ୍ୱାରା ଆଦାୟ କରାଯାଉଛି। ଏହି ବେଆଇନ କାର୍ଯ୍ୟ ବନ୍ଦ କରିବାକୁ ରବିବାର ଟ୍ରକ ମାଲିକ ସଂଘ ପକ୍ଷରୁ କାଳିଆପାଣି ଥାନାଧିକାରୀଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବେଆଇନ ଚାନ୍ଦା ଆଦାୟ ନେଇ ପୂର୍ବରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ କୌଣସି ସୁଫଳ ନମିଳିବାରୁ ଟ୍ରକ ମାଲିକ ସଂଘ ଅସନ୍ତୋଷ ପ୍ରକାଶ କରି ପୁଣି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୨୦ ମାର୍ଚ୍ଚ ୩୧ ତାରିଖରେ କ୍ରୋମାଇଟ ଖଣି ଅଞ୍ଚଳର ମିଶ୍ରିଲାଲ, ଟାଟାଷ୍ଟିଲ ଓ ବିସିମହାନ୍ତି ଖଣି ଲିଜ ଅବଧି ଶେଷ ହେବା ସହ ଲୋଡିଂ ଶ୍ରମିକମାନଙ୍କୁ ସେହି ଖଣିରୁ ଛଟେଇ କରାଯାଇଛି। ଏବେ ପରିବହନ କରୁଥିବା ଟ୍ରକଗୁଡ଼ିକ ମେଶିନ ସହାଯ୍ୟରେ ଲୋଡିଂ କରୁଛନ୍ତି। ହେଲେ ଏବେ ମଧ କ୍ରୋମାଇଟ ପରିବହନ କରୁଥିବା ଠିକାଦାର କିଛି ଅସାଧୁ ଅଧିକାରୀଙ୍କ ସହ ମିଶି ୩ ଖଣିରେ ଶ୍ରମିକଙ୍କ ନାମରେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି। ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘ ପକ୍ଷରୁ ମାନସ ଭଞ୍ଜ, ଶୁଭ୍ରାଂଶୁ ସାମଲ, ଦେବରାଜ ସାମଲ, ଜଗଦୀଶ ମହାନ୍ତ, ଅଶୋକ ମହାନ୍ତ, ଜିତେନ୍ଦ୍ର ମହାନ୍ତ, ସୁରେସ ଚନ୍ଦ୍ର ପ୍ରଧାନ, ପ୍ରଦିପ୍ତ ମହାନ୍ତ ପ୍ରମୁଖ ଥାନାଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।


**ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍**
(ଭାରତ ସରକାରଙ୍କ ଉଦ୍ୟୋଗ)
NHIDCL BUILDING INFRASTRUCTURE - BUILDING THE NATION
BHARATMALA
କର୍ପୋରେଟ୍ କାର୍ଯ୍ୟାଳୟ: ୩ୟ ମହଲା, ପିଟିଆଇ ବିଲ୍ଡିଂ, ୪ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍, ନୂଆଦିଲ୍ଲୀ-୧୧୦୦୦୧

ଫାଇଲ୍ ନଂ. ଏନ୍‌ଏଚ୍‌ଆଇଡିସିଏଲ୍/୨(୬)/ଆର୍‌ଇସିଟିଟି./ଇଡି/୨୦୨୦/ଏଚ୍‌ଆର୍
ଉତ୍ତର-ପୂର୍ବାଞ୍ଚଳ ଏବଂ ପଡ଼ୋଶୀ ଦେଶଗୁଡିକ ସହିତ ଅନ୍ତର୍ଜାତୀୟ ସୀମା ଭାଗ କରୁଥିବା ଅଞ୍ଚଳଗୁଡିକରେ ଜାତୀୟ ରାଜପଥର ନିର୍ମାଣ/ଉନ୍ନତୀକରଣ/ପ୍ରଶସ୍ତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍‌କୁ ଏକ ନିଗମ ଭାବେ ପ୍ରତିଷ୍ଠା କରାଯାଇଛି।
କେନ୍ଦ୍ରସରକାରୀ ମନ୍ତ୍ରଣାଳୟ/ବିଭାଗ, ସ୍ୱୟଂଶାସିତ ନିକାଶ, ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ରାଜ୍ୟ ସରକାରୀ ବିଭାଗ ଏବଂ ରାଜ୍ୟ ସରକାରୀ ସର୍ବସାଧାରଣ ଉଦ୍ୟୋଗରେ କାର୍ଯ୍ୟରତ କର୍ମଠ, ସମର୍ଥ ଏବଂ ଅଭିଜ୍ଞ ଯୋଗ୍ୟ ଅଧିକାରୀମାନଙ୍କଠାରୁ ନିମ୍ନ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀରେ ଡେପୁଟେଶନ ଭିତ୍ତିରେ ଟ୍ରାନ୍ସଫର୍ ଲାଗି ଦରଖାସ୍ତ ଆମନ୍ତ୍ରଣ କରାଯାଉଛି:-

| କ୍ର. ସଂ. | ପଦବୀର ନାମ ଓ ସମ୍ଭାବ୍ୟ ଖାଲିସ୍ଥାନ | ଖାଲିସ୍ଥାନ ସଂଖ୍ୟା | ସିଡିଏ ଢାଞ୍ଚାରେ ବେତନ ମାଟ୍ରିକ୍ସ ସ୍ତର |
|---|---|---|---|
| ୧. | ସହକାରୀ ନିର୍ଦ୍ଦେଶକ (ଆନୁଷ୍ଠାନିକ ଭାଷା) (ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ, ନୂଆଦିଲ୍ଲୀ ପାଇଁ) | ୦୧ | ବେତନ ମାଟ୍ରିକ୍ସ ସ୍ତର-୧୦, ୭ମ ସିପିସିର (ଟ୧୫୬୦୦-୩୯୦୦୦/ର ପ୍ରାକ୍-ସଂଶୋଧିତ ପିବି-୩ ତଥା ଟ୫୪୦୦/-ର ଗ୍ରେଡ୍ ପେ') |
| ୨. | ପ୍ରାଇଭେଟ୍ ସେକ୍ରେଟାରୀ (ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ, ନୂଆଦିଲ୍ଲୀ ପାଇଁ) | ** | ବେତନ ମାଟ୍ରିକ୍ସ ସ୍ତର-୯, ୭ମ ସିପିସିର (ଟ୯୩୦୦-୩୪୮୦୦/ର ପ୍ରାକ୍-ସଂଶୋଧିତ ପିବି-୨ତଥା ଟ୫୪୦୦/-ର ଗ୍ରେଡ୍ ପେ') |

**ପଦବୀର ଖାଲିସ୍ଥାନ ସଂଖ୍ୟା ଆବଶ୍ୟକତା ଅନୁସାରେ ବଦଳିପାରେ। ଅଧିକନ୍ତୁ, ଏନ୍‌ଏଚ୍ ଆଇଡିସିଏଲ୍‌ରେ ସୂଚିତ ତଥା ଭବିଷ୍ୟତ ଖାଲିସ୍ଥାନଗୁଡିକୁ ପୂରଣ କରିବା ପାଇଁ ମନୋନୀତ ପ୍ରାର୍ଥୀମାନଙ୍କ ଏକ ପ୍ୟାନେଲ୍ ପ୍ରସ୍ତୁତ କରିବାର ଅଧିକାର ଏନ୍‌ଏଚ୍‌ଆଇଡିସିଏଲ୍ ନିକଟରେ ସଂରକ୍ଷିତ।
**ଦରଖାସ୍ତ ଦାଖଲ ଶେଷ ତାରିଖ: ୧୭।୦୮।୨୦୨୦-୧୮.୦୦ ଘଟିକା**
**ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି www.nhidcl.com ପରିଦର୍ଶନ କରନ୍ତୁ।**
**ଦ୍ରଷ୍ଟବ୍ୟ ୧:** ସରକାରୀ ସେବାରେ ସେବାରତ ରହିଥିବା ଏବଂ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡକୁ ପୂରଣ କରୁଥିବା ଅବସରପ୍ରାପ୍ତ ଅଧିକାରୀ(ମାନେ) ମଧ ଠିକା ଭିତ୍ତିରେ ପଦବୀରେ ନିଯୁକ୍ତି ପାଇଁ ପେନ୍‌ସନ ପରିଶୋଧ ଆଦେଶର ପ୍ରତିଲିପି ସହିତ ନିର୍ଦ୍ଧାରିତ ପ୍ରୋଫର୍ମାରେ ଆବେଦନ କରିପାରନ୍ତି।
**ଦ୍ରଷ୍ଟବ୍ୟ ୨:** ଏହି ଖାଲିସ୍ଥାନ ଅଧିସୂଚନାରେ କୌଣସି ପରିବର୍ତ୍ତନ କିମ୍ବା ସଂଶୋଧନ କେବଳ ଏନ୍‌ଏଚ୍‌ଆଇଡିସିଏଲ୍ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ।
**ଦ୍ରଷ୍ଟବ୍ୟ ୩:** ଅସମ୍ପୂର୍ଣ୍ଣ ଦରଖାସ୍ତ କିମ୍ବା ନିର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡିକୁ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ।
**ଗଢୁଛୁ ଭିତ୍ତିଭୂମି, ଗଢୁଛୁ ରାଷ୍ଟ୍ର**


# ପିଇଓଙ୍କୁ ସରପଞ୍ଚଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାର, ଥାନାରେ ମାମଲା

ଜେନାପୁର, ୨୬।୭ (ଡି.ଏନ୍.ଏ.)

ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପାଣ୍ଡବ ଚରଣ ସାମଲଙ୍କୁ ସରପଞ୍ଚ ରାଜେଶ୍ୱରୀ ପରିଡ଼ାଙ୍କ ସ୍ୱାମୀ ପ୍ରକାଶ ପରିଡ଼ା ଓ ତାଙ୍କର ଦୁଇ ସହଯୋଗୀ ଦୁର୍ବ୍ୟବହାର କରିଥିବା ଥାନାରେ ଅଭିଯୋଗ ହୋଇଛି। ପାଣ୍ଡବଙ୍କ ଅଭିଯୋଗ ମୁତାବକ, ଶନିବାର ସେ ପଞ୍ଚାୟତରେ କାମ ସାରି ପଞ୍ଚାୟତର ପମ୍ପ ହାଉସ ଚାଳକ ଜଗନ୍ନାଥ ଭୂତିଆଙ୍କ ଘରେ ବିଶ୍ରାମ ନେଉଥିଲେ। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀ ପ୍ରକାଶ ଓ ତାଙ୍କର ଦୁଇ ସହଯୋଗୀ ଦିଲ୍ଲୀପ ଭୂୟାଁ, ରଞ୍ଜନ କୁମାର ଦାସ ପିଇଓଙ୍କୁ ଫୋନ୍ କରି ଗାଳିଗୁଲଜ କରିଥିଲେ। ଏଥିସହ ତାଙ୍କ ହିସାବରେ କାମ ନ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ପାଣ୍ଡବ ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରେ ଏ ନେଇ ମାମଲା (ନଂ.-୨୨୬/୨୦)ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି କହିଛନ୍ତି। ଏହାଛଡ଼ା ଏ ନେଇ ପିଇଓ ପାଣ୍ଡବ ଧର୍ମଶାଳା ବିଡିଓ ଓ ପଞ୍ଚାୟତ ସମିତି ଅଧକ୍ଷଙ୍କୁ ମଧ ଜଣାଇଛନ୍ତି।

# ୫୦ ହେକ୍ଟର ଚାଷଜମି ପଡ଼ିଆ

ରଘୁନାଥପୁର,୨୬।୭(ଡି.ଏନ.ଏ.)

**ମୁଗଅଣ୍ଟା ଶାଖା କେନାଲରେ ଆସୁନି ପାଣି**

ଶାଖା କେନାଲରେ ପାଣି ନ ଆସିବାରୁ ୫୦ ହେକ୍ଟର ଚାଷ ଜମି ପଡ଼ିଆ ପଡିଛି। ଏହାଛଡ଼ା କଟକ-ପାରାଦୀପ ରେଳ ଲାଇନ ତଳେ ଯାଇଥିବା କେନାଲରେ ଉପରୁ ମେଟାଲ ଖସି ପୋତି ହୋଇପଡିଥିବାରୁ ପାଣି ମାଡିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ବାଲିଆ ଏସଡିଓ ତଥା ରଘୁନାଥପୁର ବ୍ଲକର ବାଲିକୁଦା ଯନ୍ତ୍ରୀଙ୍କ ଅଧୀନରେ ଥିବା ମାଛଗାଁ ୭ନଂ କେନାଲର ମୁଗଅଣ୍ଟାରୁ ବାହାରିଥିବା ସିଂ ଶାଖା କେନାଲରେ। ଉକ୍ତ କେନାଲଟି ଏହିସ୍ଥାନରୁ ବାହାରି ରେଳ ଲାଇନ ତଳ ଦେଇ ୧ କି ମି ପର୍ଯ୍ୟନ୍ତ ଯାଇଛି। ରେଳ ଟ୍ରାକରୁ ମେଟାଲ ଖସି କେନାଲ ଶଯ୍ୟା ପୋତି ହୋଇଯାଇଛି। ହେଲେ ଅଦ୍ୟାବଧି ଏହିସ୍ଥାନରେ ସଫେଇ କାର୍ଯ୍ୟ କରାଯାଇନି। ଫଳରେ ପାଣି ନିଷ୍କାସନ ବାଧାପ୍ରାପ୍ତ ହୋଇଛି। କେନାଲ ଉପରେ ନିର୍ଭର କରୁଥିବା ୫୦ ହେକ୍ଟର ଚାଷଜମିରେ ଧାନ ଚାଷ ହୋଇପାରିବା ନେଇ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ଅନେକ ଥର ଯନ୍ତ୍ରୀଙ୍କୁ କୁହାଯାଇଥିଲେ ମଧ କୌଣସି ପ୍ରତିକାର କରାଯାଉନି ବୋଲି ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ଅବହେଳା ତଥା ଯନ୍ତ୍ରୀଙ୍କ ଖାମଖିଆଲ ମାନବୃତ୍ତିକୁ ଦୋଷ ଦେଇଛନ୍ତି ଚାଷୀ। ଏ ସମ୍ପର୍କରେ ଯନ୍ତ୍ରୀ ଜାଗେତ୍ରୀ ବାରିକଙ୍କୁ ପଚାରିବାରେ ସେ କହିଛନ୍ତି, ସ୍ଥାନୀୟ ୧୭ ନଂ ପାଣି ପଞ୍ଚାୟତ ହାତରେ ସଫେଇ ଦାୟିତ୍ୱ ରହିଛି। ୨/୩ଦିନ ମଧ୍ୟରେ ଏହାର ସମାଧାନ ହୋଇଯିବ। ତେବେ ରେଳ ଲାଇନ ତଳେ ଯାଇଥିବା କେନାଲର ଉଭୟ ପାର୍ଶ୍ୱରେ ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି।


ଶାଖା କେନାଲ ଶୃଙ୍ଖଳା ପଡ଼ିଛି।


**OFFICE OF THE CDM & PHO, ANGUL**
NATIONAL HEALTH MISSION
No.1792 Date 24.07.2020

**WALK-IN-INTERVIEW UNDER COVID-19**

A walk in interview shall be conducted for the post of Paramedics to be engaged in COVID CARE HOME (CCH)/COVID GRUHAs at Panchayat level of Angul District. The details is as mentioned below.

| Sl. No. | Name of the post | Vacancy | Per day honorarium in (Rs.) | Eligibility | Date, time & venue of Walk-in-Interview | Mode of selection |
|---|---|---|---|---|---|---|
| 1. | MPHW(F) | 229 | Rs.850/- only | Unemployed Trained and Registered MPHW (F) | 05.08.2020 at 10.00 A.M. in Govt. High School, Angul | Career and Interview |

The eligible candidates of Angul district are hereby informed to attend the walk-in-interview on the above mentioned Date, Time & Venue with the following document. (Original with a set of self attested Photocopies of the original documents).
1. Completely filled up application from as available in the district website i.e. www.angul.nic.in.
2. Certificates in support of Educations (10th and 10+2 Certificate and Mark sheet).
3. Certificate in support of Technical Qualification (Pass Certificate of Auxiliary Nurse & Midwives Examination (ANM) & Certificate of Registration of Odisha Nurses & Midwives Council)
4. Medical fitness Certificate.
5. Documents in support of Age Proof.
6. Identity Proof.
7. Residence Certificate
8. Two recent color pass port size photographs.

The engagement is purely temporary, for a period of 03 (three) months only or till COVID CARE HOMEs are functional, whichever is earlier, keeping in view the emergency situation arising due to COVID-19. The engagement is terminable at any period of time without assigning any reason thereof. Further, such engagement does not confer any right on the engagee for any future engagement/regularization of such engagement. In view of spreading of COVID-19 the candidates are only allowed inside the campus of the venue and with proper mask, hand sanitization and they should maintain adequate distance from each other while appearing in the walk-in-interview. The undersigned is not responsible for any transport delay and the candidates appearing in the walk-in-interview are not permissible for any TA/DA. No ORV Rules to be implemented for the selection of the candidates as it is a temporary engagement. Personal correspondence regarding of the above walk-in-interview is strictly prohibited. Candidates are strictly informed not to submit their application and other documents over E-mail/Postal/Courier etc. Typographical error (if any) may be exempted

Sd./-
Chief District Medical & Public Health Officer, Angul

ଆମ ପକ୍ଷରେ ଆଉ କୌଣସି ଆଧ୍ୟାତ୍ମିକ ପୁନରାବୃତ୍ତିର ପ୍ରଶ୍ନ ନାହିଁ। କାରଣ ସେ ସବୁ ଆମର ପୂର୍ବସୂରୀମାନେ କରି ଯାଇଛନ୍ତି। ଆମର ଆଧ୍ୟାତ୍ମିକ ଅଭିଯାନ ତାହା ପରଠାରୁ ଆରମ୍ଭ ହେବ। ଏହା ଏକ ନୂତନ ସର୍ଜନାର ପ୍ରଶ୍ନ। **-ଶ୍ରୀମା**



# ଖାଲି ରାଜସ୍ଥାନ

ରାଜସ୍ଥାନ ବିଧାନସଭାରେ ଦେଖାଦେଇଥିବା ରାଜନୈତିକ ସଙ୍କଟର ସାମ୍ବିଧାନିକ ସମାଧାନ ଦିଗ ଖୋଜାଚାଲିଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ୩୧ ଜୁଲାଇରେ ବିଧାନସଭା ଅଧିବେଶନ ଡାକିବା ପାଇଁ ରାଜ୍ୟପାଳ କଲରାଜ ମିଶ୍ରଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସେହି ଦିଗରେ ଅଗ୍ରଗତି ଘଟୁ ନାହିଁ। କୋଭିଡ୍-୧୯ ସ୍ଥିତି ଲାଗି ରହିଥିବାରୁ ଏଭଳି ସମୟରେ ବିଧାନସଭା ଅଧିବେଶନ ଡାକିବା ଠିକ୍ ନୁହେଁ ବୋଲି ରାଜ୍ୟପାଳ କହୁଛନ୍ତି। ବାସ୍ତବରେ ଏହା ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ମୁଖ୍ୟମନ୍ତ୍ରୀ ଗେହଲଟ ଅଭିଯୋଗ କରିଛନ୍ତି। ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ରାଜନୈତିକ ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି ବୋଲି ଏକାଧିକ କଂଗ୍ରେସ ନେତା ଓ ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଗେହଲଟ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରି ଦେଇଥିବା ବିବୃତି ଘଟଣାକୁ ଅଧିକ ଶାଣିତ କଲାଣି। ସେ କହିଛନ୍ତି, 'କରୋନା ଭାଇରସ୍ ମହାମାରୀ ଯୋଗୁ ଦେଶ ଦୁର୍ଦ୍ଦିନ ଦେଇ ଗତି କରୁଛି। ଦେଶବାସୀ ଘୋର ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍ଆଇଇ) ରିପୋର୍ଟ ଦେଇଛି ଯେ, ଇତିମଧ୍ୟରେ ଦେଶରେ ୧୪ କୋଟି ଚାକିରି ଗଲାଣି। ଚାଇନା ଭାରତ ସୀମାନ୍ତରେ ପଶିଗଲାଣି। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା, ଅର୍ଥନୈତିକ ସଙ୍କଟ ଏବଂ ଚାଇନା ସହ ନ ଲଢ଼ି ତାଙ୍କ କଂଗ୍ରେସ ସରକାରଙ୍କୁ ଭାଙ୍ଗିବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଗେହଲଟ କହିବା ପରେ ଜାତୀୟ ସ୍ତରରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ରାଜସ୍ଥାନ ରାଜ୍ୟପାଳ ବିଧାନସଭା ଅଧିବେଶନ ଡାକିବାକୁ କ୍ୟାବିନେଟ ଦେଇଥିବା ପରାମର୍ଶକୁ ଅଗ୍ରାହ୍ୟ କରିଦେବା ସାମ୍ବିଧାନିକ ନିୟମ ଉଲ୍ଲଂଘନ କରିଥିବା ଆଲୋଚନା ହେଲାଣି।

ଘଟଣାକ୍ରମକୁ ଦେଖିଲେ ଗେହଲଟ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିବା ସଚିନ ପାଇଲଟ ଓ ଅନ୍ୟ ୧୮ ବିଦ୍ରୋହୀ ବିଧାୟକ କଂଗ୍ରେସ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସରକାରକୁ ଭାଙ୍ଗିଦେବାକୁ ଚେଷ୍ଟା କରୁଥିବା ଅନୁଭବ କରିବା ପରେ ବାଚସ୍ପତି ସି.ପି. ଜୋଷୀ ସେମାନଙ୍କୁ ଅଯୋଗ୍ୟ ଘୋଷଣା ଲାଗି ନୋଟିସ ପଠାଇଥିଲେ। କିନ୍ତୁ ୨୪ ଜୁଲାଇରେ ରାଜସ୍ଥାନ ହାଇକୋର୍ଟ ବାଚସ୍ପତି ପଠାଇଥିବା ନୋଟିସ ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ସ୍ଥିତାବସ୍ଥା ନିର୍ଦ୍ଦେଶର ତାତ୍ପର୍ଯ୍ୟ ହେଉଛି ଯେ, ବାଚସ୍ପତି ଅସନ୍ତୁଷ୍ଟ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ସମ୍ବିଧାନର ୧୦ମ ପରିଚ୍ଛେଦ ପାରା (୧)(ଏ) ଅନୁସାରେ ଆଗକୁ କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ। ଏପରି କି ବିଦ୍ରୋହୀ ବିଧାୟକମାନେ ଉକ୍ତ ନୋଟିସ ଉପରେ ଜବାବ ଦାଖଲ ନ କଲେ ମଧ୍ୟ ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ। ହାଇକୋର୍ଟ ଏଭଳି ନିର୍ଦ୍ଦେଶ ଦେବା ପରେ ପାଇଲଟ ଗୋଷ୍ଠୀଙ୍କୁ ଏହା ସୁହାଇଛି। ଫଳରେ ଏହାର ଫାଇଦା ନେବାକୁ କେନ୍ଦ୍ରର ଭାଜପା ସରକାର ଅଣ୍ଟା ଭିଡ଼ିଥିବା ପ୍ରତୀୟମାନ ହେଉଛି। ମଧ୍ୟପ୍ରଦେଶରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ବିଦ୍ରୋହୀ ବିଧାୟକଙ୍କୁ କମଲନାଥ ସରକାରରୁ ନେବାରେ ସକ୍ଷମ ହେବା ପରେ ସେଠାରେ ଭାଜପା ସରକାର ଗଢ଼ିପାରିଥିଲା। ରାଜସ୍ଥାନରେ ସଚିନ ଓ ଅନ୍ୟ ବିଦ୍ରୋହୀ ବିଧାୟକଙ୍କ ସଂଖ୍ୟା କମ୍ ଥିଲେ ମଧ୍ୟ ସମାନ ସମୀକରଣ ପ୍ରୟୋଗ କରି ଭାଜପା ରାଜନୈତିକ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛି। ସମ୍ଭବତଃ ସେଥିପାଇଁ ରାଜ୍ୟପାଳଙ୍କୁ ଏହାର ମାଧ୍ୟମ କରାଯାଇଛି ବୋଲି ଆଲୋଚନା ହେଲାଣି। କେବଳ ଭାଜପା ସରକାର ନୁହେଁ, ଅତୀତରେ କେନ୍ଦ୍ରରେ ଗାଦିନସୀନ କଂଗ୍ରେସ ସରକାର ନିର୍ଦ୍ଦେଶ କ୍ରମେ ରାଜ୍ୟପାଳଙ୍କ ବିଶେଷ କ୍ଷମତା ବଳରେ ଅନେକ ରାଜ୍ୟ ସରକାରକୁ ଭାଙ୍ଗିଦିଆଯାଇଛି। ତେବେ ରାଜସ୍ଥାନ କ୍ଷେତ୍ରରେ ସେଠାକାର ହାଇକୋର୍ଟ ଯେଭଳି ବାଚସ୍ପତିଙ୍କ ଅଧିକାରରେ ହସ୍ତକ୍ଷେପ କଲେ ତାହା ଏକ ଖରାପ ପରମ୍ପରା ସୃଷ୍ଟି କରିଛି। ନ୍ୟାୟପାଳିକା ନିରପେକ୍ଷତା ଅବଲମ୍ବନ କରିବା ହେଉଛି ତା'ର ଧର୍ମ। ଏହାବ୍ୟତୀତ ସମ୍ବିଧାନର ତିନୋଟି ସ୍ତମ୍ଭ ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା କେହି କାହାର ଆଭ୍ୟନ୍ତରୀଣ କାର୍ଯ୍ୟରେ ହସ୍ତକ୍ଷେପ କରିବା କଥା ନୁହେଁ। ଯଦି କରନ୍ତି, ତେବେ ତାହା ସମ୍ବିଧାନକୁ ଦୁର୍ବଳ କରିଦେବ। ଏହାବ୍ୟତୀତ କୁହାଯାଇପାରେ ଯେ, ବିଧାୟକମାନଙ୍କ ପଦକ୍ଷେପ ଗୃହ ବାହାରେ ହୋଇଥିବାରୁ ବାଚସ୍ପତିଙ୍କ କ୍ଷମତା ସେମାନଙ୍କ ଉପରେ ଲାଗୁ ହେବା ଉଚିତ ନୁହେଁ। ତେବେ ବିଧାୟକମାନଙ୍କ କାର୍ଯ୍ୟକଳାପ ଗୃହ ବାହାରେ ହେଉ ବା ଭିତରେ ସେମାନଙ୍କର ବିଧାନସଭାର ସଦସ୍ୟତା ଏବଂ ଯେଉଁ ଦଳ ଚିହ୍ନରେ ଜିଣିଛନ୍ତି, ତାହାର ସଂଖ୍ୟା ପ୍ରଭାବିତ ହେଲେ ସେଥିରେ ବାଚସ୍ପତିଙ୍କ ପଦକ୍ଷେପ ନେବାର ଅଧିକାର ରହିବା କଥା। କାରଣ ସେମାନେ ଯଦି ବିଧାନସଭାର ସଦସ୍ୟ ହୋଇ ନ ଥାନ୍ତେ, ତେବେ କୌଣସି ସମସ୍ୟା ଉଠି ନ ଥାଆନ୍ତା। ଉଦାହରଣ ସ୍ୱରୂପ, ଆଇନ ଅଛି ଯେ ଜଣେ ସାଂସଦ ବା ବିଧାୟକ ଗିରଫ ହେବା ମାତ୍ରକେ ତାଙ୍କ ସ୍ଥିତି ସମ୍ପର୍କରେ ସମ୍ପୃକ୍ତ ବାଚସ୍ପତିଙ୍କୁ ୨୪ ଘଣ୍ଟା ମଧ୍ୟରେ ଜଣାଇବା ହେଉଛି ପୋଲିସର ଦାୟିତ୍ୱ। ଏହି ପ୍ରଚ୍ଛଦପଟରେ ଦେଖିଲେ ରାଜସ୍ଥାନ ହାଇକୋର୍ଟର ଏଭଳି ନିଷ୍ପତ୍ତି ସ୍ପଷ୍ଟ ରାଜନୈତିକ ଦୃଷ୍ଟିଭଙ୍ଗୀ ଥିବା ଭଳି ମନେହୁଏ। ସବୁ ସମୟରେ ବ୍ୟବସ୍ଥାକୁ ଏହିଭଳି ଯଦି ଭାଙ୍ଗି ଦିଆଯାଏ, ତେବେ ନ୍ୟାୟାଳୟ କିମ୍ବା ସରକାରଠାରୁ ନ୍ୟାୟ ପାଇବା ସାଧାରଣ ନାଗରିକ ପାଇଁ ସମ୍ଭବପର ହେବ ନାହିଁ।

## ସାପ୍ତାହିକ ପଞ୍ଜିକା

**ଜୁଲାଇ ୧୯:** କରୋନା ଚିକିତ୍ସା ପାଇଁ ନୂଆ ଆଶା ଦେଇଛି ପ୍ଲାଜମା ଥେରାପି।

**ଜୁଲାଇ ୨୦:** ଆରବ ଜଗତରେ ପ୍ରଥମ ରାଷ୍ଟ୍ର ଭାବେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ମଙ୍ଗଳ ଗ୍ରହକୁ ମହାକାଶ ଯାନ ପଠାଇ ଇତିହାସ ରଚିଛି।

**ଜୁଲାଇ ୨୧:** ମଧ୍ୟପ୍ରଦେଶ ରାଜ୍ୟପାଳ ତଥା ବିଶିଷ୍ଟ ଭାଜପା ନେତା ଲାଲ୍‌ଜୀ ଟଣ୍ଡନଙ୍କ ପରଲୋକ।

**ଜୁଲାଇ ୨୨:** କରୋନା ମହାମାରୀ ଯୋଗୁ ସ୍କୁଲ ସିଲାବସ୍ କମିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ଦାଶଙ୍କ ସୂଚନା।

**ଜୁଲାଇ ୨୩:** ସୈନ୍ୟବାହିନୀରେ ମହିଳା ଅଫିସରମାନଙ୍କୁ ସ୍ଥାୟୀ କମିଶନ ପ୍ରଦାନ ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛନ୍ତି।

**ଜୁଲାଇ ୨୪:** କରୋନା ଯୋଗୁ ରାଜ୍ୟରେ ଅଧାରୁ ଅଧିକ ପିଲା ପୁଷ୍ଟିହୀନତାର ଶିକାର ହେବା ଆଶଙ୍କା।

**ଜୁଲାଇ ୨୫:** ରାଜ୍ୟରେ ଗୋଟିଏ ଦିନରେ କରୋନାରେ ୧୦ ଜୀବନ ଗଲା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | E | 3 | 7 | | 5 | | | | | C | 9 | | |
| 7 | | 8 | 1 | 5 | B | | | | | | | | 6 | |
| | | | | | 0 | 2 | | A | 1 | | | D | | |
| 6 | | | A | | 2 | | | B | | | D | 0 | | C |
| 2 | | | | | | | 3 | | | 9 | 6 | | | |
| D | | | | | | | | 8 | | | 1 | | | |
| | C | | | | | 4 | | | 3 | D | 2 | | | 8 |
| | | B | 0 | | 9 | | | | | A | | C | | |
| | | 9 | 2 | | | | 1 | | | | | E | | |
| | | A | | 6 | 7 | | 9 | E | 5 | B | | | | |
| | | | | | 4 | 7 | | | D | E | | 5 | | |
| | 4 | C | E | | | A | | | | 7 | 9 | 2 | | |
| | | | B | A | C | | | 9 | | 4 | | | | |
| E | | | | 1 | | D | | | 8 | | | | A | B |
| | | 0 | | | | B | 8 | 6 | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | 1 | 5 | 6 | 8 | B | 4 | 2 | 7 | E | C | 9 | A | 3 |
| 7 | 9 | 5 | 4 | 0 | 1 | 3 | E | C | D | A | 8 | 6 | 2 | B |
| E | 6 | 8 | 2 | 7 | A | 0 | 9 | 5 | B | 3 | 4 | 1 | D | C |
| 2 | 3 | B | D | C | E | A | 6 | 8 | 1 | 9 | 0 | 4 | 7 | 5 |
| 4 | C | A | 9 | B | 3 | 1 | 7 | D | 5 | 6 | 2 | 0 | 8 | E |
| 9 | 5 | C | A | D | B | 8 | 3 | E | 4 | 0 | 7 | 2 | 6 | 1 |
| B | D | 0 | 6 | 2 | 5 | 4 | C | 1 | 9 | 8 | E | A | 3 | 7 |
| 8 | 1 | 2 | 3 | E | 0 | 7 | B | 9 | A | C | 6 | 5 | 4 | D |
| 6 | E | 7 | C | 4 | 9 | 5 | 2 | A | 3 | 1 | D | B | 0 | 8 |
| A | 4 | 3 | 1 | 8 | 7 | D | 0 | 6 | 2 | B | 5 | E | C | 9 |
| C | A | E | 8 | 1 | 2 | 9 | 5 | 4 | 6 | D | 3 | 7 | B | 0 |
| 0 | 8 | 9 | B | 5 | 6 | 2 | D | 7 | C | 4 | 1 | 3 | E | A |
| 1 | B | 4 | 7 | 3 | C | 6 | 8 | 0 | E | 5 | A | D | 9 | 2 |
| 5 | 7 | 6 | E | 9 | D | C | A | 3 | 0 | 2 | B | 8 | 1 | 4 |
| 3 | 2 | D | 0 | A | 4 | E | 1 | B | 8 | 7 | 9 | C | 5 | 6 |

ଗତକାଲିର ଉତ୍ତର

# ସଂସଦୀୟ ଗଣତନ୍ତ୍ର ଓ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ



ଶକ୍ତି ପ୍ରସାଦ ଦାସ

ସ୍ୱାଧୀନତାର ୭୩ ବର୍ଷ ମଧ୍ୟରେ ଭାରତ ୧୭ଟି ଲୋକ ସଭା ନିର୍ବାଚନ ସହିତ ସମାନ ସଂଖ୍ୟକ ସରକାର ଓ ବିରୋଧୀ ଦଳ ଦେଖିଛି। ବିରୋଧୀ ଦଳଗୁଡ଼ିକ ଅନବରତ ସରକାରଙ୍କ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଗଠନମୂଳକ ଅବଦାନ ରଖିବା ସହିତ ଭାରତକୁ ପ୍ରଗତି ପଥରେ ଆଗେଇ ନେଇଛନ୍ତି। ଭାରତ ଭଳି ଏକ ଦଳ-ବହୁଳ, ଅଞ୍ଚଳ-ବହୁଳ ଓ ସଂସ୍କୃତି-ବହୁଳ ଗଣତନ୍ତ୍ରରେ ଶକ୍ତିଶାଳୀ ଜାତୀୟ ବିରୋଧୀ ଦଳର ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ । ସରକାର ସ୍ୱଚ୍ଛ, ପ୍ରତିକ୍ରିୟାଶୀଳ ଓ ଉତ୍ତରଦାୟୀ ହେବା ସହିତ ମନମୁଖି ଶାସନରୁ ବିରତ ରହିବାପାଇଁ ଏକ ପ୍ରଭାବଶାଳୀ ବିରୋଧୀ ଦଳର ଆବଶ୍ୟକତା ଅନୁଭୂତ ହୁଏ।

ବର୍ତ୍ତମାନ ସ୍ଥିତିରେ କେନ୍ଦ୍ରରେ ଗୈରିକ ଦଳକୁ ଆହ୍ୱାନ ଦେଲାଭଳି ବିରୋଧୀ ଦଳ ଭାରତରେ ଥିଲାଭଳି ଅନୁଭୂତ ହେଉନାହିଁ । କଂଗ୍ରେସର ସର୍ବଭାରତୀୟ ଉପସ୍ଥିତି ରହିଛି। ଛୋଟ ଛୋଟ ଆଞ୍ଚଳିକ ଓ ଜାତୀୟ ଦଳଗୁଡ଼ିକୁ ବିଶ୍ୱାସକୁ ନେଇ କଂଗ୍ରେସ ଏକ ଦକ୍ଷ ବିରୋଧୀ ସାମ୍ମୁଖ୍ୟ ଗଢୁ ବୋଲି ଦେଶ ପ୍ରତ୍ୟାଶା ରଖୁଥିବାବେଳେ, ସମ୍ପ୍ରତି ସେଭଳି କିଛି ଲକ୍ଷଣ ଦେଖାଯାଉ ନାହିଁ। ୨୦୧୯ ଲୋକ ସଭା ନିର୍ବାଚନରେ ବିରୋଧୀ ଦଳଗୁଡ଼ିକ ଲଜ୍ଜାଜନକ ପରାଜୟର ଗ୍ଲାନିରୁ ମୁକୁଳିବାର କୌଣସି ଲକ୍ଷଣ ଏବେ ବି ଦେଖାଉନାହାନ୍ତି । ସଂସଦରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିବାକୁ କୌଣସି ଦୃଢ଼, ଦାୟିତ୍ୱବାନ ଓ ବିଶ୍ୱସନୀୟ ବିରୋଧୀ ଦଳ ନାହାନ୍ତି । କ୍ରମାଗତ ଭାବରେ ଦ୍ୱିତୀୟ ଥର ପାଇଁ କଂଗ୍ରେସ ଲୋକ ସଭାରେ ବିରୋଧୀ ଦଳର ନେତା ମାନ୍ୟତା ହରାଇଛି। କେବଳ ସଂସଦରେ ନୁହେଁ, ସାଧାରଣ ଜନମାନସରେ ମଧ୍ୟ ବିରୋଧୀଦଳ ନେତାର ଏକ ଅଭାବ ଅନୁଭୂତ ହେଉଛି।

ଜିଏସ୍‌ଟି ଭଳି ବିଭିନ୍ନ ବିବାଦୀୟ ବିଲ୍ ଅନୁମୋଦନ ପାଇଁ ସମ୍ବିଧାନ ସଂଶୋଧନ କରିବାରେ, ଦେଶଦ୍ରୋହ ଭଳି ଆଇନର ଅପବ୍ୟବହାର ଇତ୍ୟାଦି ବିଷୟରେ ବିରୋଧୀ ଦଳ ସରକାରଙ୍କୁ ପ୍ରଶ୍ନ କରିବାକୁ ସକ୍ଷମ ହୋଇପାରୁ ନାହିଁ। ଯଦି ବା ପ୍ରଶ୍ନ କରୁଛି, ତାହା ସେପରି ଶକ୍ତିଶାଳୀ ହେଉନାହିଁ। ଦିଗହୀନ ଓ ଲକ୍ଷ୍ୟହୀନ ବିରୋଧୀ ଦଳ ଭାଜପା ନେତୃତ୍ୱାଧୀନ ସରକାରର ବିବାଦୀୟ ନିଷ୍ପତ୍ତିଗୁଡ଼ିକ ଉପରେ କୌଣସି ବିରୋଧାତ୍ମକ ଜନମତ ସୃଷ୍ଟି କରିବାରେ ସଫଳ ହୋଇପାରିନାହାନ୍ତି।

ନରେନ୍ଦ୍ର ମୋଦି ଭୋଟରଙ୍କ ମନରେ ତାଙ୍କର କେହି ବିକଳ୍ପ ନାହାନ୍ତି ବୋଲି ଏକ ଧାରଣା ଦୃଢ଼ୀଭୂତ କରିବାରେ ସକ୍ଷମ ହୋଇଛନ୍ତି। ମୋଦି-୧ ଶାସନକୁ ନେଇ ଅସନ୍ତୁଷ୍ଟ ଥିବା ଲୋକେ ଏବେ କହିବାକୁ ଆରମ୍ଭ କଲେଣି କି, ମୋଦିଙ୍କର କୌଣସି ବିକଳ୍ପ ନାହିଁ। ରାହୁଲ ଗାନ୍ଧୀଙ୍କ ଆନ୍ତରିକତା ଏବଂ ଦାଗହୀନ ବ୍ୟକ୍ତିତ୍ୱ ଉପରେ କାହାରି ସନ୍ଦେହ ନାହିଁ। କିନ୍ତୁ, ମୋଦିଙ୍କ ବ୍ୟକ୍ତିତ୍ୱର ବିକଳ୍ପ ଭାବରେ ଉଭା ହେବାକୁ ହେଲେ ନିଜ ପାଇଁ ଯେଉଁ ବଳିଷ୍ଠ ଛବି ନିର୍ମାଣ କରିବା କଥା, ସେଥିରେ ସଫଳ ହୋଇପାରିନାହାନ୍ତି।

ସେହିଭଳି କର୍ଣାଟକ ଓ ମଧ୍ୟପ୍ରଦେଶରେ ଲୋକମତର ବିପରୀତରେ କଂଗ୍ରେସ ନେତୃତ୍ୱରେ ଗଠିତ ସରକାର ଗୋଟିଏ ପରେ ଗୋଟିଏ କ୍ଷମତାଚ୍ୟୁତ ହେବା ଏବଂ ରାଜସ୍ଥାନ ସମାନ ପ୍ରକ୍ରିୟା ମଧ୍ୟରେ ଗତି କରୁଥିବା ବିଷୟ ଆମ ସମସ୍ତଙ୍କୁ ଜଣା। ଏସବୁ ବିପର୍ଯ୍ୟୟ ପାଇଁ ଭାଜପାକୁ ଦୋଷ ଦେବା ପୂର୍ବରୁ କଂଗ୍ରେସ ଆତ୍ମଚିନ୍ତନ କରିବା କଥା। ନିଜ ଘର ସଜାଡ଼ିକରି ନ ରଖିଲେ, ବାହାର ଲୋକ ମୁଣ୍ଡ ପୂରାଇବା ସ୍ୱାଭାବିକ। ଭାଜପା ତ ଚାହିଁବ 'କଂଗ୍ରେସ ମୁକ୍ତ ଭାରତ' ପାଇଁ। କଂଗ୍ରେସ ନିଜର କୁମ୍ଭକର୍ଣ୍ଣ ନିଦରୁ ଉଠିବାକୁ ଆଉ କେତେଦିନ ନେବ ?

୨୦୧୪ ସାଧାରଣ ନିର୍ବାଚନ ପରଠାରୁ ଏହା ମଧ୍ୟରେ ତିନିଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ, ସାତଜଣ ରାଜ୍ୟ ସଭାପତି, ଆଠଜଣ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଜ୍ୟୋତିରାଦିତ୍ୟ ସିନ୍ଧିଆ, ହେମନ୍ତ ବିଶ୍ୱଶର୍ମା, ଜଗନମୋହନ ରେଡ୍ଡୀଙ୍କ ପରି ଯୁବକ ଓ ଦକ୍ଷ ନେତାମାନେ କଂଗ୍ରେସ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ସୁବିଧାବାଦୀ କାରଣରୁ ଦଳ ଛାଡ଼ିଥିବାବେଳେ ଅଧିକାଂଶ ହାଇକମାଣ୍ଡଙ୍କ ଉଦାସୀନତା ଓ ଅପାରଗତା କାରଣରୁ ଦଳ ଛାଡ଼ିଛନ୍ତି। କଥା ହେଉଛି, ଏହି ଅସନ୍ତୋଷର ସ୍ୱରରୁ ଦଳ କିଛି ଶିଖିବା ଜରୁରୀ। ଦଳ ମଧ୍ୟରେ ବିତର୍କକୁ ଦ୍ୱନ୍ଦ୍ୱ ବୋଲି ଭାବିବା ଭୁଲ୍ ହୋଇଯାଉଛି ବୋଧହୁଏ। କଂଗ୍ରେସକୁ ନିଜର ହୃତ ଗୌରବକୁ ଫେରାଇଆଣିବାକୁ ହେଲେ ନିଜକୁ ବିକେନ୍ଦ୍ରୀକରଣ କରିବାକୁ ପଡିବ ଏବଂ ଦେଶର ସ୍ୱରକୁ ଶୁଣିବାକୁ ପଡିବ।

ଦିଲ୍ଲୀ ନିର୍ବାଚନରେ ଫଳାଫଳ ଶୂନ୍ୟ ରହିବା ସହିତ ୬୬ ପ୍ରାର୍ଥୀଙ୍କ ମଧ୍ୟରୁ ୬୩ଜଣଙ୍କ ଅମାନତ ହରାଇବା ପରେ କଂଗ୍ରେସ, ତା'ର ଆଖି-କାନ ସବୁ ଖୋଲିବାକୁ ଆରମ୍ଭ କରିବା କଥା। କିନ୍ତୁ କଂଗ୍ରେସର ତଥାକଥିତ ହାଇକମାଣ୍ଡଙ୍କୁ ଏହା ନିତିଦିନିଆ କଥା ଭଳି ମନେହେଉଛି। କାରଣ, ଦଳ ଆତ୍ମଚିନ୍ତନ କଥା ଆଦୌ ଉଠାଉ ନାହିଁ । ରାହୁଲ ଗାନ୍ଧୀ କଂଗ୍ରେସ ଦଳର ସଭାପତି ପଦରୁ ଇସ୍ତଫା ଦେବାର ଗୋଟିଏ ବର୍ଷ ବିତିଗଲାଣି । ଅନୁଗତ କଂଗ୍ରେସ କର୍ମୀମାନେ ସେହିଦିନଠାରୁ ଉପରକୁ ଅନାଇ ରହିଛନ୍ତି, ସେ କେବେ ମତ ବଦଳାଇବେ। ଏହା ମଧ୍ୟରେ ଅନେକ କଂଗ୍ରେସ କର୍ମୀ ତଥାକଥିତ ବିଶ୍ୱସ୍ତ ସଂସ୍କୃତିକୁ ଛାଡି ଏକ ନୂତନ ଗତିଶୀଳ ନେତୃତ୍ୱ ପାଇଁ ଆହ୍ୱାନ ଦେଲେଣି। କଂଗ୍ରେସର ଦୁର୍ଦ୍ଦିନରେ ସୋନିଆ ଗାନ୍ଧୀ ଦଳକୁ ଦୁଇ ଦୁଇଟି ନିର୍ବାଚନରେ ବିଜୟୀ କରାଇଥିବାରୁ କିଛି ଲୋକ ତାଙ୍କୁ ଏବେ ବି ସଭାପତି ପଦରେ ଦେଖିବାକୁ ଚାହୁଁଛନ୍ତି । ପ୍ରିୟଙ୍କା ଗାନ୍ଧୀଙ୍କ ବିଷୟରେ ମଧ୍ୟ ଆଲୋଚନା ହେଉଛି। ଏସବୁ ଭାଜପାକୁ କଂଗ୍ରେସ ବିରୋଧରେ ବଂଶବାଦ ନାମରେ ଆକ୍ରମଣ ଜାରି ରଖିବାକୁ ଖୋରାକ ଯୋଗାଉଛି।

ବର୍ତ୍ତମାନ ଯୁବ-ଭାରତକୁ ମେରିଟୋକ୍ରାସି ବା ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ଶାସନର ଭାବଧାରା ଘାରିଥିବାବେଳେ ଗାନ୍ଧୀ-ନେହେରୁ ପରିବାର ବାହାରେ ଥିବା ଦକ୍ଷ କଂଗ୍ରେସ ନେତାଙ୍କୁ ମଧ୍ୟ ଦଳର ନେତୃତ୍ୱ ଦେବା କଥା ବିଚାର ପରିସରକୁ ନେବାର ଅଛି । ମଲ୍ଲିକାର୍ଜୁନ ଖାର୍ଗେ, କ୍ୟାପ୍ଟେନ ଅମରିନ୍ଦର ସିଂ ଓ ଶଶି ଥରୁରଙ୍କ ଭଳି ଅଭିଜ୍ଞ ନେତା ସୁଯୋଗ ପାଇଲେ, ଦକ୍ଷତା ପ୍ରତିପାଦନ କରିପାରିବେ ବୋଲି ଆଶା କରାଯାଏ।

ଦେଶକୁ ବର୍ତ୍ତମାନ ଏପରି ଏକ ବିରୋଧୀ ଦଳ ଆବଶ୍ୟକ, ଯାହାର ରାଷ୍ଟ୍ରକୁ ଶାସନ କରିବା ଉଦ୍ଦେଶ୍ୟରେ ଭାଜପା ସହ ଲଢ଼ିବାର କ୍ଷୁଧା ଓ ଦୃଢ଼ତା ଥିବ। ପରନ୍ତୁ, ଦଳର ବରିଷ୍ଠ କର୍ମକର୍ତ୍ତା କିଛି ଯୁବ-ତୁର୍କ ନେତାଙ୍କୁ ଉଚ୍ଚାଭିଳାଷୀ ବୋଲି ଲାଞ୍ଛନା ଲଗାଉଛନ୍ତି । ଯଦି ଯୁବନେତାଙ୍କ ମଧ୍ୟରେ ମୁକାବିଲା ପାଇଁ କୌଣସି ଅଭିଳାଷ ରହିବନାହିଁ, ତେବେ ଦଳର ଭବିଷ୍ୟତ କ'ଣ ହେବ ?

କେନ୍ଦ୍ରରେ କଂଗ୍ରେସ ନେତୃତ୍ୱର ଶୂନ୍ୟତାକୁ ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବା ଜରୁରୀ ହୋଇପଡିଛି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସବୁକୁ ଦଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିପାରିବ ନାହିଁ। ବିନା ନିର୍ବାଚନରେ 'କଂଗ୍ରେସ ୱାର୍କିଂ କମିଟି' ବା 'ସିଡବ୍ଲ୍ୟୁସି'ରେ ନୋମିନେଶନର ସଂସ୍କୃତି ଏହି ସର୍ବୋଚ୍ଚ ସଂସ୍ଥାକୁ ନଷ୍ଟ କରିଦେଲାଣି। ଗତ ପ୍ରାୟ ୨୩ବର୍ଷ ଧରି ସିଡବ୍ଲ୍ୟୁସିକୁ ଆଭ୍ୟନ୍ତରୀଣ ନିର୍ବାଚନ କରାଯାଇନାହିଁ। ସିଡବ୍ଲ୍ୟୁସିରେ ଅଧିକାଂଶ ମନୋନୀତ ସଦସ୍ୟଙ୍କର ନିଜ ଅଞ୍ଚଳରେ କୌଣସି ପ୍ରାସଙ୍ଗିକତା ନାହିଁ। ସେମାନେ ମୁଖ୍ୟତଃ ଦିଲ୍ଲୀଭିତ୍ତିକ। ତଥାପି ସେମାନେ ଦଳର କାର୍ଯ୍ୟକଳାପ ସ୍ଥିର କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଛନ୍ତି । କଂଗ୍ରେସକୁ ଗୋଟିଏ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ହିସାବରେ ସଫଳ ହେବାକୁ ହେଲେ ଗଣତାନ୍ତ୍ରିକ ପଦ୍ଧତିରେ ଜଣେ ପୂର୍ଣ୍ଣକାଳୀନ ସଭାପତି ଏବଂ ସିଡବ୍ଲ୍ୟୁସିର ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ।

ନିକଟରେ ସିଡବ୍ଲ୍ୟୁସିର ଜଣେ ଆଗଧାଡ଼ିର ସଦସ୍ୟ ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି କି, ଗାନ୍ଧୀ ପରିବାରର ପ୍ରେରଣାଦାୟୀ ଚରିତ୍ର ଅନ୍ୟ କାହା ପାଖରେ ନାହିଁ। ଏଥିରୁ ବୁଝାପଡୁଛି, ଦଳ ଏବେ ବି ଗାନ୍ଧୀ-ନେହେରୁ ପରିବାର ନାମରେ ରାଜନୀତି ଜାରି ରଖିବାକୁ ଚାହୁଁଛନ୍ତି। ଭଲକଥା, କିନ୍ତୁ ପ୍ରେରଣାଦାୟୀ ନେତୃତ୍ୱ ଗଢ଼ିବାର ସମୟ ଗଡ଼ି ଗଡ଼ି ଯାଉଛି। ଦୃଢ଼ ବିରୋଧୀ ଦଳର ଅଭାବ ସରକାରଙ୍କୁ ମନମୁଖି ଓ ଏକଚ୍ଛତ୍ରବାଦୀ ଶାସନ ଆଡକୁ ପ୍ରବର୍ତ୍ତାଇବ। ତେଣୁ କଂଗ୍ରେସକୁ ବିରୋଧୀ ଦଳ ହିସାବରେ ଲୋକଙ୍କ ଆଶା ଆକାଂକ୍ଷାକୁ ସମ୍ମାନ ଦେବାର ଅଛି । ଯଦି ଏହି 'ଗ୍ରାଣ୍ଡ ଓଲ୍ଡ ପାର୍ଟି'କୁ ବଞ୍ଚାଇ ରଖିବାର ଅଛି ତେବେ ସଂକୀର୍ଣ୍ଣ ଆତ୍ମସ୍ୱାର୍ଥକୁ ପଛକୁ ଠେଲିଦେଇ ନୀତି ଆଧାରିତ ଏକ ସମନ୍ୱିତ ତଥା ସୁସ୍ଥ ଜାତୀୟ ଦଳ ହିସାବରେ ସମୟର ଆହ୍ୱାନକୁ ସାମ୍ନା କରିବାକୁ ହେବ।

ଲୋକେ ସବୁବେଳେ ରାଜନୈତିକ ଦଳକୁ ମୂଲ୍ୟାଙ୍କନ କରନ୍ତି। ବିଶ୍ୱାସଯୋଗ୍ୟ ଦଳକୁ ଗାଦିରେ ବସାନ୍ତି। ସେହିଭଳି କେବଳ ଶାସକ ନୁହନ୍ତି, ସମାନ ଭାବେ ବିରୋଧୀ ଦଳ ନେତାଙ୍କୁ ମନେ ରଖିଥାଆନ୍ତି। ଏଲ.କେ. ଆଡ୍‌ଭାନୀ ଓ ସୁଷମା ସ୍ୱରାଜଙ୍କ ପରି କିଛି ଚମତ୍କାର ବିରୋଧୀ ଦଳ ନେତାଙ୍କ ନାମ ଆଗକୁ ଆସିଥାଏ । ଏକଦା ଏମାନେ ଦେଶର ସାଧାରଣ ଜନତାଙ୍କ ମୁହଁ ଓ ସ୍ୱର ପାଲଟି ଯାଇଥିଲେ । ତେଣୁ, ଅବସାଦଗ୍ରସ୍ତ କଂଗ୍ରେସକୁ ପୁନର୍ଜୀବିତ କରିବାରେ ଦଳର ଆଗଧାଡ଼ିର ନେତୃତ୍ୱକୁ ଜଣେ ଯୁବ ପ୍ରେରଣାଦାୟୀ ନେତାଙ୍କୁ ଦଳର ମଙ୍ଗ ଧରାଇବାକୁ ହେବ । କାରଣ ଭାରତୀୟ ଗଣତନ୍ତ୍ର ପାଇଁ ଏକ ବିଭାଜିତ ଓ ଦୁର୍ବଳ ବିରୋଧୀ ଦଳ ଅଧିକ ବିପଜ୍ଜନକ ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ: ୯୪୩୭୧୬୪୬୧୧
Email: saktiprasadd@yahoo.in

# ଅବଦୁଲ୍ କଲାମ୍ ଓ ଓଡ଼ିଶା



ଅଲେଖ ଚନ୍ଦ୍ର ସାମଲ

ମହାନ୍ ବୈଜ୍ଞାନିକ ତଥା ଭାରତ ରତ୍ନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କୁ କିଏ କହୁଥିଲା ଅଗ୍ନିପୁରୁଷ, କିଏ କହୁଥିଲା ପୃଥ୍ୱୀର ପାର୍ଥ। ଆକାଶ ଥିଲା ତାଙ୍କ ହାତ ପାଆନ୍ତାରେ। ତାଙ୍କ ମସ୍ତିଷ୍କ ଥିଲା ବୈଜ୍ଞାନିକର, ମନ ଥିଲା ଦାର୍ଶନିକର, ହୃଦୟ ଏକ ଚଞ୍ଚଳ ବାଳକର। ପିଲାଦିନେ ସମୁଦ୍ର କୂଳରେ ବସି ସେ ସ୍ୱପ୍ନ ଦେଖିଥିଲେ ଆକାଶର। ତାଙ୍କ କାର୍ଯ୍ୟ ଦକ୍ଷତା ଓ କର୍ମବୀରତା ତାଙ୍କୁ ପହଞ୍ଚାଇ ପାରିଥିଲା ଅନ୍ତରୀକ୍ଷର ଅଭ୍ୟନ୍ତରରେ। ପରମାଣୁ ବୋମା ଭିତରେ ଶାନ୍ତି ଓ ସବୁଜିମାର ସ୍ୱପ୍ନ ଦେଖୁଥିବା ଡ. କଲାମଙ୍କର ୨୦୧୫ ଜୁଲାଇ ୨୭ ତାରିଖରେ ଆଇଆଇଏମ୍ ଶିଲଂର ଏକ କାର୍ଯ୍ୟକ୍ରମରେ ଭାଷଣ ଦେଉଥିବା ସମୟରେ ହୃଦ୍‌ଘାତରେ ପରଲୋକ ହୋଇଥିଲା। ଡକ୍ଟର କଲାମଙ୍କ ଓଡ଼ିଶା ସହିତ ସମ୍ପର୍କ ଥିଲା ଅତ୍ୟନ୍ତ ଘନିଷ୍ଠ। ତାମିଲନାଡୁରେ ସେ ଜନ୍ମ ହୋଇଥିଲେ ବି ତାଙ୍କର ଅନ୍ୟତମ କର୍ମଭୂମି ଥିଲା ଓଡ଼ିଶା। ଡିଆରଡିଓ ବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଜଣେ ଆଗ ଧାଡ଼ିର ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିବାବେଳେ ଦୁଇ ଦଶନ୍ଧି ଧରି ଏହି ଅନୁଷ୍ଠାନ ସହିତ ତାଙ୍କର ସମ୍ପର୍କ ରହିଥିଲା। ୧୯୮୯ରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍) ପ୍ରତିଷ୍ଠା ହେବା ପରଠାରୁ ଅଗ୍ନି, ନାଗ ଓ ବ୍ରହ୍ମୋସ୍ ଭଳି ସ୍ୱଦେଶୀ କ୍ଷେପଣାସ୍ତ୍ର ଗବେଷଣା ଓ ପରୀକ୍ଷଣ କାର୍ଯ୍ୟରେ ସେ ବାରମ୍ବାର ଏହି ସ୍ଥାନକୁ ଆସିଛନ୍ତି। ତେବେ ହ୍ୱିଲର ଦ୍ୱୀପରେ କ୍ଷେପଣାସ୍ତ୍ର ପରୀକ୍ଷାବେଳେ ବିରଳ ଓ ଲୁପ୍ତପ୍ରାୟ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଏହି ଅନ୍ତୁଡିଶାଳ ଆଇଟିଆର୍‌ର ଉଜ୍ଜ୍ୱଳ ଆଲୋକ ଯୋଗୁଁ ବିପଦରେ ପଡ଼ିଯାଇଥିବା ଏହି କଇଁଛଙ୍କ ପାଇଁ ସେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହା ପରବର୍ତ୍ତୀ ସମୟରେ ୨୦୦୭ରେ ହାଇଦ୍ରାବାଦରେ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ସଂରକ୍ଷଣ ପାଇଁ ପରୀକ୍ଷାଗାରକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କଲାବେଳେ ସେ ନିଜ ହ୍ୱିଲର ଦ୍ୱୀପରେ ଅନୁଭୂତି ବର୍ଣ୍ଣନା କରିଥିଲେ। କଇଁଛଙ୍କ ସୁରକ୍ଷା ପାଇଁ ଆଇଟିଆର୍‌ର ଆଲୋକମାଳାକୁ ନିୟନ୍ତ୍ରିତ କରାଯିବା ସହ ଆବଶ୍ୟକବେଳେ ବନ୍ଦ ରଖାଗଲା ଓ ମାଛଧରା ଟ୍ରଲରକୁ ମଧ୍ୟ ନିଷେଧ କରାଗଲା। ସେହିପରି ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ବନୀକରଣ ପାଇଁ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଚାନ୍ଦିପୁର ଆସିଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ କେ.ସି.ପନ୍ତଙ୍କୁ ପ୍ରସ୍ତାବ ଦେଇ ତାହା କାର୍ଯ୍ୟକାରୀ କରାଇଥିଲେ। ସେହିପରି ଚାନ୍ଦିପୁରରେ ଏକ ପକ୍ଷୀବିହାର 'ନିସର୍ଗ' ସୃଷ୍ଟି କରିବାରେ ସେ ଥିଲେ ଅନ୍ୟତମ ବିଧାଣୀ। ସେ ଭାରତର ରାଷ୍ଟ୍ରପତି ଥିବାବେଳେ କେନ୍ଦ୍ରାପଡ଼ା ଜିଲାର ଦୁଇଜଣ ଏଡ୍‌ସ ଆକ୍ରାନ୍ତ ପିଲାଙ୍କ ପୋଷ୍ଟକାର୍ଡ଼ ଚିଠି ପାଇ ସେମାନଙ୍କୁ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ 'ଆଇ ଆମ୍ କଲାମ୍' ଦେଖିଲା ପରେ ସେ ଧନ୍ୟବାଦ ଜଣାଇଥିଲେ।

୨୦୦୮ ମେ ୧୧ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ପିଲାମାନଙ୍କୁ ରାଷ୍ଟ୍ର ନିର୍ମାଣରେ ନିଜ ଜୀବନ ସମର୍ପିତ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ସେହିପରି ୨୦୧୧ ଜାନୁୟାରୀ ୫ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ୨୦୦୫ ନଭେମ୍ବର ୧୯ରେ ଚାନ୍ଦିପୁର ପକ୍ଷୀ ବିହାର ଉଦ୍‌ଘାଟନ, ୨୦୧୪ ନଭେମ୍ବର ୨୯ରେ ସମ୍ବଲପୁରସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ୧୫୦ତମ ପ୍ରତିଷ୍ଠା ଦିବସରେ ଯୋଗଦେଇଥିଲେ। ୨୦୧୫ ମାର୍ଚ୍ଚ ୨ତାରିଖରେ ରାଜଗାଙ୍ଗପୁର ଡାଲମିଆଁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କ ସହ ସ୍ମରଣୀୟ ମୁହୂର୍ତ୍ତ ବିତାଇଥିଲେ, ୨୦୧୨ ଜାନୁୟାରୀ ୫ ତାରିଖରେ ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟରେ ଦୀକ୍ଷାନ୍ତ ଭାଷଣ ଦେବା ସହ ୨୦୧୨ ଜାନୁୟାରୀ ୪ରେ ଭୁବନେଶ୍ୱରସ୍ଥିତ କିସ୍ ଅନୁଷ୍ଠାନର ପିଲାଙ୍କ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିଥିଲେ। ୨୦୧୪ ଜାନୁୟାରୀ ୨୫ରେ ଭୁବନେଶ୍ୱରରେ ସ୍ୱାମୀ ଚିଦାନନ୍ଦ ଜନ୍ମଶତବାର୍ଷିକୀ ମହୋତ୍ସବ, ୨୦୧୨ ଜାନୁୟାରୀ ୫ ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱରରେ ସଚ୍ଚିଦ୍ରକୁମାର ହାଇସ୍କୁଲର ଉତ୍ସବରେ ଯୋଗଦେଇଥିଲେ। ୨୦୦୫ ଡିସେମ୍ବର ମାସରେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। ସେ ରାଷ୍ଟ୍ରପତି ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବାବେଳେ ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ସତ୍ତ୍ୱେ ସେ ଶିକ୍ଷାନୁଷ୍ଠାନ ଓ ପିଲାଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱତଃ ଆଗ୍ରହ ରଖିଥିଲେ। ରାଷ୍ଟ୍ରପତି ଦାୟିତ୍ୱ ପରବର୍ତ୍ତୀ ସମୟରେ ମଧ୍ୟ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇ କେବଳ ପିଲାମାନେ ନୁହନ୍ତି ଲୋକମାନଙ୍କ ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହେବାପାଇଁ ଶ୍ରଦ୍ଧା ରଖୁଥିଲେ। ଦେଶକୁ ଦୁର୍ନୀତି ମୁକ୍ତ ଓ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କରୁଥିଲେ। ତାଙ୍କ ମତରେ ସେ ତିନିଜଣ ଥିଲେ ବାପା, ମାଆ ଓ ଶିକ୍ଷକ। ସେ ଥିଲେ ବହୁ ସ୍ୱପ୍ନର ନାୟକ। ମାଟିରୁ ମହାକାଶ ପର୍ଯ୍ୟନ୍ତ ତାଙ୍କ ସ୍ୱପ୍ନ ଥିଲା ପରିବ୍ୟାପ୍ତ। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ସେ ଭାରତ ରତ୍ନ ପାଇଥିଲେ। ୧୯୩୧, ୧୫ ଅକ୍ଟୋବରରେ ଜନ୍ମ ଗ୍ରହଣ କରିଥିବା କଲାମ୍‌ଙ୍କ ସ୍ମୃତି ଓଡିଶା ପାଇଁ ଚିରସ୍ମରଣୀୟ। ବିଶେଷକରି ବିଦ୍ୟାର୍ଥୀମାନଙ୍କୁ ସେ ଯେଉଁ ଜୀବନର ସ୍ୱପ୍ନ ଦେଖାଇ ଯାଇଛନ୍ତି ତାହାକୁ ସାକାର କରିପାରିଲେ ତାଙ୍କ ପାଇଁ ତାହା ହେବ ଏକ ମୂଲ୍ୟବାନ ସ୍ମୃତି ଅର୍ଘ୍ୟ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ରାୟଗଡ଼ା ଡିଭିଜନ, ମୋ: ୯୪୩୭୨୫୭୧୨୩

## ଏଇ ଭାରତରେ

ବିଲୁପ୍ତପ୍ରାୟ ବାଘ ଓ ଶାଗୁଣାଙ୍କୁ ରକ୍ଷା କରିଆସୁଛନ୍ତି ରାଜସ୍ଥାନର ପରିବେଶବିତ୍ ଡ. ଧର୍ମେନ୍ଦ୍ର ଖଣ୍ଡାଲ। ସେ 'ଟାଇଗର ୱାଚ୍' ସଂସ୍ଥା ଗଠନ କରି ରାଜସ୍ଥାନର ରଣ୍ଥୋମ୍ବର ଟାଇଗର ରିଜର୍ଭରେ ବାଘ ଓ ଶାଗୁଣାଙ୍କ ଜୀବନ ବଞ୍ଚାଇବାରେ ଲାଗିଛନ୍ତି। ଏହି କାର୍ଯ୍ୟ ସେ ଆଜକୁ ୧୭ ବର୍ଷ ହେବ କରିଆସୁଛନ୍ତି। ୨୦୦୨ରେ ଡ.ଖଣ୍ଡାଲ ମୁମ୍ବାଇ ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟି( ବିଏନ୍‌ଏଚ୍‌ଏସ୍)ରେ ପରିବେଶ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଶାଗୁଣା ଉପରେ ସର୍ଭେ କରିବା ନିମନ୍ତେ ମୁମ୍ବାଇରୁ ରାଜସ୍ଥାନର ଚୁରୁ ସହର ଯାଏ ୧୨୦୦ କି.ମି. ମୋଟର ସାଇକେଲ ଯାତ୍ରା ମଧ୍ୟ କରିଥିଲେ। ରଣ୍ଥୋମ୍ବର ଟାଇଗର ରିଜର୍ଭରେ ଶିକାର କରି ଚଳୁଥିବା ମୋଗିୟା ସମ୍ପ୍ରଦାୟର ଆଦିବାସୀମାନଙ୍କୁ 'ଟାଇଗର ୱାଚ' ମାଧ୍ୟମରେ ଥଇଥାନ କରିବା ସହ ନୂତନ ପିଢ଼ିକୁ ପ୍ରଭାବିତ କରି ବାଘ ଓ ଅନ୍ୟ ବିରଳ ପ୍ରାଣୀ ଶିକାରଠାରୁ ଦୂରେଇ ପାରିଛନ୍ତି। ଏହି ସଂସ୍ଥାରେ ସ୍ୱେଚ୍ଛାସେବୀ ଓ ସଂଯୋଜକଙ୍କୁ ନେଇ ୪୦ ଜଣ କାମ କରୁଛନ୍ତି। ଶିକାର ବଦଳରେ ସେମାନଙ୍କ ପିଲାମାନଙ୍କୁ ନୂଆ ଜୀବିକା ପାଇଁ କୌଶଳ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଶିକ୍ଷାର ପ୍ରସାର ଲାଗି ବ୍ୟାଘ୍ର ଅଭୟାରଣ୍ୟ ନିକଟରେ ଏକ ସ୍କୁଲ୍ ପ୍ରତିଷ୍ଠା କରିଛନ୍ତି ଖଣ୍ଡାଲ। ଏଠାରେ ୪୦ ଜଣ ପିଲା ହଷ୍ଟେଲ୍‌ରେ ରହି ପଢୁଛନ୍ତି। ପରିବାରରେ ପିଲାମାନେ ରହିଲେ ସେମାନଙ୍କୁ ଶିକାରକୁ ଯିବା ଲାଗି ବାଧ୍ୟ କରାଯାଉଥିବାରୁ ଏଭଳି ବ୍ୟବସ୍ଥା କରାଯାଇଛି। ପଢ଼ାଇବା ଲାଗି ୪ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଲକ୍‌ଡାଉନ ସମୟରେ ସେମାନେ ପାଖରେ ଥିବା ୧୨ଟି ଗାଁକୁ ଯାଇ ପିଲାମାନଙ୍କୁ ପଢ଼ାଉଛନ୍ତି। ଏହିସମ୍ପ୍ରଦାୟରେ ଜଗୁ ବାୱାରିୟା ନାମକ ଜଣେ ଛାତ୍ର ବାଣିଜ୍ୟ ସ୍ନାତକରେ ନାମ ଲେଖାଇବା ପ୍ରଥମ ଓ ଏହା ସେମାନଙ୍କ ପାଇଁ ଏକ ପ୍ରେରଣା ପାଲଟିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଜୁଲାଇ ୧୯୯୫**

- କଣ୍ଟ୍ରୋଲ ଚିନିର କୋଟା ଶତକଡ଼ା ୫ ଭାଗ ବୃଦ୍ଧି କରିବା ପାଇଁ କେନ୍ଦ୍ର ଖାଦ୍ୟ ମନ୍ତ୍ରୀ ଅଜିତ୍ ସିଂହଙ୍କ ଘୋଷଣା।
- ୭ଟି ଘରୋଇ ଡେଣ୍ଟାଲ କଲେଜ ଉପରୁ କର୍ନାଟକ ସରକାର ସ୍ୱୀକୃତି ପ୍ରତ୍ୟାହାର କରିନେଇଛନ୍ତି।

## ଚିରନ୍ତନୀ

ହେ ବରଷା ତବ ସ୍ରୋତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।
ଅନ୍ତରେ କେତେ ଜମିଲାଣି ପାପ
ବଳିଛି ଶୁଷ୍କ ନିଦାଘର ତାପ
ପୁଣ୍ୟ ନିଶାଣ ଉଡ଼ାଇ ଗଗନେ
ବଜ-ଚପଳା-ରଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।

(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦାରିଦ୍ର୍ୟ ଏକ ଚ୍ୟାଲେଞ୍ଜ

ମହାଶୟ,

ଅକ୍ସଫୋର୍ଡ ଦାରିଦ୍ର୍ୟ ଓ ମାନବ ବିକାଶ ପଦକ୍ଷେପ ପକ୍ଷରୁ ଏହାର ଗ୍ଲୋବାଲ ମଲ୍ଟିଡିମେନ୍ସନାଲ୍ ପ୍ରଭର୍ଟି ଇଣ୍ଡେକ୍ସ ଏହି ମାସରେ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ପୃଥିବୀର ପ୍ରାୟ ୧.୩ ବିଲିୟନ ମାନେ ୧୩୦ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବଞ୍ଚୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବନ ଧାରଣର ମାନକୁ ନେଇ ପ୍ରସ୍ତୁତ ଏହି ରିପୋର୍ଟରେ ଭାରତର କଥା ଦେଖିଲେ ଭାରତ ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ୨୭୦ ମିଲିୟନ (୨୭ କୋଟି) ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିପାରିଛି। କିନ୍ତୁ ଆହୁରି ୩୮ କୋଟି ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଏହା ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ। କିନ୍ତୁ ବର୍ତ୍ତମାନର କରୋନା ପରିସ୍ଥିତିକୁ ଦେଖିଲେ ଏହି ଚ୍ୟାଲେଞ୍ଜ ଜଟିଳ ମନେହେଉଛି । କିନ୍ତୁ କରୋନାଠାରୁ ଆମ ଦେଶରେ ଦୁର୍ନୀତି ଏକ ବଡ଼ ଭାଇରସ। ଏହା ଉଭୟ ରାଜନୈତିକ ଓ ପ୍ରଶାସନିକ ସ୍ତରରେ ରହିଛି। ଆମ ଦେଶର ପ୍ରଗତିରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଦୁର୍ନୀତି। ତାହାକୁ ରୋକିପାରିଲେ ହିଁ ଦେଶ ଦାରିଦ୍ର୍ୟମୁକ୍ତ ହୋଇପାରିବ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ନିର୍‌ତାରରେ ପିଜି ଉଚ୍ଛେଦ ନ ହେଉ

ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ଅଙ୍ଗ ପ୍ରତ୍ୟାରୋପଣ ଏବଂ ତାଲିମ ତଥା ଗବେଷଣା ପ୍ରତିଷ୍ଠା ରହିଛି। ଉକ୍ତ କର୍ତ୍ତୃପକ୍ଷ ଅବିଚାର ଭାବେ ପିଜି ପାଠ୍ୟକ୍ରମକୁ ଉଚ୍ଛେଦ ପାଇଁ କେନ୍ଦ୍ର ସାମାଜିକ, ନ୍ୟାୟ ଓ ସଶକ୍ତୀକରଣ ବିଭାଗକୁ ପତ୍ର ପଠାଇଛନ୍ତି। ଏଥିପ୍ରତି କୁଳପତି, ରାଜ୍ୟପାଳ, ଶାସନସଚିବ ଏବଂ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରୁ ବଞ୍ଚିତ କରିବା ଅନୁଚିତ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ୭ ନାଗସାପ ଉଦ୍ଧାର



**ବ୍ରହ୍ମପୁର ଅଫିସ, ୨୬।୭:** ବ୍ରହ୍ମପୁର ଆଞ୍ଚଳିକ ନିଗମ ନଗର ପ୍ରଥମ ଲାଇନ୍ ଅଞ୍ଚଳରୁ ୭ ନାଗ ସାପ ରବିବାର ଉଦ୍ଧାର ହୋଇଛି। କବିରାଜ ବେହେରାଙ୍କ ବାରିପଟେ ଥିବା କୂଅରେ ରବିବାର ସାପ ଦେଖିବାକୁ ମିଳିଥିଲା। ପରେ ସାପ ଧରାଳି ହୋମଗାର୍ଡ ବାବୁଲା ସେଠି ଘଟଣାସ୍ଥଳରେ ପହଞ୍ଚି ଶୁଖିଲା କୂଅ ଭିତରୁ ସାପ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ସାପଗୁଡ଼ିକୁ ନିକଟସ୍ଥ ବାଇପାସ ରାସ୍ତାରେ ଛାଡି ଦେଇଥିବା ବାବୁଲା କହିଛନ୍ତି। ସୂଚନାଯୋଗ୍ୟ, ବାବୁଲା ହୋମଗାର୍ଡ ଭାବେ କାର୍ଯ୍ୟ କରିବା ସହ ଦୀର୍ଘ ୪ ବର୍ଷ ଧରି ସାପ ଧରିବା କାମ କରିଆସୁଛନ୍ତି। ଏବେ ସୁଦ୍ଧା ସେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ସାପ ଉଦ୍ଧାର କରିଥିବା କହିଛନ୍ତି।

## ଆଇଆର୍‌ବି ଷଷ୍ଠ ବାଟାଲିୟନର ୨ଯବାନ ପଜିଟିଭ୍

### ୨ଗ୍ରାମ ୭୨ଘଣ୍ଟା ଶଟ୍‌ଡାଉନ

**ଖୋର୍ଦ୍ଧା ଅଫିସ,୨୬।୭:** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନାଳିପଡ଼ା ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ଆଇଆର୍‌ବି ଷଷ୍ଠ ବାଟାଲିୟନରୁ ୨ ଯବାନ କରୋନା ପଜିଟିଭ୍ ହୋଇଛନ୍ତି। ସ୍ଥାନୀୟ ସରପଞ୍ଚ ସୁବାସିନି ଦାସ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଏହି ପଞ୍ଚାୟତର ନାଳିପଡ଼ା ଅର୍ଜୁନପୁର ଓ ପାଟପୁର ଗ୍ରାମକୁ ୭୨ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶନିବାର ରାତି ୮ଟାରୁ ଆସନ୍ତା ୨୮ତାରିଖ ରାତି ୮ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ଦୁଇ ଗ୍ରାମର ଗ୍ରାମବାସୀ ବାହାରକୁ ଯିବା ଲାଗି ବାରଣ କରାଯାଇଛି। ବାହାର ଲୋକଙ୍କ ପ୍ରବେଶ ଉପରେ ମଧ କଟକଣା ଜାରି କରାଯାଇଛି। ଏହି ଦୁଇ ଗ୍ରାମରେ ଥିବା ସମସ୍ତ ଦୋକାନ ବଜାର ବନ୍ଦ ରହିବ ବୋଲି ସରପଞ୍ଚ ଦାସ କହିଛନ୍ତି।

## ନନ୍ଦନକାନନରେ ହାତୀ ବାସନ୍ତୀ ଅସୁସ୍ଥ

**ବାରଙ୍ଗ,୨୬।୭(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନରେ ରହୁଥିବା ୫୬ବର୍ଷୀୟ ହାତୀ ବାସନ୍ତୀ ରବିବାର ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ଗୋଟିଏ ସ୍ଥାନରେ ପଡ଼ିରହିଥିବା ବେଳେ ଠିକ୍ ପରିମାଣର ଖାଦ୍ୟ ଖାଉ ନାହିଁ। ବାସନ୍ତୀର ଦାନ୍ତ ଓ ପେଟ ସମସ୍ୟା ଥିବାରୁ ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିଛନ୍ତି। ସୂଚନାଥାଉ କି, ୧୯୮୫ ମସିହାରେ ମାଡ୍ରାସର ଭାଣ୍ଡାଲୁର ଚିଡିଆଖାନାରୁ ବାସନ୍ତୀ ନନ୍ଦନକାନନକୁ ଆସିଥିଲା। ଏବେ ନନ୍ଦନକାନନରେ ୪ଟି ହାତୀ ରହିଛନ୍ତି।

# ତିର୍ତ୍ତୋଲ ଉପନିର୍ବାଚନ

# ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା

**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ, ୨୬।୭**

୬ ଜୁଲାଇରେ ତିର୍ତ୍ତୋଲ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ବିଷ୍ଣୁ ଚରଣ ଦାସଙ୍କ ପରଲୋକ ହୋଇଯାଇଛି। ଏହାପରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପରିବେଶ ଚଳଚଞ୍ଚଳ ହୋଇଉଠିଛି। କାରଣ ୬ ମାସ ଭିତରେ ଉପନିର୍ବାଚନ ହେବା ନିୟମ ରହିଛି। ହେଲେ ବଢ଼ିଚାଲିଥିବା ମାରାତ୍ମକ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ଏବେ ସବୁଠାରୁ ବଡ଼ ଚାଲେଞ୍ଜ। ତେଣୁ ଉପନିର୍ବାଚନ ୬ ମାସ ମଧ୍ୟରେ ହେବ ବୋଲି ନିଶ୍ଚିତତା ନାହିଁ। କିନ୍ତୁ ଏବେଠୁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସରୁ କେଉଁମାନେ ପ୍ରାର୍ଥୀ ହେବେ ସେ ନେଇ ଚର୍ଚ୍ଚା ଆରମ୍ଭ ହେଲାଣି।



୨୦୦୯ ମସିହାରୁ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇଥିବା ତିର୍ତ୍ତୋଲ ବିଧାନସଭା ଆସନରେ ୨୦୧୯ ଏପ୍ରିଲ ୨୯ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାର ଫଳାଫଳ ଅନୁଯାୟୀ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କୁ ୫୪.୧୮% ଅର୍ଥାତ୍ ୯୩,୯୬୭ ଭୋଟ ମିଳିଥିଲା। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇଙ୍କୁ ୩୦.୯% ଅର୍ଥାତ୍ ୫୩,୫୮୧ ଭୋଟ ମିଳିଥିଲା। ୩ୟ ସ୍ଥାନରେ ଥିଲେ କଂଗ୍ରେସ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକ। ମଲ୍ଲିକ ୧୩.୭୩% ଅର୍ଥାତ୍ ୨୩,୮୦୯ ଭୋଟ ପାଇଥିଲେ। ବିଧାୟକ ଦାସଙ୍କ ଦେହାନ୍ତ ପରେ ଏହି ଆସନରେ ବିଜେଡି ପକ୍ଷରୁ ତାଙ୍କ ପୁଅ ବିଜୟ ଶଙ୍କର ଦାସ, ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ସ୍ୱାମୀ ଆଶୁତୋଷ ମଲ୍ଲିକ, ପୂର୍ବତନ ଏମ୍‌ପି କୁଳମଣି ସାମଲ, ପୂର୍ବତନ ବିଧାୟକ ରବି ଭୋଇ, ଗତ ଥରର ଆଶାୟୀ ଯୁଧିଷ୍ଠିର ସେଠୀ, କେନ୍ଦ୍ରାପଡ଼ା ଜିଲାର ନେତ୍ରୀ ତଥା ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ପ୍ରମୁଖଙ୍କ ନାଁ ଚର୍ଚ୍ଚାକୁ ଆସୁଛି। ଏ ସମ୍ପର୍କରେ ସ୍ୱର୍ଗତ ଦାସଙ୍କ ଘନିଷ୍ଠ ସହଯୋଗୀ ବିସନପୁର ସରପଞ୍ଚ ବସନ୍ତ ମହାପାତ୍ର କୁହନ୍ତି, ବିଜୟଶଙ୍କରଙ୍କୁ ପ୍ରାର୍ଥୀ କରାଗଲେ ଅନୁକମ୍ପାମୂଳକ ଭୋଟ ଅଧିକ ମିଳିବ। ତଥାପି ଦଳ ଯାହା ନିଷ୍ପତ୍ତି ନେବ ତାକୁ ସମସ୍ତେ ମାନିନେବେ। ବିଜେଡି ଜିଲା ସଭାପତି ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି କହିଛନ୍ତି, ମୁଖ୍ୟମନ୍ତ୍ରୀ ତଥା ଦଳର ରାଜ୍ୟ ସଭାପତି ଯାହା ନିଷ୍ପତ୍ତି ନେବେ। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ବିଜେଡିର ସ୍ଥିତି ସୁଦୃଢ଼ ଥିବାରୁ ଅଧିକ ଚିନ୍ତା କରିବାକୁ ପଡ଼ିବ ନାହିଁ।

୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ସହ ଭାଜପା ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥର ଭାଜପା ଭୋଟ ହାର ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ କରି ଦେଇଥିବା ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର କହିଛନ୍ତି। ତାଙ୍କ କହିବା କଥା ହେଲା, ଭାଜପା ଏବେ ମଣ୍ଡଳସ୍ତରୀୟ ସାଙ୍ଗଠନିକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଛି। ଆଉ କିଛି ଦିନ ଭିତରେ ପଞ୍ଚାୟତସ୍ତରକୁ ଯିବ। ତେଣୁ ଗତଥର ଅପେକ୍ଷା ଭାଜପା ଭଲ ଫଳ ପ୍ରଦର୍ଶନ କରିବ ବୋଲି ମହାପାତ୍ର କହିଛନ୍ତି। ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ଭାଜପା ଆଶାୟୀ ପ୍ରାର୍ଥୀଙ୍କ ଦୌଡ଼ରେ ଥିବା ଆଲୋଚନା ହେଉଥିବାବେଳେ ସେ ଏହା ଉପରେ ସ୍ପଷ୍ଟ ମତ ରଖିଛନ୍ତି। ତାଙ୍କ କହିବା କଥା ହେଲା, ସେ ଆଶାୟୀ ଥିବା ଦାବି କରିବେ ନାହିଁ। କିନ୍ତୁ ଦଳ ତାଙ୍କୁ ପ୍ରାର୍ଥୀ କଲେ ସେ ଲଢ଼ିବା ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। ଗତଥରର ପ୍ରାର୍ଥୀ ରମାକାନ୍ତ ଭୋଇ ୫୩ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିବାରୁ ତାଙ୍କୁ ଭାଜପା ପୁଣି ଥରେ ପ୍ରାର୍ଥୀ କରିବା ସମ୍ଭାବନା ଥିବା ଦଳୀୟ କର୍ମୀ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଭୋଇ କହିଛନ୍ତି ଯେ, ସେ ଦଳୀୟ ଟିକେଟ୍ ପାଇବେ ଏବଂ ବିଜୟୀ ହେବା ଯଥେଷ୍ଟ ସମ୍ଭାବନା ରହିଛି। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରବାସୀଙ୍କ ପାଇଁ ଅନେକ କିଛି କରିଛନ୍ତି। ସେ ଦୃଷ୍ଟିରୁ ପ୍ରବାସୀମାନେ ଭାଜପା ସପକ୍ଷରେ ମତଦାନ କରିବେ ବୋଲି ଆଶା ରହିଥିବା ଭୋଇ କହିଛନ୍ତି।

**ଭୋଟର ସଂଖ୍ୟା**

୨୦୧୯ ସାଧାରଣ ନିର୍ବାଚନ ସମୟରେ ଭୋଟର ସଂଖ୍ୟା ୨,୩୪,୧୪୫ ଥିବାବେଳେ ସେଥିମଧ୍ୟରୁ ପୁରୁଷ ୧,୨୨,୨୬୩ ଓ ମହିଳା ୧,୧୧,୮୮୨ ଜଣଥିଲେ।

**୨୦୦୦ ମସିହାରୁ ଏବେ ଯାଏ (ବିଜୟୀ-ପ୍ରତିଦ୍ୱନ୍ଦ୍ୱୀ)**

▶ **୨୦୦୦ ସାଧାରଣ ନିର୍ବାଚନ**
ଦେବାଶିଷ ସାମନ୍ତରାୟ- ବିଜେଡି- ୫୮,୮୭୬
ବସନ୍ତ ବିଶ୍ୱାଳ- କଂଗ୍ରେସ-୫୪,୬୦୬

▶ **୨୦୦୪ ସାଧାରଣ ନିର୍ବାଚନ**
ଚିରଞ୍ଜୀବ ବିଶ୍ୱାଳ- କଂଗ୍ରେସ-୬୯,୨୬୮
ଦେବାଶିଷ ସାମନ୍ତରାୟ-ବିଜେଡି-୬୫,୨୫୪

▶ **୨୦୦୯ ସାଧାରଣ ନିର୍ବାଚନ**
ରବୀନ୍ଦ୍ରନାଥ ଭୋଇ-ବିଜେଡି-୮୨,୨୮୨
ରାଜକିଶୋର ବେହେରା-କଂଗ୍ରେସ-୪୮,୧୦୦
ଲତାମଣୀ ଦାସ-ଭାଜପା- ୪,୫୧୪

▶ **୨୦୧୪ ସାଧାରଣ ନିର୍ବାଚନ**
ରାଜଶ୍ରୀ ମଲ୍ଲିକ-ବିଜେଡି-୮୮,୯୫୩
ରାଜକିଶୋର ବେହେରା-କଂଗ୍ରେସ- ୫୩,୫୦୫
ରମାକାନ୍ତ ଭୋଇ-ଭାଜପା-୧୪,୫୧୬

▶ **୨୦୧୯ ସାଧାରଣ ନିର୍ବାଚନ**
ବିଷ୍ଣୁଚରଣ ଦାସ-ବିଜେଡି-୯୩,୯୬୭
ରମାକାନ୍ତ ଭୋଇ-ଭାଜପା-୫୩,୫୮୧
ଦେବୀ ପ୍ରସାଦ ମଲ୍ଲିକ-କଂଗ୍ରେସ-୨୩,୮୦୯

କଂଗ୍ରେସ ରାଜ୍ୟ ଅନୁସୂଚିତ ଜାତି ସେଲ୍ ଆବାହକ ତଥା ଜିଲା ଭିଜିଲାନ୍ସ ମନିଟରିଂ କମିଟି ସଭ୍ୟ ଦେବେନ୍ଦ୍ର ମଲ୍ଲିକ, ଗତଥର ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ପ୍ରତିମା ମଲ୍ଲିକ, ତାଙ୍କ ଭାଇ ତଥା ଗତଥର ବିଧାୟକ ପ୍ରାର୍ଥୀ ଥିବା ଦେବୀ ପ୍ରସାଦ ମଲ୍ଲିକ ପ୍ରମୁଖ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ତେବେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉପନିର୍ବାଚନ ପାଇଁ ଏକ କମିଟି ଗଠନ କରିଛନ୍ତି। ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କୁ କମିଟି ସଭାପତି କରାଯାଇଛି। ତାଙ୍କ ନେତୃତ୍ୱରେ ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଦଳର ପୂର୍ବତନ ଜିଲା ସଭାପତି ରବି ନାରାୟଣ ମହାନ୍ତି, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ପ୍ରାର୍ଥୀ ଅରିନ୍ଦମ୍ (ବାପି) ସର୍ଖେଲ ଏବଂ ନଟବର ବାରିକଙ୍କୁ ଆବାହକ ରଖାଯାଇଛି। ଯୁବ, ଛାତ୍ର, ମହିଳା କଂଗ୍ରେସ ସହ ଅନ୍ୟ ଶାଖାଗୁଡିକୁ ନିର୍ବାଚନରେ ସାମିଲ ପାଇଁ ପିସିସି ସଭାପତି ଅନୁରୋଧ କରିଛନ୍ତି। ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟଙ୍କୁ ଦଳ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି।

ସମ୍ପ୍ରତି କରୋନା ଦୁଃସ୍ଥିତି ସମୟରେ ଉପନିର୍ବାଚନକୁ ନେଇ ବିଜେଡି, ଭାଜପା ଓ କଂଗ୍ରେସ କ'ଣ ସବୁ ରଣନୀତି ଆପଣାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ତିର୍ତ୍ତୋଲ ନିକଟ ନାଉସିରା ଗ୍ରାମର ଭୋଟର ଅଜିତ୍ କୁମାର ସ୍ୱାଇଁ କୁହନ୍ତି ଯେ, କରୋନା ଯୋଗୁ ନିର୍ବାଚନ ପ୍ରଭାବିତ ହେବା ଯଥେଷ୍ଟ ସମ୍ଭାବନା ରହିଛି। ଲୋକ ପ୍ରତିନିଧିମାନଙ୍କୁ ଗୌଣ କରାଯାଇ ପ୍ରଶାସନିକ ଅଧିକାରୀଙ୍କୁ ଗୁରୁତ୍ୱ ଦିଆଯାଉଛି। ଲୋକ ପ୍ରତିନିଧିଙ୍କଠାରୁ ଲୋକେ ଆଶାଜନକ ସେବା ପାଇପାରୁ ନାହାନ୍ତି। ଏଥିସହ ନିଯୁକ୍ତିଠାରୁ ଉନ୍ନୟନମୂଳକ କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି ନୈରାଶ୍ୟଜନକ। ତେଣୁ ଲୋକଙ୍କ ମନରେ ଥିବା ଅସନ୍ତୋଷ ଉପନିର୍ବାଚନରେ ପ୍ରତିଫଳିତ ହେବା ସମ୍ଭାବନା ରହିଛି। ସେହିପରି ବିରିଡି ହନୁମନ୍ତ ବ୍ରହ୍ମପୁରର ସାହିତ୍ୟିକ ପୀତାମ୍ବର ମହାପାତ୍ର କୁହନ୍ତି, କୋଭିଡ୍ ସବୁକିଛିକୁ ସ୍ଥାଣୁ କରି ଦେଇଛି। ଗତ ନିର୍ବାଚନ ପରି ଏହା ଉତ୍ସାହଜନକ ହେଲାଭଳି ଲାଗୁନାହିଁ। କିନ୍ତୁ ଦଳୀୟ ନେତା ଓ କର୍ମୀମାନେ ଉତ୍ସାହିତ ହେବେ। ଯାହା ଜଣାପଡୁଛି ଗାଁଗୁଡ଼ିକରେ କରୋନା ସେତେଟା ପ୍ରଭାବିତ କରିନାହିଁ। ତଥାପି କଟକଣା ଦଳୀୟ ସାଙ୍ଗଠନିକ କାର୍ଯ୍ୟରେ ବାଧା ସୃଷ୍ଟି କରିବ। କୋଭିଡ୍ ପରିଚାଳନାରେ ତ୍ରୁଟି ମଧ ଉପନିର୍ବାଚନରେ ଏକ ପ୍ରସଙ୍ଗ ହୋଇପାରେ। ବିରିଡି ମଇନ୍ଦିପୁର ବାଇଶିମୌଜାର କବିରାଜ ବିଭୂତି ଭୂଷଣ ଦାଶ କୁହନ୍ତି, ଉପନିର୍ବାଚନ ଉପରେ କୋଭିଡ୍‌ର ପ୍ରଭାବ ଏତେଟା ପଡ଼ିବ ନାହିଁ। କାରଣ ଅଧିକାଂଶ ଲୋକ କଟକଣା ମାନୁନାହାନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଉପରେ ଲୋକେ ସନ୍ତୁଷ୍ଟ ନୁହନ୍ତି। କିନ୍ତୁ ପ୍ରତିପକ୍ଷ ଦଳଗୁଡିକର ରଣନୀତି ମଧ ସନ୍ତୋଷଜନକ ହେଉନାହିଁ। ତା' ଭିତରେ ନିର୍ବାଚନୀ ପରିବେଶ ନିଆରା ଅନୁଭବ ହେବ। ମତଦାନ ହାର କମିବା ଅନୁମାନ କରାଯାଉଛି ବୋଲି ଦାଶ କହିଛନ୍ତି।

# କାଳିଆ ଟଙ୍କା ନ ଫେରାଇବାକୁ କହିଲେ ପ୍ରଦୀପ୍ତ

**ଭୁବନେଶ୍ୱର,୨୬।୭(ବ୍ୟୁରୋ)**



ପ୍ରଦୀପ୍ତ କୁମାର ନାଏକ

ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ସବୁ ବ୍ଲକ କୃଷି ଅଧିକାରୀଙ୍କ ପାଖକୁ ଚିଠି ଦିଆଯାଇ ଅଯୋଗ୍ୟ କାଳିଆ ଯୋଜନା ହିତାଧିକାରୀମାନଙ୍କ ନିକଟରୁ ଅର୍ଥ ଫେରସ୍ତ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁଯାୟୀ ସବୁ ଅଯୋଗ୍ୟ ହିତାଧିକାରୀଙ୍କ ନିକଟକୁ ଚିଠି ପଠାଯିବ ବୋଲି ଜଣାପଡିଛି। ସେହି ଚିଠିରେ ଜିଲା କୃଷି ଅଧିକାରୀଙ୍କ ଦସ୍ତଖତ ରହିବ। ଏଥିଲାଗି ସରକାରଙ୍କ ପକ୍ଷରୁ ଆକାଉଣ୍ଟ ନମ୍ବର ମଧ ଜାରି କରାଯାଇଛି। ଯେଉଁ ଚାଷୀମାନେ ଅଯୋଗ୍ୟ ଘୋଷିତ ହୋଇଛନ୍ତି ସେମାନଙ୍କୁ ଟଙ୍କା ନ ଫେରାଇବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି।

ପ୍ରଦୀପ୍ତ କହିଛନ୍ତି, କାଳିଆ ଯୋଜନାକୁ ସରକାର ତରବରିଆ ଭାବେ ଆରମ୍ଭ କଲେ। ଶାସକ ବିଜେଡି ନିର୍ବାଚନ ଜିତିବା ଓ କ୍ଷମତା ଆପଣେଇବା ପାଇଁ ଏହି ଯୋଜନା ଲାଗୁ କରିଥିଲା। ଦଳୀୟ କର୍ମୀଙ୍କୁ ହିତାଧିକାରୀ ଚିହ୍ନଟ କରି ଏହି ଯୋଜନା ମାଧ୍ୟମରେ ଟଙ୍କା ବଣ୍ଟାଗଲା। ଏବେ ନିର୍ବାଚନ ସରିବା ପରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଅର୍ଥ ଫେରାଇବା କଥା କହି ଚାଷୀଙ୍କ ମନରେ ସରକାର ଆତଙ୍କ ସୃଷ୍ଟି କରୁଛନ୍ତି। ଚାଷୀମାନେ ସରକାରଙ୍କୁ ଟଙ୍କା ମାଗି ନ ଥିଲେ। ଏଣୁ ଚାଷୀମାନେ ଗୋଟିଏ ବି ଟଙ୍କା ଫେରସ୍ତ କରନ୍ତୁ ନାହିଁ ବୋଲି ପ୍ରଦୀପ୍ତ କହିଛନ୍ତି। କାଳିଆ ଯୋଜନା ଆରମ୍ଭରୁ ପ୍ରଥମେ ହିତାଧିକାରୀଙ୍କ ପାଖରୁ ଦରଖାସ୍ତ ଗ୍ରହଣ କରାଯାଇଥିବ ଏହାକୁ ତନଖି କରି ଯୋଗ୍ୟ ହିତାଧିକାରୀଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଥିବ। କିନ୍ତୁ ନିର୍ବାଚନ ଥିବାରୁ ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ତରବରିଆ ଭାବେ ଲାଗୁ କରି ୫ ହଜାର ଟଙ୍କା ଲେଖାଏ ୫୧ ଲକ୍ଷ ଲୋକଙ୍କୁ ବାଣ୍ଟି ଭୋଟ ହାତେଇଥିଲେ। ରାଜ୍ୟର କୌଣସି ଚାଷୀ ଟଙ୍କା ନ ଫେରାଇଲେ କିଛି ଅସୁବିଧା ହେବ ନାହିଁ। ସରକାର ଚାଷୀଙ୍କ ପାଖରୁ ଅର୍ଥ ଆଦାୟ କରିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ପ୍ରଦୀପ୍ତ କହିଛନ୍ତି।

# ରାଶନକାର୍ଡ ତାଲିକାରୁ ହିତାଧିକାରୀ ବାଦ୍ ପଡିବା ନେଇ ବର୍ଷିଲା ଭାଜପା

**ଭୁବନେଶ୍ୱର,୨୬।୭(ବ୍ୟୁରୋ)**

ରାଜ୍ୟରେ ରାଶନକାର୍ଡ ବଣ୍ଟନ ନେଇ ବ୍ୟାପକ ଦୁର୍ନୀତି ଚାଲିଛି। ସରକାର ଏବଂ ଜିଲା ପ୍ରଶାସନ ଜାଣିଶୁଣି ରାଶନ କାର୍ଡ ତାଲିକାରୁ ଯୋଗ୍ୟ ହିତାଧିକାରୀଙ୍କୁ ବଞ୍ଚିତ କରୁଛନ୍ତି। ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଯୋଗ୍ୟ ହିତାଧିକାରୀଙ୍କ ନାଁ କାଟି ଶାସକ ଦଳ ସମର୍ଥକଙ୍କ ନାଁ ରଖାଯାଇଛି। ଧର୍ମଶାଳା ବ୍ଲକରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁ ମିଥ୍ୟା ସତ୍ୟପାଠ ଦର୍ଶାଇ କଟାଯାଇଛି। ଯେଉଁ ଲୋକଙ୍କ ଗାଡି, କୋଠାଘର ନାହିଁ ସେହି ଲୋକଙ୍କ ନାଁ ହିତାଧିକାରୀ ତାଲିକାରୁ କଟାଯାଇଛି। ଏସବୁ ବିଡିଓଙ୍କ ଜାଣତରେ ଚାଲିଛି। ଏହାକୁ ନେଇ ଏକ ମାମଲା ହାଇକୋର୍ଟରେ ରୁଜୁ ହୋଇଥିବାବେଳେ ବିଡିଓ ମିଥ୍ୟା ସତ୍ୟପାଠ ଦାଖଲ କରିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ରାଶନକାର୍ଡରୁ ପ୍ରଥମେ ଯୋଗ୍ୟ ହିତାଧିକାରୀଙ୍କ ନାଁ କଟାଯାଉଛି। ସେମାନଙ୍କୁ ପୁଣିଥରେ ଯୋଡିବାକୁ ସେମାନଙ୍କ ଠାରୁ ଟଙ୍କା ଆଦାୟ ହେଉଛି। ଏଭଳି ସାରା ରାଜ୍ୟରେ ରାଶନ କାର୍ଡ ର୍‍ୟାକେଟ କାମ କରୁଛି। ଏହି ର୍‍ୟାକେଟରେ ଶାସକ ଦଳ ନେତାମାନଙ୍କ ସମ୍ପୃକ୍ତି ରହିଛି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ୫ଟି କଥା କହୁଥିବାବେଳେ ତାଙ୍କରି ଦଳର ନେତା ଓ ସରକାରୀ ଅଧିକାରୀମାନେ ରାଶନକାର୍ଡ ଦୁର୍ନୀତିରେ ବୁଡି ରହିଛନ୍ତି। ଧର୍ମଶାଳା ବିଡିଓ ସ୍ମିତା ରଥ ପିଡିଏସ୍ ଖାତାରୁ ଅତିଗରିବ ଏବଂ ଯୋଗ୍ୟ ହିତାଧିକାରୀ ସ୍ୱର୍ଣ୍ଣଲତା ଓ ରମାଦେଇଙ୍କ ନାଁ କାଟି ଦେଇଛନ୍ତି। ସେମାନଙ୍କ ପକ୍କାଘର ଅଛି ବୋଲି ଦର୍ଶାଇ ବିଡିଓ ରାଶନକାର୍ଡ କାଟିଛନ୍ତି ବୋଲି ସତ୍ୟପାଠ ଦେଇଛନ୍ତି। କିନ୍ତୁ ବାସ୍ତବରେ ତାଙ୍କର ପକ୍କା ଘର ନାହିଁ। କମାଗଡ ପଞ୍ଚାୟତର ଆଉ ଜଣେ ହିତାଧିକାରୀ ଦିପ୍ତୀମୟୀ ମହାରଣାଙ୍କ ଶ୍ୱଶୁର ରେଳବାଇ ପେନସନ ପାଉଥିବା ଦର୍ଶାଇ ତାଙ୍କ ରାଶନ କାର୍ଡ କଟାଯାଇଛି। କିନ୍ତୁ ତାଙ୍କ ଶ୍ୱଶୁରଙ୍କ ୨ ଜାନୁଆରୀ ୨୦୧୮ରୁ ମୃତ୍ୟୁ ହୋଇସାରିଲାଣି। ସେହି ପଞ୍ଚାୟତରେ ଚାରି ଚକିଆ ଯାନ ଦର୍ଶାଇ ଝୁଲଣା ବେହେରାଙ୍କ ରାଶନ କାର୍ଡରୁ ନାଁ କଟାଯାଇଛି। କିନ୍ତୁ ପ୍ରକୃତରେ ତାଙ୍କର ଚାରି ଚକିଆ ଯାନ ନାହିଁ। ତେଣୁ ରାଶନ କାର୍ଡ ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ ଏବଂ ଏହି ଘଟଣାର ସମ୍ପୃକ୍ତ ଥିବା ବିଡିଓଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ବହିଷ୍କାର କରନ୍ତୁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

# ନକଲି କୋଭିଡ୍ ପାସ୍ ଲଗାଇ ପୁରୀରେ କାର୍

- ଭୁବନେଶ୍ୱରରୁ ଆସିଥିଲେ ୩ ଅଣଓଡ଼ିଆ
- ପିପିଲି ଟୋଲ୍‌ଗେଟ୍‌ରେ କାର୍ ଜବତ, ଡ୍ରାଇଭର ଅଟକ

**ପୁରୀ ଅଫିସ/ପିପିଲି**
**(ସ୍ୱ. ପ୍ର/ଡି.ଏନ.ଏ.),୨୬।୭**

ପୁରୀ ଜିଲାରୁ ରେକର୍ଡ ସଂଖ୍ୟକ ପଜିଟିଭ ଚିହ୍ନଟ ହେଉଛନ୍ତି। ତେଣୁ ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ଏକାଧିକ ପଦକ୍ଷେପ ଗ୍ରହଣ କରିଛି। ସୀମା ସିଲ୍ ସହ ଜିଲାର ସବୁ ପ୍ରବେଶ ପଥରେ ଆସନ୍ତା ୩୧ ପର୍ଯ୍ୟନ୍ତ କଡ଼ା କଟକଣା ଲଗାଯାଇଛି। ହେଲେ ପ୍ରଶାସନିକ କଟକଣା ଓ ସୁରକ୍ଷା ବ୍ୟବସ୍ଥାକୁ ଚକ୍‌ମା ଦେଖାଇ ରବିବାର ଏକ କାର୍ ପୁରୀରେ ପହଞ୍ଚିଛି। ଯେଉଁଥିରେ ଲାଗିଛି ଏକ ନକଲି ପାସ୍ ଏବଂ ଏହି କାର୍‌ରେ ୩ ଅଣଓଡ଼ିଆ ଆସିଥିଲେ ବୋଲି କୁହାଯାଉଛି। ତେବେ ଏହା ଜଣାପଡ଼ିବା ପରେ କାର୍‌ଟି ଫେରିଯାଉଥିବାବେଳେ ତାହାକୁ ପିପିଲି ଟୋଲ୍‌ଗେଟରେ ପୋଲିସ ଜବତ କରିଛି। ଏଥିସହ ଡ୍ରାଇଭରଙ୍କୁ ଅଟକ ରଖିଛି। ମାତ୍ର ପୁରୀ ଆସିଥିବା ସମ୍ପୃକ୍ତ ୩ ଅଣଓଡ଼ିଆଙ୍କ ସମ୍ପର୍କରେ କୌଣସି ସୂଚନା ନାହିଁ।

ଭୋର ସମୟରେ ଏହି କାର୍ ପୁରୀ ଆସି ଶ୍ରୀମନ୍ଦିର ସମ୍ମୁଖରେ ଅଟକିଥିଲା। ଏଥିରେ ୩ଜଣ ଅଣଓଡ଼ିଆ ଥିଲେ। ସେମାନେ ହିନ୍ଦୀରେ କଥା ହେଉଥିଲେ। ଏ ନେଇ ପ୍ରଶାସନ ପାଖରେ ଖବର ପହଞ୍ଚିବା ଜାଣିବା ପରେ କାର୍‌ଟି ଭୁବନେଶ୍ୱର ଅଭିମୁଖେ ପଳାଇଥିଲା। ଏ ନେଇ ଉପଜିଲାପାଳ ଭବତାରଣ ସାହୁ ପିପିଲି ପୋଲିସକୁ ଜଣାଇ ଥିଲେ। ପିପିଲ ଟୋଲ୍‌ଗେଟ୍‌ରେ କାର୍‌କୁ ଅଟକାଯାଇ ଯାଞ୍ଚ କରାଯାଇଥିଲା। ସେଥିରେ ଲଗାଯାଇଥିବା କୋଭିଡ୍ ପାସ୍ ଡୁପ୍ଲିକେଟ ଥିବା ଜଣାପଡ଼ିଥିଲା। ତେଣୁ ସମ୍ପୃକ୍ତ କାର୍ ଜବତ କରାଯିବା ସହ ଚାଳକଙ୍କୁ ଅଟକ ରଖାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ହେବ ବୋଲି ପିପିଲି ଥାନା ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।



ଜବତ ହୋଇଥିବା କାର୍।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

ପାର୍ଟ ଟାଇମ୍ କାମ
ଟେଲିକମ୍ 4ଜି କମ୍ପାନୀରେ (ଏସ୍‌ଏମ୍‌ଏସ୍-କାମ) କରି, ପୁଅ, ଝିଅ, ଗୃହିଣୀମାନେ ଘରେ ବସି ମାସିକ 15,000-45,000 ରୋଜଗାର କରନ୍ତୁ। ଲାପଟପ୍ + ମୋବାଇଲ ମାଗଣା ଏସ୍‌ଏମ୍‌ଏସ୍/କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
ମୋବାଇଲ + ଲାପଟପ୍ ମାଗଣା
07044895450
07044895402

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ
ଭଡ଼ା- 65,000
ବାଇକ୍ ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅଚେତ ବ୍ୟକ୍ତିଙ୍କୁ ବିଳମ୍ବରେ ମିଳିଲା ସହାୟତା

**ନୟାଗଡ ଅଫିସ:** କରୋନା ସଂକ୍ରମଣ ଯୋଗୁ ସେବା ଯୋଗାଇ ଦେବାକୁ କେହି ଆଗ୍ରହୀ ନୁହନ୍ତି। ଏଣୁ ଜଣେ ଅପରିଚିତ ବ୍ୟକ୍ତି ଅଚେତ ଅବସ୍ଥାରେ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନୟାଗଡ ଓଡଗାଁ ଛକ ରାସ୍ତା କଡରେ ରବିବାର ପଡି ରହିଥିଲେ। ନୟାଗଡ ଦମକଳ କେନ୍ଦ୍ରର କର୍ମଚାରୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବ୍ରହ୍ମପୁରରୁ ସେହି ବ୍ୟକ୍ତି ଆସି ଶନିବାର ନୟାଗଡରେ ଓହ୍ଲାଇଥିଲେ। ପରେ ଅଚେତ ହୋଇ ରାସ୍ତା କଡ଼ରେ ପଡିଥିଲେ। ରବିବାର ଭୋରରେ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଜଣାଇଥିଲେ। ହେଲେ ଆମ୍ବୁଲାନ୍ସ ଆସି ନ ଥିଲା। ପରେ ଲୋକେ ନୟାଗଡ ଦମକଳ କେନ୍ଦ୍ର କର୍ମଚାରୀଙ୍କୁ ଅବଗତ କରାଇଥିଲେ।

**ସଂକ୍ଷେପରେ**

## କେନ୍ଦ୍ରାପଡ଼ାରେ ପୁଣି ୧୧ ଆକ୍ରାନ୍ତ

### ମୋଟ ସଂଖ୍ୟା ୪୧୮ ଛୁଁଇଲା

**କେନ୍ଦ୍ରାପଡା ଅଫିସ, ୨୬।୭:** କେନ୍ଦ୍ରାପଡା ଜିଲାରେ ଶନିବାର ସୁଦ୍ଧା ୪୦୭ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ରବିବାର ଆଉ ୧୧ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ଛତାସ୍ଥିତ କୋଭିଡ୍ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣ କୋଲକାତା ପ୍ରବାସୀ ସଂଗରୋଧ କେନ୍ଦ୍ରରେ ଥିବା ବେଳେ ଓ ଅବଶିଷ୍ଟ ୯ ଜଣ ବିଭିନ୍ନ ସ୍ଥାନରେ ସଂକ୍ରମିତ ଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୫ ଜଣ ସ୍ଥାନୀୟ ସଂକ୍ରମଣର ଶିକାର ହୋଇଛନ୍ତି। ଆଳି ବ୍ଲକରୁ ୫ ଜଣ, ଡେରାବିଶରୁ ଓ ମାର୍ଶାଘାଇରୁ ୨ଜଣ ଲେଖାଏ, ରାଜକନିକା ଏବଂ କେନ୍ଦ୍ରାପଡା ମ୍ୟୁନିସିପାଲିଟି ଅଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି। ଅଦ୍ୟାବଧି ଜିଲାରେ ୩୪୨ ଜଣ ସୁସ୍ଥ ହୋଇଥିବା ବେଳେ ୭୩ ଜଣ ଚିକିତ୍ସିତ ହେଉଛନ୍ତି ବୋଲି ଜିଲାପାଳ ବର୍ମା କହିଛନ୍ତି।

## ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ସିଲ୍

**ଖଣ୍ଡପଡ଼ା, ୨୬।୭(ସ୍ୱ.ପ୍ର.):** ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ଲେଖାଏ କର୍ମଚାରୀଙ୍କ ସମେତ ଖଳିସାହି ଗ୍ରାମର ୧୮ ବର୍ଷୀୟ ଯୁବକ କରୋନା ଆକ୍ରାନ୍ତ ହୋଇଛନ୍ତି। ୧୦ ଦିନ ତଳେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ସ୍ୱାବ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ଉଭୟ କର୍ମଚାରୀଙ୍କୁ ହୋମ କ୍ୱାରାଣ୍ଟାଇନରେ ରଖାଯାଇଥିବା ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଭିସାର ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରବିବାର ସକାଳ ୮ଟାରୁ ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ସିଲ କରି ଦିଆଯାଇଛି। ଏହି ସମୟରେ କେବଳ ଜରୁରୀ ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପଣ୍ଡା କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକକୁ ବନ୍ଦ କରି ଦିଆଯିବା ସହ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ କରାଯାଇଛି। ଅପରପକ୍ଷରେ କଣ୍ଟିଲୋ ପଞ୍ଚାୟତବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ ସୋମବାର ସକାଳ ୮ଟାରୁ ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ପଞ୍ଚାୟତକୁ ଶଟଡାଉନ୍ ଘୋଷଣା କରିଛନ୍ତି।

## ୨ ଦିନରେ ୬୦ ଲିଟର ମଦ ଜବତ: ଜଣେ ଗିରଫ

**ଆଳି, ୨୬।୭(ଡି.ଏନ.ଏ.):** ଆଳି ବ୍ଲକ ଦେମାଳ ପଞ୍ଚାୟତରେ ପୋଲିସ ଚଢ଼ାଉ କରି ୨ ଦିନରେ ୬୦ ଲିଟର ମଦ ଜବତ କରିଛି। ଲୋକପଡ଼ା ଖରାଖାଇ ଠାକୁରାଣୀ ମନ୍ଦିରରେ ନିକଟରେ ଶନିବାର ପୋଲିସ ଚଢ଼ାଉ କରି ୯୫ ବୋତଲ ମଦ ଜବତ କରିଥିଲା। ଏସଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ, ପ୍ରଦୋଷ ପଟ୍ଟନାୟକ ଓ ରାକେଶ ସୂତାର ଚଢ଼ାଉରେ ସାମିଲ ଥିଲେ। ଏହି ସମୟରେ ଚୋରା ବେପାରୀ ଖସିଯିବାକୁ ସକ୍ଷମ ହୋଇଥିଲେ। ସେହିପରି ରବିବାର ଲୋକାପଡା ଗ୍ରାମର ବୁଢ଼ା ମହାଦେବ ମନ୍ଦିର ନିକଟରେ ଥିବା ଏକ ଘରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୨୨୦ବୋତଲ ଆସ୍କାଫର୍ଟି ଜବତ ହୋଇଛି। ଏହି ଅଭିଯୋଗରେ ଉକ୍ତ ଗ୍ରାମର ଅରବିନ୍ଦ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି।

# କଳାମାଟିଆ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

**ପଞ୍ଚାୟତିରାଜ ବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ**

**ବରୀ, ୨୬।୭(ଡି.ଏନ.ଏ.)**

ଯାଜପୁର ଜିଲା ଆଭ୍ୟନ୍ତରୀଣ ଅଞ୍ଚଳର ପାରିପାର୍ଶ୍ୱିକ, ଭୌଗୋଳିକ ବିକାଶ ଯେପରି ହେବା କଥା ତାହା ହୋଇପାରିନାହିଁ। ଲୋକଙ୍କ ଜୀବନଧାରଣ ମାନରେ ସେତେଟା ଉନ୍ନତି ଆସିନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ପାନୀୟଜଳ, ରାସ୍ତା, ଗମନାଗମନ, ସାଧାରଣ ବଣ୍ଟନ ଓ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଯାଜପୁର ଜିଲା ଏବେ ବି ଅବହେଳିତ ହୋଇରହିଛି, ଯାହାର ଚିତ୍ର ନଗଡ଼ା ଭଳି ବହୁ ଗାଁରେ ଦେଖିବାକୁ ମିଳୁଛି। ପ୍ରତ୍ୟେକ ବିଭାଗରେ ବର୍ଷକୁ ବର୍ଷ ଆଶାନୁରୂପ ଅନୁଦାନ ଆସୁଥିବାବେଳେ ବ୍ୟାପକ ଦୁର୍ନୀତି ବିକାଶର ଧାରାକୁ ପଛକୁ ପକାଇ ଦେଇଛି। ଜିଲାର ବରୀ ବ୍ଲକ୍ ଅନ୍ତର୍ଗତ କଳାମାଟିଆ ପଞ୍ଚାୟତକୁ ଏହାର ଉଦାହରଣ ଭାବେ ନିଆଯାଇପାରେ।

କଳାମାଟିଆରେ ପଞ୍ଚାୟତ ବୈଠକ କରା ନ ଯାଇ ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିଶନରେ ଆସୁଥିବା ଅର୍ଥକୁ ବିଭିନ୍ନ ପ୍ରକଳ୍ପରେ ଖର୍ଚ୍ଚ କରାଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ହେଲେ ବାସ୍ତବପକ୍ଷେ ସେଭଳି ପ୍ରକଳ୍ପ ଉପରେ କିଛି କାର୍ଯ୍ୟ ହୋଇ ନ ଥିବାବେଳେ ମିଥ୍ୟା ବିଲ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଆର୍ ଆଣ୍ଡ ବି ରାସ୍ତାଠାରୁ ପୁନ ବେହେରାଙ୍କ ଘର ପର୍ଯ୍ୟନ୍ତ ରାସ୍ତା ମରାମତି ନିମନ୍ତେ ଚତୁର୍ଥ ଅର୍ଥ କମିଶନ ଓ ଚତୁର୍ଦ୍ଦଶ ଅର୍ଥ କମିଶନରୁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହାକୁ ଶିଶିର କୁମାର ମଲ୍ଲିକଙ୍କୁ କାର୍ଯ୍ୟାଦେଶ ସଂଖ୍ୟା ୪୮/୨୪।୮।୨୦୧୮ରେ କାର୍ଯ୍ୟାଦେଶ ଦିଆଯାଇଥିଲା। ଉକ୍ତ କାର୍ଯ୍ୟଟି ଶେଷ ହୋଇଛି ବୋଲି ଦର୍ଶାଯାଇ ପଞ୍ଚାୟତ ପାଣ୍ଠିରୁ ୧ ଲକ୍ଷ ୮୮ ହଜାର ୯୫୪ ଟଙ୍କା ପଇଠ କରାଯାଇଅଛି। ଦାୟିତ୍ୱରେ ଥିବା ସହକାରୀ କନିଷ୍ଠ ଯନ୍ତ୍ରୀ ଏହି କାର୍ଯ୍ୟକୁ ମାପ କରି ବିଲ୍ କରିଥିବା ଦର୍ଶାଯାଇଛି। ମାତ୍ର ଏଭଳି କୌଣସି ପ୍ରକଳ୍ପ ଉପରେ କାର୍ଯ୍ୟ ହୋଇ ନାହିଁ ବୋଲି ୱାର୍ଡ ସଭ୍ୟା/ସଭ୍ୟ ଓ ଗ୍ରାମବାସୀ ପଞ୍ଚାୟତିରାଜ ବିଭାଗ ସଚିବ, ଉପଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ ଓ ବରୀ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହାବାଦ ୧୦।୩।୨୦୧୭ରେ ନାଏବ ସରପଞ୍ଚ ପଦବୀ ନିମନ୍ତେ ନିର୍ବାଚନ ସମୟରେ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ୱାର୍ଡ ସଭ୍ୟା/ସଭ୍ୟମାନେ ଦସ୍ତଖତ କରିଥିଲେ। ପରବର୍ତ୍ତୀ ସମୟରେ ସରକାରୀ ଅନୁଦାନ ଖର୍ଚ୍ଚ ସଂକ୍ରାନ୍ତରେ ରିଜୋଲେଶନ ଖାତାରେ ହୋଇଥିବା ସେହି ୱାର୍ଡ ସଭ୍ୟା/ସଭ୍ୟମାନଙ୍କ ଦସ୍ତଖତ ମେଳ ଖାଉ ନାହିଁ। ଏଥିରୁ ବିପୁଳ ପରିମାଣର ଅର୍ଥ ହଡପ ହୋଇଥିବା ସନ୍ଦେହ କରାଯାଇଛି। ଏତଦ୍‌ବ୍ୟତୀତ କଳାମାଟିଆ ଶହୀଦ ପୀଠଠାରୁ ନୂଆପଡ଼ା ଗ୍ରାମକୁ ସଂଯୋଗୀକରଣ ସେତୁର ଦକ୍ଷିଣ ପାର୍ଶ୍ୱରେ ୨ଲକ୍ଷ ୫୦ ହଜାର ଟଙ୍କା ବିନିଯୋଗ କରି ଏକ ଗାଧୁଆ ତୁଠ ନିର୍ମାଣ ହୋଇଛି। ବିନା ସୂଚନା ଫଳକରେ ଏହା ନିର୍ମାଣ ହୋଇଥିବା ଅଭିଯୋଗ ହେବାପରେ କୌଣସି ତଦନ୍ତ କରା ନ ଯିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିକ୍ରମରେ ଅଭିଯୋଗ ପତ୍ର ପଠାଯିବାର ୬ ଦିନ ବିତିଯାଇଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସଂକ୍ରାନ୍ତରେ କଳାମାଟିଆ ସରପଞ୍ଚ ସମୀର କୁମାର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଯେଉଁ ଅଭିଯୋଗ ହୋଇଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ବଦନାମ କରିବାକୁ ଏଭଳି ଅଭିଯୋଗ ହୋଇଛି। ବରୀ ବିଡିଓ ଶାଶ୍ୱତ କୁମାର ଜେନାଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ପହଞ୍ଚି ନାହିଁ। ଅଭିଯୋଗ ମିଳିବା ପରେ ତଦନ୍ତ କରାଯିବ।

# ରାସ୍ତା ମରାମତି, ଭାରିଯାନ ଚଳାଚଳ ବନ୍ଦ ଦାବି



ଘେରିବନ୍ଧରେ ସୃଷ୍ଟି ହୋଇଥିବା ବିରାଟ ଗର୍ତ୍ତ।

**ବ୍ରାହ୍ମଣୀ-ବିରୂପା-କେଲୁଅ ଘେରିବନ୍ଧ**

**ବରୀ, ୨୬।୭ (ଡି.ଏନ୍.ଏ.)**

ବରୀ ବ୍ଲକ ଅଧୀନ ଗମ୍ଭୁ-ମହାକାଳପଡ଼ା ସଂଯୋଗୀକରଣ ରାସ୍ତା ବ୍ରାହ୍ମଣୀ-ବିରୂପା-କେଲୁଅ ଘେରିବନ୍ଧ ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଦେଇ ଯାଆସ କରୁଥିବା ଲୋକମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଘେରିବନ୍ଧ ଦେଇ ମହାକାଳପଡ଼ା, ନିଳାପଦା, ଅମଠପୁର, ରତ୍ନଗିରି, ଅଲିଆବାଦ ପ୍ରଭୃତି ଗ୍ରାମବାସୀ କେନ୍ଦ୍ରାପଡା ଜିଲାର ଇନ୍ଦୁପୁର ବଜାର ଓ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାଆସିବା କରିଥାନ୍ତି। ଏହାଛଡ଼ା ବୌଦ୍ଧପୀଠ ରତ୍ନଗିରି ଆସିବା ପାଇଁ କେନ୍ଦ୍ରାପଡ଼ା ଜିଲାବାସୀ ଏହି ରାସ୍ତା ଦେଇ ଇନ୍ଦୁପୁର ପୋଲ ଅତିକ୍ରମ କରି ଆସିଥାନ୍ତି। ବହୁ ଗୁରୁତ୍ୱ ବହନ କରୁଥିବା ଏହି ରାସ୍ତାର ଅନେକ ସ୍ଥାନରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଅସରାଏ ବର୍ଷା ହେଲେ ଦୀର୍ଘଦିନ ଧରି ରାସ୍ତାରେ ପାଣି ଜମି ରହୁଛି। ଅନ୍ୟପଟେ ଏହି ରାସ୍ତା ଦେଇ ଭାରିଯାନ ଚଳାଚଳ ନିଷିଦ୍ଧ ଥିଲେ ବି ମହାକାଳପଡ଼ା ଘାଟରୁ ବାଲି ଉଠାଇ ଶହ ଶହ ଗାଡ଼ି ଏହି ରାସ୍ତାରେ ଯାଉଛି। ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯାଉ ନ ଥିବାରୁ ରାସ୍ତାବସ୍ଥା ଶୋଚନୀୟ ହୋଇପଡ଼ିଛି। ତେବେ ଏହି ରାସ୍ତା ଦେଇ ଭାରିଯାନ ଚଳାଚଳକୁ ସ୍ଥାନୀୟ ଲୋକେ ବିରୋଧ କରି ଧାରଣା ଦେଇଥିଲେ। ମାତ୍ର ଭାରିଯାନ ଚଳାଚଳ ବନ୍ଦ ପାଇଁ ବ୍ଲକ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏ ଦିଗରେ ଦୃଷ୍ଟି ଦିଆ ନ ଯିବାରୁ କ୍ରମେ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇପଡ଼ିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଓ ବରୀ ବ୍ଲକ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାଯାଇଛି।

# ଖରିଫ ଚାଷ ଆରମ୍ଭରୁ ମରୁଡ଼ି ଆଶଙ୍କା

**କେନ୍ଦ୍ରାପଡା ଅଫିସ, ୨୬।୭**



ବର୍ଷା ଅଭାବରୁ ଚାଷ ଜମି ଫାଟି ଯାଇଛି।

- ଜୁନ୍ ଓ ଜୁଲାଇରେ କମ୍ ବର୍ଷା ହୋଇଛି
- କେନାଲଗୁଡ଼ିକୁ ନବୀକରଣ କରାଯାଉନାହିଁ

ଜୁନ ଓ ଜୁଲାଇରେ ଆଶାନୁରୂପକ ବର୍ଷା ହୋଇ ନ ଥିବାରୁ କେନ୍ଦ୍ରାପଡ଼ା ଜିଲାରେ ମରୁଡି ଆଶଙ୍କା ସୃଷ୍ଟି ହୋଇଛି। ଆସନ୍ତା ୮ ଦିନ ମଧ୍ୟରେ ବର୍ଷା ନ ହେଲେ ଜିଲାରେ ଅଧିକାଂଶ ଜମି ପଡ଼ିଆ ପଡ଼ିବ ବୋଲି ବହୁ ଚାଷୀ ମତବ୍ୟକ୍ତ କରିଛନ୍ତି। ପ୍ରତିବର୍ଷ ଜୁନ୍‌ରେ ଜିଲାରେ ହାରାହାରି ୨୦୮ ମିଲିମିଟର ବର୍ଷା ହେଉଥିବା ବେଳେ ଚଳିତବର୍ଷ ୧୫୦ ମିମି ବର୍ଷା ହୋଇଛି। ସେହିପରି ଜୁଲାଇରେ ହାରାହାରି ୩୧୭ ମିମି ବର୍ଷା ହେଉଥିବା ବେଳେ ୨୬ ଜୁଲାଇ ସୁଦ୍ଧା ମାତ୍ର ୧୧୧ ମି.ମି. ବର୍ଷା ହୋଇଛି। କମ୍ ବର୍ଷା ଯୋଗୁ ଖରିଫ୍ ଚାଷ କାର୍ଯ୍ୟ ଆଗେଇ ପାରୁନି ବୋଲି ଭରତପୁର ଗ୍ରାମର ଅଶୋକ ଚନ୍ଦ୍ର ଜେନା କହିଛନ୍ତି।

ଅପରପକ୍ଷେ ଜିଲାର ୧ଲକ୍ଷ ୫୨ ହଜାର ହେକ୍ଟର ଜମି ମଧ୍ୟରୁ କେନାଲ ଓ ଉଠା ଜଳସେଚନ ମାଧ୍ୟମରେ ୯୫ ହଜାର ହେକ୍ଟର ଜମିରେ ଜଳସେଚନ କରାଯାଏ। ଅବଶିଷ୍ଟ ଜମିରେ ଚାଷ କାର୍ଯ୍ୟ ନିମନ୍ତେ ବର୍ଷା ଉପରେ ନିର୍ଭର କରିବାକୁ ପଡ଼େ। ଚଳିତ ବର୍ଷ ବହୁ ବିଳମ୍ବରେ କେନାଲ ମାଧ୍ୟମରେ ଜଳସେଚନ ଆରମ୍ଭ ହୋଇଛି। ଜିଲାରେ ଥିବା ୧୬୨୦ ଲିଫଟ ପଏଣ୍ଟ ମଧ୍ୟରୁ ଅଦ୍ୟାବଧି ୪୯୮ଟି କାର୍ଯ୍ୟକ୍ଷମ ହୋଇନାହିଁ। ସେହିପରି କାର୍ଯ୍ୟକ୍ଷମ ଥିବା ଉଠା ଜଳସେଚନରେ ବିଦ୍ୟୁତ ସମସ୍ୟା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ମହାମାରୀ ଯୋଗୁ ଗାଁକୁ ଫେରିଥିବା ପ୍ରବାସୀମାନେ ଖରିଫ ଚାଷ ପାଇଁ ମନ ବଳାଇଥିବା ବେଳେ ଜଳ ପରିଚାଳନା ସମସ୍ୟା ଏଥିରେ ବାଧା ସୃଷ୍ଟି କରିଛି ବୋଲି କୃଷକ ନେତା ଗୟାଧର ଧଳ କହିଛନ୍ତି। କୃଷିଭିତ୍ତିକ ଏହି ଜିଲାର ଆଳି, ରାଜନଗର, ରାଜକନିକା ଅଞ୍ଚଳରେ ଅଦ୍ୟାବଧି କେନାଲ ବ୍ୟବସ୍ଥା ନାହିଁ। ଜଳସମ୍ପଦ ବିଭାଗ ପକ୍ଷରୁ କେନାଲ ନବୀକରଣ କରାଯାଉନାହିଁ। ଫଳରେ ଶେଷ ମୁଣ୍ଡରେ ଜଳ ପହଞ୍ଚି ପାରୁନାହିଁ ବୋଲି ମହାକାଳପଡାର କୃଷକନେତା ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି। ଜିଲାରେ ପ୍ରବାହିତ ୭ ନଦୀର ଉଦ୍‌ବୃତ୍ତ ଜଳକୁ କ୍ରିକ୍ ମାଧ୍ୟମରେ ଅଟକାଇ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇପାରନ୍ତା। ଏହାଛଡ଼ା ନଦୀଗୁଡ଼ିକୁ ସଂଯୋଗୀକରଣ କଲେ ଉଦ୍‌ବୃତ୍ତ ଜଳ ସମୁଦ୍ରରେ ନଷ୍ଟ ହୁଅନ୍ତା ନାହିଁ। ମାତ୍ର କେହି ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ସ୍ୱାଇଁ କହିଛନ୍ତି।

ଏ ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ଅଶୋକ ମହାସୁଆର କହିଛନ୍ତି, ଜୁନ ଓ ଜୁଲାଇରେ ଆବଶ୍ୟକ ବର୍ଷା ହୋଇନାହିଁ। କିନ୍ତୁ ଏବେ ଠାରୁ ମରୁଡି ଆଶଙ୍କା କରିବା ଉଚିତ ନୁହେଁ। ଅଗଷ୍ଟରେ ପ୍ରଚୁର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି। ଏପରିହେଲେ ଚାଷୀ ଉପକୃତ ହେବେ ବୋଲି ଉପନିର୍ଦ୍ଦେଶକ ମହାସୁଆର ପ୍ରକାଶ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବରୀ, ୨୬।୭ (ଡି.ଏନ୍.ଏ.):** ବରୀ ଥାନା ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତ ଜଅଁପଡା ଗ୍ରାମର କାଣ୍ଡିସାହିର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଉଦ୍ଧାର କରିଛି। ମୃତକ ବିଚତ୍ରାନନ୍ଦ ସାହୁ (୪୦) ଶନିବାର ରାତିରୁ ନିଖୋଜ ଥିଲେ। ରବିବାର ସକାଳୁ ତାଙ୍କ ଘର ପଛପଟ ବାଡ଼ିରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୨୦/୨୦୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ମିଳୁନି ଫସଲ ବୀମାରାଶି

**ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ୮୫ ଚାଷୀ**

**ଏରସମା, ୨୬।୭(ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତର ୮୫ ଚାଷୀ ଫସଲ ବୀମା ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ବୋଲି ଏକ ଖବରଦତା ସମ୍ମିଳନୀରେ କୁହାଯାଇଛି।

ଜପା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତ କୃଷକସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ କହିଥିଲେ, ୨୦୧୭-୧୮ ଆର୍ଥିକ ବର୍ଷରେ ଜପା ସେବା ସମବାୟ ସମିତି ଆନୁକୂଲ୍ୟରେ ୬୬୩ ଚାଷୀ କୃଷି ଋଣ ସହିତ ଫସଲ ବୀମା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଧାନଚାଷ କ୍ଷତିଗ୍ରସ୍ତ ହେଲେ କିମ୍ବା ହାରାହାରି ଉତ୍ପାଦନଠାରୁ ଯଦି କମିଲା ତେବେ ନିୟମ ଅନୁସାରେ ମୋଟ ଋଣ ଅର୍ଥର ୨୯ ପ୍ରତିଶତ କ୍ଷତିପୂରଣ ବୀମା ଆକାରରେ ଚାଷୀଙ୍କୁ ଦିଆଯିବା କଥା। ତେବେ ୫୭୮ ଜଣ ଚାଷୀଙ୍କୁ ଏହି ବୀମା ଅର୍ଥ ଦିଆଯାଇଥିଲେ ମଧ ୮୫ ଜଣ ଚାଷୀଙ୍କୁ ଦିଆଯାଇ ନାହିଁ। ସମିତି କର୍ମକର୍ତ୍ତା ୨ୟ କିସ୍ତିରେ ମିଳିବ ବୋଲି କହିଥିଲେ। ହେଲେ ଏହା ମଧ୍ୟରେ ୩ ବର୍ଷ ବିତି ଯାଇଥିଲେ ମଧ ତାହା ମିଳି ପାରିନାହିଁ। କ୍ଷତିଗ୍ରସ୍ତ ଚାଷୀ ବାଧ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ସହିତ ଏହାର ନକଲ ସମବାୟ ମନ୍ତ୍ରୀ, ଜିଲାପାଳ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକଙ୍କ ନିକଟକୁ ପଠାଇଛନ୍ତି। ସମ୍ମିଳନୀରେ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ, ସ୍ଥାନୀୟ ସରପଞ୍ଚ ତପନ ଗଚ୍ଛାୟତ ଓ ଚାଷୀ ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏରସମା ସେବା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ବୀମା ରାଶି ପାଇ ନ ଥିବା ଚାଷୀଙ୍କ ନାମ ଅନ୍ୟ ପଞ୍ଚାୟତରେ ଭୁଲରେ ପଶିଯାଇଛି। ତାହା ସଂଶୋଧନ କରାଯାଇ ଖୁବ୍‌ଶୀଘ୍ର ବୀମାରାଶି ପ୍ରଦାନ କରାଯିବ।

## କାର୍ଯ୍ୟରେ ଯୋଗଦେଲେ ବିଜୁଳି ଦିଦି

**ପାରାଦୀପ, ୨୬।୭ (ସ୍ୱ.ପ୍ର.)**

ପାରାଦୀପ ଗଡ଼ରେ ଥିବା ବିଦ୍ୟୁତ୍ ଡିଭିଜନରେ ପ୍ରଥମ କରି ୫୬ଜଣ ବିଜୁଳିଦିଦି ନିଯୁକ୍ତି ପାଇବା ସହ କାର୍ଯ୍ୟରେ ଯୋଗ ଦେଇଛନ୍ତି। ମିଶନଶକ୍ତି ଓ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନର ମିଳିତ ସହଯୋଗରେ ଏମାନଙ୍କୁ ନିଯୁକ୍ତ କରାଯାଇଛି। ଏଥିପାଇଁ ଜୁନ୍ ୨୫ରେ ଆବେଦନ ଓ ଜୁଲାଇ ୭ରେ ଲିଖିତ ଏବଂ ମୌଖିକ ପରୀକ୍ଷା କରାଯାଇଥିଲା। ଏଥିରେ କୁଜଙ୍ଗ, ତିର୍ତ୍ତୋଲ ଏରସମା ବ୍ଲକରୁ ୪୫୩ ଜଣ ଆବେଦନ କରିଥିଲେ। ଏପରି କାମରେ ମହିଳାମାନେ ବାସ୍ତବରେ ଆତ୍ମ ନିର୍ଭରଶୀଳ ହେବାସହ ସଶକ୍ତୀକରଣ ହୋଇ ପାରିଛନ୍ତି ବୋଲି ନିଯୁକ୍ତି ପାଇଥିବା ମହିଳା ସରୋଜିନୀ ଚାଟୋଇ କହିଛନ୍ତି। ଅନ୍ୟପକ୍ଷରେ ବିଜୁଳି ଦିଦିଙ୍କ ନିଯୁକ୍ତିକୁ ନେଇ ସେସୁ ଅଧୀନରେ କାମ କରୁଥିବା ଠିକା ଶ୍ରମିକମାନେ ବିରୋଧ କରୁଛନ୍ତି।

## ମଦ ଜବତ, ୨ ଗିରଫ

**ଧର୍ମଶାଳା, ୨୬।୭ (ଡି.ଏନ୍.ଏ.):** ଧର୍ମଶାଳା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯ଲିଟର ମଦ ଜବତ କରିବା ସହ ୨ ବ୍ୟବସାୟୀଙ୍କୁ ଗିରଫ କରିଛି। ନାକପୋଲଠାରେ ଚଢ଼ାଉ କରି ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ କଣ୍ଟିଗଡିଆସ୍ଥିତ ଏକ ଢାବା ମାଲିକଙ୍କୁ ଗିରଫ କରାଯାଇଥିଲା। ଉଭୟଙ୍କୁ ନୋଟିସ୍ ଦିଆଯାଇ ଛାଡ଼ି ଦିଆଯାଇଛି।

## ସାପ କାମୁଡ଼ାରେ ମହିଳା ମୃତ

**ଧର୍ମଶାଳା, ୨୬।୭ (ଡି.ଏନ୍.ଏ.):** ଧର୍ମଶାଳା ଥାନା ଅଧୀନ ଡେରାବର ଗ୍ରାମର ଜୁଳିଆ ଦାସ (୫୦)ଙ୍କ ରବିବାର ସାପ କାମୁଡାରେ ମୃତ୍ୟୁ ହୋଇଛି। ମଧ୍ୟାହ୍ନରେ ସେ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ନିଆଯିବା ରାସ୍ତାରେ ହିଁ ଜୁଳିଆଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ମାସେ ପରେ କଟିଗଲା ରାଶନକାର୍ଡ

**ଜେନାପୁର, ୨୬।୭ (ଡି.ଏନ୍.ଏ.)**

ରାଶନକାର୍ଡରେ ମାସକର ଚାଉଳ ମିଳିଲା। ତା’ପରମାସରେ ଚାଉଳ ପାଇଁ ଯିବାରୁ କାର୍ଡରୁ ନାଁ କଟିଯାଇଛି ବୋଲି ଡିଲର କହିଲେ। କ’ଣ ପାଇଁ ନାଁ କଟିଲା ଜାଣିବା ପାଇଁ ବହୁଥର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ିବା ପରେ ବି କିଛି ଲାଭ ହେଲାନି। ନୂଆ ରାଶନକାର୍ଡ କରିବାକୁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ କହିବା ଅନୁସାରେ ଅନେକ ଥର ଫର୍ମ ପୂରଣ କରିଥିଲେ ବି ତାଲିକାରେ ଆମ ପରିବାରର ନାଁ ଚଢ଼ିପାରିଲାନି। ପୁଅମାନେ ପର ଘରେ କାମ କଲେ ଆମ ପରିବାର ଚଳେ। ହେଲେ କରୋନା ତାକୁ ବି ବନ୍ଦ କରିଦେଇଛି। ଏବେ ପରିବାରର ୫ସଦସ୍ୟ ଦିଓଳି ପେଟପୁରା ଖାଇବାକୁ ପାଉନୁ ବୋଲି କୋହଭରା କଣ୍ଠରେ କହିଛନ୍ତି ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ପଞ୍ଚାୟତ ଅରିମୁଳ ଗ୍ରାମର ନବଘନ ପାଳ (୮୦)। ପରିବାର କହିଲେ ସ୍ତ୍ରୀ ଓ ୩ପୁଅ। ୨୦୧୬ରେ ନବଘନଙ୍କ ନାଁରେ ରାଶନକାର୍ଡ (ନମ୍ବର-୭୬୧) ମିଳିଥିଲା। ସେହିବର୍ଷ ଏପ୍ରିଲ ୨୫ ତାରିଖରେ ସେ ଡିଲରଙ୍କଠାରୁ ରାଶନ ସାମଗ୍ରୀ ମଧ ଆଣିଥିଲେ। କିନ୍ତୁ ତା’ ପରମାସରୁ କାର୍ଡରୁ ତାଙ୍କ ନାଁ କଟି ଯାଇଥିଲା। କୁଡିଆ ଘରେ ପରିବାରର ୫ ସଦସ୍ୟ କାଳ କାଟୁଥିବା ବେଳେ ଏ ଯାଏ ସରକାରୀ ଯୋଜନାରେ ଘର ଖଣ୍ଡେ ବି ମିଳିଲାନି। ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ବି ଅନେକଥର ଏ ନେଇ ଗୁହାରି କରିଥିଲେ ବି କେହି ଆମ କଥା ଶୁଣିନାହାନ୍ତି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ନବଘନଙ୍କ ପରିବାରକୁ ରାଶନକାର୍ଡ ଓ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାକୁ ତାଙ୍କ ପରିବାର ସଦସ୍ୟ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ସ୍ମିତା ରଥଙ୍କୁ ପଚାରିବାରେ ମୋ ନିକଟରେ ଅଭିଯୋଗ ନାହିଁ। ଅନ୍‌ଲାଇନ୍‌ରେ କୌଣସି ତ୍ରୁଟି ଯୋଗୁ ଯଦି ରାଶନକାର୍ଡ କଟିଥାଏ ତେବେ ତଦନ୍ତ କରାଯାଇ ତାଙ୍କ ପରିବାରକୁ ରାଶନକାର୍ଡ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ମିଳୁନାହିଁ ଫନୀ ସହାୟତା, ଚିନ୍ତାରେ ଚାଷୀ

**ନାଉଗାଁ, ୨୬।୭(ସ୍ୱ.ପ୍ର.)**

ନାଉଗାଁ ବ୍ଲକରେ ବହୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ଫନୀ ସହାୟତା ମିଳିନାହିଁ। ଏହି ତାଲିକା ପ୍ରସ୍ତୁତିରେ ଅନିୟମିତତା କରାଯାଇଛି। ପ୍ରକୃତ ଚାଷୀଙ୍କୁ କ୍ଷତିପୂରଣ ଦିଆ ନ ଯାଇ ଅଣଚାଷୀଙ୍କୁ ତାଲିକାରେ ସାମିଲ କରାଯାଇଛି ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ କେତେକ ପରିବାରର ଏକାଧିକ ବ୍ୟକ୍ତିଙ୍କୁ ଫନୀ ସହାୟତା ଦିଆଯାଇଛି ବୋଲି ସେମାନେ କହିଛନ୍ତି।

କୃଷି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ନାଉଗାଁ ପଞ୍ଚାୟତରେ ୧୮୫, ବାଂଶ ୧୧୦, ଶିଖର ୮୬, ଡେରିକି ୧୪୦, ଡାବର ୧୯୦, ତିରୁଣା ୨୨୬, କୋରୁଅ ୧୩୬, ଅଲଣା ୩୫୦, ଘୋଡ଼ାଂଶ ୩୬୭, ଜାମୁଗାଁ ୫୦୭, ଗଜରାଜପୁର ୪୦୨, ଗଳଦାରୀ ୫୧୯, ନୂଆଗାଁ ୨୦୬, ରୋହିଆ ୩୫୯, ବଛାଲୋ ପଞ୍ଚାୟତରେ ୮୬ ଜଣ ହିତାଧିକାରୀଙ୍କୁ ଫନୀ ସହାୟତା ଯୋଗାଇଦେବାକୁ ଚୟନ କରାଯାଇଛି। ମୋଟରେ ୩୮୬୯ ଜଣ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଇଥିବା ବେଳେ ଚୟନ ପ୍ରକ୍ରିୟା ଠିକ୍ ହୋଇନାହିଁ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତର ଏକାଧିକ ଚାଷୀ କିଛି ଦିନ ତଳେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ସେମାନେ ବ୍ଲକ କୃଷି ଅଧିକାରୀ, ଜିଲା ଉପକୃଷି ନିର୍ଦ୍ଦେଶକ ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ ପ୍ରକାଶ କରିଛନ୍ତି। ସେହିପରି ଜାମୁଗାଁ ପଞ୍ଚାୟତର ବହୁ ଚାଷୀ ମଧ୍ୟ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କେବଳ ଏହି ୨ ପଞ୍ଚାୟତ ନୁହେଁ ବ୍ଲକ ଅନ୍ତର୍ଗତ ୧୩ ପଞ୍ଚାୟତରେ ସମାନସ୍ଥିତି ଦେଖିବାକୁ ମିଳିଛି। ଫଳରେ କୃଷି ବିଭାଗର ସ୍ୱଚ୍ଛତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗର ଏପରି କାର୍ଯ୍ୟକଳାପକୁ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ଅଶୋକ ସ୍ୱାଇଁ ବିରୋଧ କରିଛନ୍ତି। ଏହାର ତଦନ୍ତ କରି ତାଲିକା ପ୍ରସ୍ତୁତ କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସହ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ କହିଛନ୍ତି, କ୍ଷୟକ୍ଷତିର ଆକଳନ ଠିକ୍‌ଭାବେ ହୋଇଛି। ସେହିପରି ଗଜରାଜପୁର ସହ କୃଷି ଅଧିକାରୀ ତୁଷାର କାନ୍ତ ସ୍ୱାଇଁ କହିଛନ୍ତି, ରାଜସ୍ୱ ବିଭାଗ ଓ କୃଷି ବିଭାଗ ମିଳିତ ସହାୟତାରେ କ୍ଷୟକ୍ଷତି ଆକଳନ କରାଯାଇଥିଲା। ତେଣୁ କୌଣସି ତ୍ରୁଟି ହୋଇ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ପରିବାର ସହ କୁଡ଼ିଆରେ ଦିନ କାଟୁଛନ୍ତି ପ୍ରଫୁଲ୍ଲ

**ସିଂହପୁର, ୨୬।୭ (ଡି.ଏନ୍.ଏ.)**

**ଆବାସ ଯୋଜନାରେ ଘର ମିଳିଲାନି**

ଝାଟିମାଟି ବା କଚ୍ଚା ଘରେ ବସବାସ କରୁଥିବା ଗରିବ ଗରିବ ତଥା ଅସହାୟ ପରିବାରକୁ ପକ୍କାଘର ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପ୍ରଣୟନ କରିଛନ୍ତି। ହେଲେ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଅଣଦେଖା ଯୋଗୁ ଯୋଗ୍ୟ ହିତାଧିକାରୀମାନେ ଏହି ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଘରଖଣ୍ଡେ ପାଇବାକୁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ତହସିଲ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେଉଛନ୍ତି। ଏହାପରେ ସେମାନେ ପରିବାର ସହ ଭଙ୍ଗା କୁଡ଼ିଆ ତଳେ ଦିନ କାଟୁଥିବା ଦେଖିବାକୁ ମିଳୁଛି। ବିଞ୍ଝାରପୁର ବ୍ଲକ ବାଙ୍ଗରା ପଞ୍ଚାୟତ ବାଙ୍ଗରା ଗ୍ରାମରେ ସମାନ ଏକ ଘଟଣା ନଜରକୁ ଆସିଛି। ୧୩ ନଂ. ୱାର୍ଡର ପ୍ରଫୁଲ ମଲ୍ଲିକ ସ୍ତ୍ରୀ ଓ ୩ ପିଲା ସହ ଏକ କୁଡ଼ିଆ ଘରେ ଦିନ କାଟୁଛନ୍ତି। ସରକାରୀ ଯୋଜନାରେ ପକ୍କାଘର ଖଣ୍ଡେ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କରିଥିଲେ ବି କିଛି ସୁଫଳ ମିଳି ନ ଥିବା ପ୍ରଫୁଲ୍ଲ କହିଛନ୍ତି। ପର ଘରେ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିବାରୁ ଏତେ ଟଙ୍କା ଖର୍ଚ୍ଚ କରି ଘର ଖଣ୍ଡେ ତିଆରି କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ତେବେ ପ୍ରଫୁଲ୍ଲଙ୍କୁ ଆବାସ ଯୋଜନାରେ ଏକ ଘର ଯୋଗାଇ ଦେବାକୁ ସାମାଜିକ କର୍ମୀ ଦିନେଶ ମଲିକ, ସର୍ବେଶ୍ୱର ମଲିକ, କୃତୀବାସ ମଲିକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଆଶାଲତା ନାୟକଙ୍କୁ ପଚାରିବାରେ ପୁରୁଣା ତାଲିକାରେ ତାଙ୍କ ନାମ ନ ଥିଲା। ନୂଆ ତାଲିକାରେ ତାଙ୍କ ନାମ ଦିଆଯାଇ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ଘର ଆଗରେ ପ୍ରଫୁଲ୍ଲଙ୍କ ପରିବାର ସଦସ୍ୟ।

## ଯାତ୍ରୀବାହୀ ଯାନ ରପ୍ତାନି ୭୫% ହ୍ରାସ

କରୋନା ମହାମାରୀ କାରଣରୁ ବଜାରର ସ୍ଥିତି ବିଗିଡିଛି। ଅଟୋମୋବାଇଲ କ୍ଷେତ୍ର ଉପରେ ଏହାର ପ୍ରଭାବ ପଡିଛି। ଫଳରେ ଭାରତ ବଜାରରୁ ଯାତ୍ରିବାହୀ ଯାନ ରପ୍ତାନି କ୍ଷତିଗ୍ରସ୍ତ ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ରପ୍ତାନି ଉପରେ ପ୍ରାୟ ୭୫% ହ୍ରାସ ଘଟି ୪୩,୭୪୮ ୟୁନିଟ ରହିଛି। ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ପ୍ରାୟ ୧.୭୩ ଲକ୍ଷ ୟୁନିଟ ରପ୍ତାନି ରହିଥିବା ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚର (ସିଆଇଏଏମ)ପକ୍ଷରୁ ଏହି ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ୧୩ ଦିନ ବ୍ୟାଙ୍କ ବନ୍ଦ

**ନୂଆଦିଲ୍ଲୀ,୨୬।୭:** ଅଗଷ୍ଟମାସରେ ଦେଶର ବିଭିନ୍ନ ପ୍ରାନ୍ତରେ ୧୩ ଦିନ ପର୍ଯ୍ୟନ୍ତ ବ୍ୟାଙ୍କ ବନ୍ଦ ରହିବ। ବିଭିନ୍ନ ଛୁଟି ଲାଗି ବ୍ୟାଙ୍କ ବନ୍ଦ ରହିବ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଅଗଷ୍ଟ ପହିଲାରେ ଇଦ୍ ପଡୁଥିବା ବେଳେ ବ୍ୟାଙ୍କ କାମ ହେବ ନାହିଁ। ସେହିଭଳି ୨ ତାରିଖ ରବିବାର ,୩ ଅଗଷ୍ଟରେ ରାଖୀ, ୮ରେ ଦ୍ୱିତୀୟ ଶନିବାର, ୯ରେ ରବିବାର, ୧୧ରେ ଜନ୍ମାଷ୍ଟମୀ, ୧୫ରେ ସ୍ୱାଧୀନତା ଦିବସ, ୧୬ ଅଗଷ୍ଟରେ ରବିବାର, ୨୧ ଅଗଷ୍ଟରେ ତିଜ, ୨୨ ଅଗଷ୍ଟରେ ଗଣେଶ ଚତୁର୍ଥୀ, ଚତୁର୍ଥ ଶନିବାର, ୨୩ ଅଗଷ୍ଟ ରବିବାର, ୩୦ ଅଗଷ୍ଟ ରବିବାର ମହରମ ଏବଂ ୩୧ରେ ଓନମ ପଡୁଥିବାରୁ ବ୍ୟାଙ୍କ ଖୋଲା ରହିବ ନାହିଁ। ଏହାକୁ ଧ୍ୟାନରେ ରଖି ବ୍ୟାଙ୍କର ଜରୁରୀ କାମ ତୁଟାଇ ଦେବା ଭଲ ହେବ। ଏଥି ଲାଗି ଲୋକମାନେ ରିଜର୍ଭ ବ୍ୟାଙ୍କ ଛୁଟି ତାଲିକାକୁ ମଧ ଦେଖି ପାରିବେ। ଏହାବାଦ ବିଭିନ୍ନ ରାଜ୍ୟ ହିସାବରେ ବ୍ୟାଙ୍କଗୁଡିକର ଛୁଟି ଅଲଗା ଅଲଗା ହୋଇଥାଏ। ଅଗଷ୍ଟରେ ୫ଟି ରବିବାର ପଡୁଛି।

# ରେପୋ ହ୍ରାସ କରିପାରେ ଆର୍‌ବିଆଇ

**ନୂଆଦିଲ୍ଲୀ,୨୬।୭**

କରୋନା ଭାଇରସ ଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ବର୍ତ୍ତମାନ ଲକ୍‌ଡାଉନ କଟକଣା ଧୀରେ ଧୀରେ କୋହଳ ହେଉଥିବା ବେଳେ ସବୁ କିଛି ଟ୍ରାକକୁ ଫେରିବା କଷ୍ଟକର ହେଉଛି। ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ଟ୍ରାକ୍‌କୁ ଆଣିବାକୁ ସରକାର ପଦକ୍ଷେପ ହାତକୁ ନେଉଛନ୍ତି। ହେଲେ କରୋନା ଯେଉଁ ଭଳି ବଜାରକୁ କ୍ଷତିଗ୍ରସ୍ତ କରିଛି ବଜାର ଶୀଘ୍ର ସ୍ଥିତାବସ୍ଥାକୁ ଫେରିବ ନାହିଁ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଅଗଷ୍ଟରେ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ୨୫ ବେସିସ୍ ପଏଣ୍ଟ ରେପୋ ହ୍ରାସ କରିପାରେ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

ଅଗଷ୍ଟ ୪ରେ ହେବାକୁ ଥିବା ୩ ଦିନିଆ ମନିଟାରୀ ପଲିସି କମିଟି (ଏମ୍‌ପିସି) ବୈଠକ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ମୁଦ୍ରା ନୀତି ସମ୍ପର୍କରେ ୬ ତାରିଖରେ ଘୋଷଣା କରାଯିବ। କରୋନା ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ରିଜର୍ଭ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। ପୂର୍ବର ବୈଠକଗୁଡିକରେ ରିଜର୍ଭ ବ୍ୟାଙ୍କ ୧୧୫ ବେସିସ ପଏଣ୍ଟ ହ୍ରାସ କରିଛି। ଜୁନ ମାସରେ ଖାଉଟି ମୁଦ୍ରାସ୍ଫୀତି ୬.୦୯%କୁ ବୃଦ୍ଧି ଘଟିଛି। ରେପୋରେ ୨୫ ବେସିସ ପଏଣ୍ଟ ଏବଂ ରିଜର୍ଭ ରେପୋ ୩୫ ବେସିସ ପଏଣ୍ଟ ହ୍ରାସ ହୋଇପାରେ ବୋଲି ଇକ୍ରାର ପ୍ରିନ୍ସପାଲ ଇକୋନୋମିଷ୍ଟ ଆଦିତି ନାୟାର କହିଛନ୍ତି। ଏଭଳି ସ୍ଥିତିରେ ୨୫ ବେସିସ ପଏଣ୍ଟ ହ୍ରାସ ହେବାର ସମ୍ଭାବନା ଥିବା ୟୁନିୟନ ବ୍ୟାଙ୍କ ସିଇଓ ରାଜକିରନ ରାଏ କହିଛନ୍ତି।

ଶିଳ୍ପ ସଂଘ ଆସୋଚାମ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ରୀୟ ବ୍ୟାଙ୍କ ଶିଳ୍ପଗୁଡିକର ସମସ୍ୟାକୁ ଧ୍ୟାନରେ ରଖି ଋଣ ପୁନର୍ଗଠନ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଏଭଳି ବିଭିନ୍ନ ଦିଗ ଉପରେ କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପ ନେଲେ ଶିଳ୍ପ ଜଗତ ଉପରେ ଭଲ ପ୍ରଭାବ ପଡିବ ବୋଲି ଆସୋଚାମ ମହାସଚିବ ଦୀପକ ସୁଦ କହିଛନ୍ତି। ଅନ୍ୟ କିଛି ବିଶେଷଜ୍ଞ କହିଛନ୍ତି ଯେ, ସୁଧହାର ହ୍ରାସ ହୋଇ ନ ପାରେ। ବଜାରରେ ନଗଦ ଉନ୍ନତ ରହିଛି। ପୂର୍ବର ସୁଧହାର ହ୍ରାସ ସୁବିଧା ମିଳୁଛି। ଅଧିକ ସୁଧହାର ହ୍ରାସ ହେଲେ ବେଶି କିଛି ଲାଭ ମିଳି ନ ପାରେ। ମାତ୍ର ବଜାରରେ ସୁଧାର ଆସି ନ ଥିବା ଯୋଗୁ କେନ୍ଦ୍ରୀୟ ବ୍ୟାଙ୍କ କିଛି ପଦକ୍ଷେପ ନେଇପାରେ । ରିୟଲ ଇଷ୍ଟେଟ କ୍ଷେତ୍ରର ବିକାଶ ଲାଗି ଷ୍ଟାମ୍ପ ଡ୍ୟୁଟି ହ୍ରାସ ହେଉ ବୋଲି ଅନ୍ୟ କିଛି ବିଶେଷଜ୍ଞ କହିଛନ୍ତି।




# କର୍ମଚାରୀଙ୍କୁ ଭିଆର୍‌ଏସ୍ ଅଫର କଲା ବିପିସିଏଲ୍

**ନୂଆଦିଲ୍ଲୀ,୨୬।୭:** ଦେଶର ଦ୍ୱିତୀୟ ସର୍ବବୃହତ୍ ତୈଳ ବିପଣନ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍)କୁ ଘରୋଇକରଣ କରିବା ଲାଗି ସରକାର ଯୋଜନା ରଖିଛନ୍ତି। ଏଥି ଲାଗି କମ୍ପାନୀ ପକ୍ଷରୁ ଏହାର କର୍ମଚାରୀଙ୍କ ଲାଗି ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆର୍‌ଏସ୍) ସମ୍ପର୍କରେ ଘୋଷଣା କରାଯାଇଛି। ଆଗାମୀ ଦିନରେ କମ୍ପାନୀ ନୂଆ ମ୍ୟାନେଜମେଣ୍ଟ ହାତକୁ ଯିବ। ନୂଆ ମ୍ୟାନେଜମେଣ୍ଟ ଚାହୁଁ ନ ଥିବା ବ୍ୟକ୍ତି ଏହି ସ୍କିମ୍ ଚୟନ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ବିଭିନ୍ନ ବ୍ୟକ୍ତିଗତ କାରଣ ଲାଗି ଯଦି କୌଣସି ବ୍ୟକ୍ତି କର୍ପୋରେଶନରେ ଚାକିରି ନ କରିବାକୁ ଚାହାନ୍ତି ତେବେ ମଧ ଭିଆର୍‌ଏସ୍ ନେଇପାରିବେ। ଜୁଲାଇ ୨୩ରେ ଏହି ସ୍କିମକୁ ଆରମ୍ଭ କରାଯାଇଥିବା ବେଳେ ଅଗଷ୍ଟ ୨୩ ଯାଏ ଏହାର ଅବଧି ରହିବ। ଘରୋଇ ପରିଚାଳନା ଅଧୀନରେ କାମ ନ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଏହି ଯୋଜନା ଦ୍ୱାରା ନିଷ୍ପତ୍ତି ନେଇପାରିବେ ବୋଲି କମ୍ପାନୀର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଏଭଳି ସ୍ଥଳେ ଯଦି କିଏ କମ୍ପାନୀ ଛାଡିବାକୁ ନିଷ୍ପତ୍ତି ନିଅନ୍ତି ତେବେ ଭିଆର୍‌ଏସ୍ ନେଇପାରିବେ ବୋଲି ଅଧିକାରୀ କହିଛନ୍ତି। ବିପିସିଏଲ୍‌ରେ ସରକାର ତାଙ୍କର ୫୨.୯୮% ଅଂଶଧନକୁ ସମ୍ପୂର୍ଣ୍ଣ ବିକ୍ରି କରିଦେବେ। ପ୍ରାୟ ୫ରୁ ୧୦% କର୍ମଚାରୀ ଭିଆର୍‌ଏସ୍ ଚୟନ କରିପାରନ୍ତି ବୋଲି କୁହାଯାଉଛି। ଏହି କମ୍ପାନୀରେ ପ୍ରାୟ ୨୦ ହଜାର କର୍ମଚାରୀ କାମ କରୁଛନ୍ତି।

## ୮୪୨ କୋଟିର ଶେୟାର ବିକିଲେ ଆଦିତ୍ୟ ପୁରୀ

**ନୂଆଦିଲ୍ଲୀ,୨୬।୭:** ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଆଦିତ୍ୟ ପୁରୀ ବ୍ୟାଙ୍କରେ ଥିବା ତାଙ୍କର ମୋଟ ଶେୟାର ମଧ୍ୟରୁ ୭.୪୨ ନିୟୁତ(୯୫%) ଶେୟାର ବିକ୍ରି କରି ଦେଇଛନ୍ତି। ଏହାର ମୂଲ୍ୟ ପ୍ରାୟ ୮୪୨.୮୭ କୋଟି ଟଙ୍କା ହେବ ବୋଲି ଜଣାପଡିଛି। ୧୯୯୪ରେ ସ୍ଥାପନ ହୋଇଥିବା ଏହି ବ୍ୟାଙ୍କର ଏମ୍‌ଡି ପଦବୀରେ ରହିବା ପରେ ପୁରୀ ଚଳିତବର୍ଷ ଅକ୍ଟୋବରରେ ଅବସର ନେବେ। ତାଙ୍କ ପରେ ବ୍ୟାଙ୍କର ମଙ୍ଗ କିଏ ଧରିବ ସେ ନେଇ ଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରିବା ଲାଗି ବ୍ୟାଙ୍କ ବୋର୍ଡ ପକ୍ଷରୁ ଏକ ୬ ଜଣିଆ କମିଟି ଗଠନ କରାଯାଇଥିଲା। ଏଚ୍‌ଡିଏଫ୍‌ସିକୁ ଦେଶର ସର୍ବବୃହତ୍ ଏବଂ ଅଧିକ ଭାଲ୍ୟୁଯୁକ୍ତ ବ୍ୟାଙ୍କ ଗଠନ କରିବା ଦିଗରେ ପୁରୀଙ୍କ ଯୋଗଦାନ ବେଶ୍ ପ୍ରଶଂସନୀୟ।

## ଡାକ ମେସେଞ୍ଜର ବନ୍ଦ କଲା ରେଲୱେ

**ନୂଆଦିଲ୍ଲୀ,୨୬।୭:** ବର୍ତ୍ତମାନ କରୋନା ଯୋଗୁ ରେଲୱେର ରାଜସ୍ୱ ବାଧାପ୍ରାପ୍ତ ହୋଇଛି। ଏଭଳି ସ୍ଥିତିରେ ଏହା ଖର୍ଚ୍ଚକାଟ ଯୋଜନାକୁ ଜୋରଦାର କରିଛି। ଏହି ଯୋଜନା ମୁତାବକ ରେଲୱେ ଇଂରେଜ ଅମଳରୁ ଚାଲିଆସୁଥିବା ଡାକ ମେସେଞ୍ଜର ସେବାକୁ ବନ୍ଦ କରି ଦେଇଥିବା ଜଣାପଡିଛି। ଉକ୍ତ ସେବାକୁ ବନ୍ଦ କରିବା ଲାଗି ରେଳ ବୋର୍ଡ ପକ୍ଷରୁ ଏହାର ବିଭିନ୍ନ ଜୋନକୁ ନିର୍ଦ୍ଦେଶ ରହିଛି। ଗୋପନୀୟ ଦସ୍ତାବିଜକୁ ପଠାଇବା ଲାଗି ରେଲୱେ ଏଭଳି ଏକ ପ୍ରଥା ଚାଲୁ ରଖିଥିଲା। ଖର୍ଚ୍ଚ କମ୍ କରିବା ଲାଗି ଏଭଳି ନିଷ୍ପତ୍ତି ହୋଇଥିବା ଜଣାପଡିଛି। ରେଲୱେ ପିଏସ୍‌ୟୁ ଏବଂ ରେଳ ବୋର୍ଡ ଅଧିକାରୀଙ୍କ ମଧ୍ୟରେ ଆଗାମୀ ଦିନରେ ଭିଡିଓ କନଫରେନ୍ସ ଦ୍ୱାରା ଆଲୋଚନା ହେବା ସହ ପର୍ସନାଲ ମେସେଞ୍ଜର ଏବଂ ଡାକ ମେସେଞ୍ଜର ବୁକିଂ ତୁରନ୍ତ ବନ୍ଦ କରିବା ଲାଗି କୁହାଯାଇଛି। ଏହି ନିର୍ଦ୍ଦେଶ ପାଳନକୁ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଷ୍ଟେସନାରି, ଭତ୍ତା ଏବଂ ଫ୍ୟାକ୍ସ ସମେତ ଅନ୍ୟ ଖର୍ଚ୍ଚ ବଞ୍ଚାଯାଇ ପାରିବ। ଡାକ ମେସେଞ୍ଜର ପ୍ରକୃତରେ ଚପରାସୀ ହୋଇଥାନ୍ତି। ସମ୍ବେଦନଶୀଳ ଦସ୍ତାବିଜଗୁଡିକୁ ରେଳ ବୋର୍ଡରୁ ବିଭିନ୍ନ ବିଭାଗ, ଜୋନ ଏବଂ ଡିଭିଜନଗୁଡିକୁ ପହଞ୍ଚାଇବା ଲାଗି ଏମାନେ କାର୍ଯ୍ୟ କରିଥାନ୍ତି।



## ଭିଭେଲ୍ ବିଜ୍ଞାପନରେ କ୍ରିତି ସେନନ

**ଭୁବନେଶ୍ୱର,୨୬।୭:** ମହିଳାଙ୍କ ବିରୋଧରେ ହେଉଥିବା ଅନ୍ୟାୟ ବିଷୟରେ ମୁହଁ ଖୋଲିବା ବିଷୟକୁ ନେଇ ଆଇଟିସି ଭିଭେଲ ଏହାର ବ୍ରାଣ୍ଡ ଆମ୍ବାସାଡାର କ୍ରିତି ସେନନଙ୍କୁ ଏକ ନୂତନ ଟିଭି ବିଜ୍ଞାପନ ଉନ୍ମୋଚନ କରିଛି। ବିଜ୍ଞାପନରେ ନାରୀର କାର୍ଯ୍ୟ ଓ ବୃତ୍ତିଗତ କ୍ଷେତ୍ରକୁ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି। କୌଣସି ପରିସ୍ଥିତିରେ କାହା ସହ ସାଲିସ କରାଯିବ ନାହିଁ ବୋଲି ଏହି ବିଜ୍ଞାପନ ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ଏହି ସିନେମାରେ ନାରୀମାନଙ୍କ ବିଷୟରେ ଅନେକ କିଛି କଥା ଭିଭେଲର ଦର୍ଶନ 'ଅବ ସମଝୌତା ନେହିଁ'ରେ ଉପସ୍ଥାପନା କରାଯାଇଛି। ମହିଳା ସଶକ୍ତୀକରଣ ଓ ସମାନତାକୁ ନେଇ ଏଥିରେ ଗୁରୁତ୍ୱାରୋପ କରାଯାଇଛି।

# ଆଲିବାବା ପ୍ରତିଷ୍ଠାତାଙ୍କୁ ସମନ

**ନୂଆଦିଲ୍ଲୀ,୨୬।୭:** ଆଲିବାବା ପ୍ରତିଷ୍ଠାତା ଜ୍ୟାକ୍ ମାଙ୍କୁ ଗୁରୁଗ୍ରାମର ନ୍ୟାୟାଳୟ ସମନ ଜାରି କରିଛନ୍ତି। ଭାରତରେ କମ୍ପାନୀର ସହାୟକ ସଂସ୍ଥା ୟୁସି ନ୍ୟୁଜର ଜଣେ କର୍ମଚାରୀଙ୍କ ଅଭିଯୋଗ ଆଧାରରେ କୋର୍ଟ ଏଭଳି ସମନ ଜାରି କରିଛନ୍ତି। ସେହି କର୍ମଚାରୀଙ୍କୁ କମ୍ପାନୀ ବେଆଇନ ଭାବେ ଚାକିରିରୁ କାଢି ଦେଇଥିବା ଅଭିଯୋଗ ଆସିଛି। ୟୁସି ନ୍ୟୁଜ ଆପ୍‌ରେ ଏକ ମିଥ୍ୟା ନ୍ୟୁଜ ପ୍ରସାରଣ କରାଯାଇଥିଲା। ଏହାର ବିରୋଧ କରିବାରୁ ସେହି କର୍ମଚାରୀଙ୍କୁ ଚାକିରିରୁ ବିଦା କରି ଦିଆଗଲା ବୋଲି ସେ ଅଭିଯୋଗ କରିବା ସହ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ୨୦ ଜୁଲାଇରେ ଗୁରୁଗ୍ରାମ କୋର୍ଟଙ୍କ ଫାଇଲିଂ ମୁତାବକ ୟୁସି ୱେବର ଜଣେ ପୂର୍ବତନ କର୍ମଚାରୀ ପୁଷ୍ପେନ୍ଦ୍ର ସିଂ ପରମାର ଅଭିଯୋଗ କରିଛନ୍ତି ଯେ, ଚାଇନା ସରକାରଙ୍କ ସେନସର ନିୟମକୁ ୟୁସି ନ୍ୟୁଜ ଏବଂ ୟୁସି ବ୍ରାଉଜର ପାଳନ କରିଛି। ଏଥିରେ ଫେକ୍ ନ୍ୟୁଜ ପ୍ରସାରଣ ଦ୍ୱାରା ଭାରତରେ ସାମାଜିକ ଏବଂ ରାଜନୈତିକ ଅସ୍ଥିରତା ସୃଷ୍ଟି ଭଳି କାମ କରାଯାଇଛି। ମାମଲାରେ ସିଭିଲ ଜଜ୍ ସୋନିଆ ସେଓକାଣ୍ଡ ଜ୍ୟାକ୍ ମାଙ୍କ ସମେତ ୧୨ରୁ ଊର୍ଦ୍ଧ୍ୱ ଲୋକଙ୍କ ବିରୋଧରେ ସମନ ଜାରି କରିଛନ୍ତି। ୨୯ ଜୁଲାଇ ସୁଦ୍ଧା କୋର୍ଟରେ ହାଜର ହେବା ଲାଗି କୁହାଯାଇଛି। ନିଜେ ହାଜର ନ ହୋଇପାରିଲେ ନିଜ ଓକିଲଙ୍କ ଦ୍ୱାରା ପ୍ରତିନିଧିତ୍ୱ କରିବାକୁ ନିର୍ଦ୍ଦେଶ ରହିଛି। ୩୦ ଦିନ ମଧ୍ୟରେ ଏହାର ଲିଖିତ ଉତ୍ତର ରଖିବା ଲାଗି ନିର୍ଦ୍ଦେଶରେ କୁହାଯାଇଛି। କିଛି ସପ୍ତାହ ପୂର୍ବରୁ ଭାରତ ଚାଇନାର ୫୯ ଆପ୍ଲିକେଶନକୁ ବ୍ୟାନ କରି ଦେଇଛି। ଏହା ମଧ୍ୟରେ ଆଲିବାବାର ୟୁସି ନ୍ୟୁଜ ଏବଂ ୟୁସି ବ୍ରାଉଜର ସାମିଲ ରହିଛି। ସୀମାରେ ଚାଇନା ସେନା ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ସରକାର ଏହି ଆପ୍‌ଗୁଡିକୁ ବ୍ୟାନ କରିଦେଇଛନ୍ତି। କୌଣସି ବିଦେଶୀ ସରକାର ଲାଗି ଏହି କମ୍ପାନୀଗୁଡିକ କାମ କରିଛନ୍ତି କି ନାହିଁ ସେ ନେଇ ଭାରତ ସରକାର ଲିଖିତ ଜବାବ ମାଗିଥିଲେ।



# ରାଜ୍ୟ ଖବର

## ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

**କେସିଙ୍ଗା, ୨୬।୭ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଥାନା ବ୍ରାହ୍ମଣୀ ଗ୍ରାମରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ଏହି ଗ୍ରାମର ଜଣେ ଯୁବକ ଟାଙ୍ଗିଆରେ ହାଣି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ପୁଷ୍ପା ରାଉତ (୪୦)। ଏହି ଘଟଣା ପରେ ଅଭିଯୁକ୍ତ ସ୍ୱାମୀ ରମାକାନ୍ତ ରାଉତ (୪୫) ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସନ୍ଧ୍ୟାରେ ସେ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଡାକ୍ତରଖାନାକୁ ପଠାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି। ମୃତା ମହିଳାଙ୍କ ଭାଇ କୃଷ୍ଣଚନ୍ଦ୍ର ଗଉଡ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ଅଶୋକ କୁମାର ମହାପାତ୍ର ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ.୧୬୨/୨୦) ରୁଜୁ ହୋଇଛି । ପୁଷ୍ପାଙ୍କୁ ତାଙ୍କ ଶାଶୁଘର ଲୋକେ ବହୁଦିନ ହେଲା ମାନସିକ ନିର୍ଯାତନା ଦେଇଆସୁଥିଲେ। ରବିବାର ସକାଳେ ପୁଷ୍ପା ନିଜ ଜମିରେ ଧାନ ପହ୍ଲା ରୋଇ ମଧ୍ୟାହ୍ନରେ ଘରକୁ ଆସିବା ପରେ କୌଣସି କଥାକୁ ନେଇ ରମାକାନ୍ତଙ୍କ ସହିତ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରମାକାନ୍ତ ଏକ ଟାଙ୍ଗିଆରେ ପୁଷ୍ପାଙ୍କ ବେକରେ ଚୋଟ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

# କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଉତ୍ତେଜନା

**ପୁରୀ ଅଫିସ,୨୬।୭**

ପୁରୀ ପୌରସଂସ୍ଥା ଅନ୍ତର୍ଗତ ପେଣ୍ଠକଟା ଅଞ୍ଚଳ ପ୍ରଶାସନର ନିଦ ହଜାଇ ଦେଇଛି। ଏଠାରୁ ଗତ କିଛିଦିନ ହେବ ୪୭ ଆକ୍ରାନ୍ତ ବାହାରି ଥିବାରୁ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ହେଲେ କଟକଣାକୁ ଅଞ୍ଚଳର କିଛି ଲୋକ ମାନୁନାହାନ୍ତି। ଏକ ଅଜବ ଯୁକ୍ତି ରଖିବାରୁ ରବିବାର ପେଣ୍ଠକଟା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏଣିକି କରୋନା ପଜିଟିଭ ଚିହ୍ନଟ ବ୍ୟକ୍ତିଙ୍କ ରିପୋର୍ଟ ଦେଖିବା ପରେ ସେ ହସ୍ପିଟାଲ ଯିବେ ବୋଲି ସେମାନେ ଦାବି କରିଛନ୍ତି। ଏହାକୁ ନେଇ ଶତାଧିକ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଘେରିବା ସହ ଗାଳିଗୁଲଜ ଓ ଆକ୍ରମଣ କରିଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଏଭଳି ଦାବି ରଖି ରାସ୍ତାକୁ ଓହ୍ଲାଇଥିବା ଶତାଧିକ ମହିଳା କିନ୍ତୁ କୋଭିଡ୍‌ଗାଇଡ୍ ଲାଇନକୁ ଉଲ୍ଲଂଘନ କରିଥିଲେ। କାହା ମୁହଁରେ ମାସ୍କ ନ ଥିଲା କି କେହି ସାମାଜିକ ଦୂରତ୍ୱ ପ୍ରତି ସଚେତନ ନ ଥିଲେ। ପେଣ୍ଠକଟା ଅଞ୍ଚଳରୁ କ୍ରମାଗତ କିଛିଦିନ ହେବ ପଜିଟିଭ ଚିହ୍ନଟ ହେଉଛନ୍ତି। ଏହି ଅଞ୍ଚଳରେ ହଜାର ହଜାର ବସ୍ତି ରହିଥିବାରୁ ଏବେଠୁ ଯଦି ସଂକ୍ରମଣକୁ ରୋକା ନ ଯାଏ ଆଗକୁ ସ୍ଥିତି ଅଧିକ ଭୟଙ୍କର ହେବାର ସମ୍ଭାବନା ଥିବାରୁ ପ୍ରଶାସନ ୱାର୍ଡ ନମ୍ବର ୨୫ (ଆଂଶିକ), ୨୬, ୩୧ ଓ ୩୧ରେ କଣ୍ଟେନମେଣ୍ଟ କଟକଣା ଲଗାଇଛି। ଗତ ଶୁକ୍ରବାର ରାତି ୯ଟାରୁ ଲାଗିଥିବା କଟକଣା ଆସନ୍ତା ୩ତାରିଖ ଭୋର ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିପାଇଁ ବିଭିନ୍ନ ସାହି ଓ ବସ୍ତି ପ୍ରବେଶ ପଥରେ ବାଉଁଶ ବାଡ଼ା କରାଯାଇଛି। ଫଳରେ ପୂର୍ବରୁ ସଂସ୍କୃତ ବିଶ୍ୱବିଦ୍ୟାଳୟ ପଡ଼ିଆକୁ ଶୌଚ ପାଇଁ ଯାଉଥିବା କିଛି ଲୋକ ଏବେ ଆସିପାରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି କିଛିଦିନ ହେବ ସମ୍ପୃକ୍ତ ସାହିରୁ ପଜିଟିଭ ଚିହ୍ନଟ ହେଉଛନ୍ତି। ଅନ୍ୟ ସାହିରୁ କାହିଁକି ପଜିଟିଭ ବାହାରୁ ନାହାନ୍ତି ଏମିତି ଏକ ଭ୍ରାନ୍ତ ଧାରଣା ବି ସେମାନଙ୍କ ମନରେ କେହି ସୃଷ୍ଟି କରିଛି, ଯାହାକୁ ସତ ବୋଲି ସେମାନେ ଧରି ନେଇଛନ୍ତି। ଏହାରି ଭିତରେ ପୁଣି ରବିବାର ଉକ୍ତ ସାହିରୁ ୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିସହ ରବିବାର ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଟେଷ୍ଟିଂ ଚାଲିଥିଲା। ସେଠାକୁ ସେହି ଅଞ୍ଚଳରେ ସର୍ଭେ କରୁଥିବା ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀ ଯାଇଥିଲେ। ଟେଷ୍ଟିଂ ବେଳେ ସେହି ସାହିର ଜଣେ ମହିଳା ପଜିଟିଭ ବୋଲି ଜଣାପଡ଼ିଥିଲେ। ଏହାକୁ ନେଇ ସମ୍ପୃକ୍ତ ଲୋକେ ଉତ୍ତେଜିତ ହୋଇପଡ଼ିଥିଲେ। କେବଳ ତାଙ୍କରି ସାହି ଲୋକ ପଜିଟିଭ ବାହାରୁଛନ୍ତି ଆଉ ଅନ୍ୟ ସାହିରୁ ବାହାରୁ ନାହାନ୍ତି କହି ହୋ ହଲ୍ଲା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ସେହି ମହିଳାଙ୍କୁ କୋଭିଡ୍ ହସ୍ପିଟାଲ ନେବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସମ୍ପୃକ୍ତା ମହିଳାଙ୍କ ସମ୍ପର୍କୀୟ ସେମାନଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ପଜିଟିଭ ଚିହ୍ନଟ ମହିଳା ନିଜ ଘରକୁ ପଳାଇଥିଲେ। ତାଙ୍କୁ ହସ୍ପିଟାଲ ନେବା ପାଇଁ ପିସିଆର ଭ୍ୟାନ୍ ଓ ଆମ୍ବୁଲାନ୍ସ ଧରି ସ୍ୱାସ୍ଥ୍ୟକର୍ମୀ ତାଙ୍କ ଘରେ ପହଞ୍ଚିବାରୁ ବିରୋଧ କରାଯାଇଥିଲା। ପରେ ସାହିର ଶତାଧିକ ମହିଳା ଓ ପୁରୁଷ ପେଣ୍ଠକଟା ମୁଖ୍ୟ ଛକକୁ ଆସି ପୋଲିସ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ବିରୋଧ କରିଥିଲେ। ରିପୋର୍ଟ ପଜିଟିଭ ନ ଥାଇ ସେମାନଙ୍କୁ ନିଆଯାଉଛି ବୋଲି ଆକ୍ଷେପ କରିଥିଲେ। ଏହାପରେ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଆଡ଼ିଶନାଲ ଏସ୍‌ପି ଶାନ୍ତନୁ କୁମାର ଦାସ ପ୍ରମୁଖ ପ୍ରଶାସନିକ ଏବଂ ପୋଲିସ ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଜଣେ ଆଶାକର୍ମୀଙ୍କ ଅଭିଯୋଗ କ୍ରମେ ଏ ନେଇ ଥାନରେ ଏକ ମାମଲା ରୁଜୁ ହୋଇଛି।


ପେଣ୍ଠକଟା ଅଞ୍ଚଳରେ ସ୍ୱାସ୍ଥ୍ୟକର୍ମୀ ଓ ପୋଲିସକୁ ଲୋକେ ବିରୋଧ କରୁଛନ୍ତି।

**ସ୍ୱାସ୍ଥ୍ୟକର୍ମୀଙ୍କୁ ଘେରାଉ**
- ପଜିଟିଭ ରିପୋର୍ଟ ଦେଖାଇବାକୁ ଦାବି
- ରାସ୍ତାକୁ ଓହ୍ଲାଇଲେ ଶତାଧିକ ମହିଳା

# ଯୁବକଙ୍କୁ ପିଟି ହତ୍ୟା

**ବେଦବ୍ୟାସ, ୨୬।୭ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ମନ୍ଦିର ରୋଡରେ ଶନିବାର ରାତିରେ ଜଣେ ଯୁବକଙ୍କୁ ଲୁହା ଛଡରେ ପିଟି ହତ୍ୟା କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ମୃତକଙ୍କ ପ୍ୟାକେଟରୁ ମିଳିଥିବା ଆଧାର କାର୍ଡରୁ ତାଙ୍କ ନାମ ଅଭିଶେକ ସିଂ(୪୦), ଘର ଉତ୍ତରପ୍ରଦେଶ ରାଜ୍ୟ ଗାଜିଆବାଦର ବୋଲି ଜଣାପଡିଛି। ଏ ନେଇ ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରାଯାଇଛି। ସେମାନେ ଏଠାରେ ପହଞ୍ଚିଲା ପରେ ମୃତକଙ୍କ ସମ୍ପର୍କରେ ଅଧିକ କିଛି ଜଣା ପଡିବ ବୋଲି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ରାଉରକେଲା ହସ୍ପିଟାଲ ମର୍ଗରେ ରଖି ତଦନ୍ତ ଚଳାଇଛି। ରବିବାର ପାନପୋଷ ଏସ୍‌ଡିପିଓ ଅସୀମ ପଣ୍ଡା, ଆଇଆଇସି ସିଂଗ୍ରାମ କେଶରୀ ବିଶ୍ୱାଳ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲା। ବିଳମ୍ବିତ ରାତିରେ କୁଆଁରମୁଣ୍ଡା ଥାନା ଅଞ୍ଚଳରେ ଠିଆ ହୋଇଥିବା ଏକ ଟ୍ରେଲରକୁ ପୋଲିସ ଜବତ କରିଛି। ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। (ନଂ.୧୩୮/୨୦) ମାମଲା ରୁଜୁ ହୋଇଛି।

# ଖଟିଆରେ ବୁହାହେଲେ ରୋଗୀ


ଆମ୍ବୁଲାନ୍ସ କର୍ମଚାରୀ ଓ ଗ୍ରାମବାସୀ ରୋଗୀଙ୍କୁ ନେଉଛନ୍ତି।

**ନୟାଗଡ଼ ଅଫିସ,୨୬।୭**

**ବରୁପାଲୁ ଗାଁକୁ ରାସ୍ତା ନାହିଁ**

କୌଣସି ଉପାନ୍ତ ଅଞ୍ଚଳ ନୁହେଁ। ରାଜଧାନୀ ଭୁବନେଶ୍ୱରରୁ ମାତ୍ର କେଇ କିଲୋମିଟରେ ଦୂରରେ ଥିବା ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ପଞ୍ଚାୟତ ବୁରୁପାଲ ଗାଁର ଜଣେ ରୋଗୀଙ୍କୁ ଖଟିଆରେ ବୁହାଯାଇ ମେଡିକାଲ ନିଆଯାଇଛି। ୩କିମି ଯାଏଁ ଖଟରେ ଆମ୍ବୁଲାନ୍ସ କର୍ମଚାରୀ ଓ ଗାଁ ଲୋକେ ମିଳିତ ହୋଇ ରୋଗୀଙ୍କୁ ନେଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସମ୍ପୃକ୍ତ ରୋଗୀଜଣକ ହେଲେ ଗାଁର ହଜାରୀ ନାୟକ(୫୫)। ସେ ବୌଦ୍ଧ ଜିଲାରେ ପୋଲିସ କନଷ୍ଟେବଳ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରାୟ ୫ରୁ ୭ଦିନ ତଳେ ଗାଁକୁ ଆସିଥିଲେ।

ସୂଚନା ଅନୁସାରେ, ବୁରୁପାଲ ଗାଁକୁ ଭଲ ରାସ୍ତା ନାହିଁ। ବର୍ଷା ଯୋଗୁ ପାଦ ଚଲା ରାସ୍ତା ମଧ କର୍ଦ୍ଦମାକ୍ତ ହୋଇ ପଡିଛି। ଏବେ ଏହି ରାସ୍ତାରେ ଚାଲିକରି ଆସିବା ସମ୍ଭବ ନୁହେଁ। ଏପରିସ୍ଥଳେ ହଜାରୀ ଶନିବାର ବିଳମ୍ବିତ ରାତିରେ ଗୁରୁତର ହୋଇ ପଡିଥିଲେ। ତାଙ୍କର ଡାଇବେଟିସ୍ ଓ ବ୍ଲଡ ପ୍ରେସର ବଢ଼ିଥିଲା। ହେଲେ ଗାଁକୁ ଭଲ ରାସ୍ତା ନ ଥିବାରୁ ତାଙ୍କୁ ମେଡିକାଲ ନିଆଯାଇ ପାରି ନ ଥିଲା। ରବିବାର ଭୋରୁ ଦଶପଲ୍ଲାରୁ ଆମ୍ବୁଲାନ୍ସ ଡକାଯାଇଥିଲା। ହେଲେ ରାସ୍ତା ଖରାପ ଥିବାରୁ ନେଫାରୀ ନିକଟରେ ଆମ୍ବୁଲାନ୍ସ ଅଟକି ରହିଥିଲା। ପରେ ଖଟିଆ ଯୋଗେ ହଜାରୀଙ୍କୁ ଗାଁରୁ ଅଣା ଯାଇଥିଲା। ଏହି ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ବିଭିନ୍ନ ଯୋଜନାରେ ଗ୍ରାମକୁ ରାସ୍ତା ତିଆରି କରୁଥିଲେ ମଧ୍ୟ ଏହି ଗାଁ ପ୍ରତି କେହି ଦୃଷ୍ଟି ନ ଦେବାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପ୍ଲାଜ୍‌ମା ଦାନ ପାଇଁ ୨୦୫ ପଞ୍ଜୀକୃତ

**ଗଞ୍ଜାମରେ ଆକ୍ରାନ୍ତଙ୍କ ମନୋବଳ ବଢ଼ାଇବେ କୋଭିଡ୍ ବନ୍ଧୁ**

**ଛତ୍ରପୁର,୨୬।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ପ୍ଲାଜ୍‌ମା ଦାନ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ରବିବାର ସୁଦ୍ଧା ଜିଲାର ୨୦୫ ଜଣ ପ୍ଲାଜ୍‌ମା ଦାନ କରିବା ପାଇଁ ଆଗ୍ରହ ପ୍ରକାଶ କରି ନାମ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରେ ଜିଲାର ଗ୍ରାମାଞ୍ଚଳରୁ ୧୫୫ ଜଣ ଓ ସହରାଞ୍ଚଳର ୫୦ ଜଣ ଅଛନ୍ତି। ରବିବାର ଏ ସମ୍ପର୍କରେ ଛତ୍ରପୁରସ୍ଥିତ ଜିଲା କୋଭିଡ୍ ସେଲ ପକ୍ଷରୁ ସୂଚନା ଦିଆଯାଇଛି । ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କୁ ସାଲ୍ୟୁଟ୍ ଜଣାଇ ଟୁଇଟ୍ କରାଯାଇଛି । କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତି ପ୍ଲାଜ୍‌ମା ଦାନ କରିପାରିବେ। ଜଣଙ୍କ ପ୍ଲାଜ୍‌ମା ୨ କରୋନା ଆକ୍ରାନ୍ତଙ୍କୁ ଦିଆଯିବ ଓ ସେମାନଙ୍କ ଜୀବନ ବଞ୍ଚାଇ ହେବ। ଜିଲାରେ ରେକର୍ଡ ସଂଖ୍ୟକ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ତେଣୁ ପ୍ଲାଜ୍‌ମା ଦାନ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୁଣି ଥରେ ଅନୁରୋଧ କରିଛନ୍ତି। ସେହିପରି ପ୍ଲାଜ୍‌ମା ଦାନ କରିବାକୁ କରୋନାରୁ ସୁସ୍ଥ ହୋଇଥିବା ପୋଲିସ କର୍ମଚାରୀମାନେ ଇଚ୍ଛୁକ ଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଏହା ହେବ ବୋଲି ସେ କହିଛନ୍ତି। ଗଞ୍ଜାମ ପୋଲିସ ଜିଲାରେ ବର୍ତ୍ତମାନ ସୁଦ୍ଧା ୧୭୦ ପୋଲିସ କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪୨ ସୁସ୍ଥ ହେଲେଣି।

ଅନ୍ୟପକ୍ଷରେ ସକ୍ରିୟ ରୋଗୀଙ୍କ ସହ କଥା ହୋଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନେ କୋଭିଡ୍ ବନ୍ଧୁ ହେବାକୁ ରାଜି ହେଉଛନ୍ତି। ଜିଲାର ଗ୍ରାମାଞ୍ଚଳରୁ ୨୪୬ ଏବଂ ସହରାଞ୍ଚଳରୁ ୩୭ ଏପରି ମୋଟ ୨୮୩ ଜଣ କୋଭିଡ୍ ବନ୍ଧୁ ହେବାକୁ ପଞ୍ଜୀକରଣ କରିଥିବା ଜିଲା କୋଭିଡ୍ ସେଲ୍ ପକ୍ଷରୁ ସୂଚନା ଦିଆଯାଇଛି। କୋଭିଡ୍ ବନ୍ଧୁମାନେ କରୋନାରେ ଆକ୍ରାନ୍ତ ବେଳର ଅନୁଭୂତି ସମ୍ପର୍କରେ ସକ୍ରିୟ ରୋଗୀଙ୍କୁ ଜଣାଇ ସାହାସ ଯୋଗାଇଦେବେ । ଏମାନଙ୍କର ନିଃସ୍ୱାର୍ଥପର ସେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଧନ୍ୟବାଦ ଦିଆଯାଇଛି ।



ପେନ୍‌ରେ ଲେଖିବା ସମୟରେ ହାତ ଆପେ ଆପେ ସାନିଟାଇଜ୍ ହୋଇପାରିବ। ଏଭଳି ପେନ୍ ଏବେ ଉପଲବ୍ଧ ହେଲାଣି। କରୋନା ଭାଇରସ୍ ସଂକ୍ରମଣ ସମୟରେ ଯେଉଁଠି ଲୋକେ ସବୁବେଳେ ସାନିଟାଇଜର ଉପରେ ନିର୍ଭର କରୁଛନ୍ତି ସେ ସମୟରେ ଏଭଳି ସାନିଟାଇଜର ପେନ୍ ଉତ୍ତରପ୍ରଦେଶର ଲକ୍ଷ୍ନୌ ମାର୍କେଟ୍‌ରେ ମିଳୁଛି।

## ଟଲିଉଡ ଇଣ୍ଡଷ୍ଟ୍ରିରେ ରାଜ କରୁଛନ୍ତି ସାମନ୍ଥା



ସାମନ୍ଥା ଅକିନେନି

**ମୁମ୍ବାଇ:** ଦମ୍‌ଦାର ଆକ୍ସନ ହେଉ ବା ରୋମାନ୍ସ, ଦର୍ଶକଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ବେଶ୍ ସଫଳ ରହିଛି ଟଲିଉଡ ଇଣ୍ଡଷ୍ଟ୍ରି। ଏପରିକି ବଲିଉଡର ଅଧିକାଂଶ ଫିଲ୍ମ ସାଉଥ ଫିଲ୍ମର କାହାଣୀ ଉପରେ ଆଧାରିତ। ତେବେ ତେଲୁଗୁ ଇଣ୍ଡଷ୍ଟ୍ରିର ଟପ୍ ଅଭିନେତ୍ରୀ ଭାବେ ସମସ୍ତଙ୍କ ମନ ଜିଣିଛନ୍ତି ସାମନ୍ଥା ଅକିନେନି। ଦେଖିବାକୁ ଯେତିକି ସୁନ୍ଦର ତାଙ୍କ ପର୍ସନାଲଟି ମଧ୍ୟ ସେତିକି ଭଲ। ତାଙ୍କର ଫ୍ୟାନ୍‌ଫଲୋଇଙ୍ଗ୍ ମଧ୍ୟ ସେତିକି ଷ୍ଟ୍ରଙ୍ଗ୍। ତେଲୁଗୁ ଫିଲ୍ମର ଅଭିନେତ୍ରୀ ଭାବେ ସେ ଲଗାତାର ଭାବେ ଦେଇଚାଲିଛନ୍ତି ହିଟ୍ ଫିଲ୍ମ। ଏକ ସର୍ଭେରୁ ଜଣାପଡ଼ିଛି ଯେ ସାମନ୍ଥା ହେଉଛନ୍ତି ସବୁଠାରୁ ଅଧିକ ପସନ୍ଦ କରାଯାଇଥିବା ତେଲୁଗୁ ଅଭିନେତ୍ରୀ। ସାମନ୍ଥା ତେଲୁଗୁର ଲୋକପ୍ରିୟ ଅଭିନେତା ଜୁନିୟର ଏନ୍‌ଟିଆର୍, ନିତିନ, ରାମଚରଣ, ମହେଶ ବାବୁ ଆଦିଙ୍କ ସହ କାମ କରିଛନ୍ତି। ସେ ସାଉଥ୍‌ର ଭେଟେରାନ୍ ଅଭିନେତା ନାଗାର୍ଜୁନଙ୍କ ପୁଅ ନାଗା ଚୈତନ୍ୟଙ୍କୁ ବିବାହ କରିଛନ୍ତି। ତେବେ ନାଗା ଚୈତନ୍ୟ ମଧ୍ୟ ତେଲୁଗୁରେ ଜଣେ ସଫଳ ଅଭିନେତା। ଉଭୟଙ୍କ ରିଲ୍‌ରେ ଯେମିତି ରିଅଲରେ ମଧ୍ୟ କେମେଷ୍ଟ୍ରି ସେତିକି ଦମ୍‌ଦାର ହୋଇଥାଏ। ସେ ଫିଲ୍ମରେ ଯେତିକି ସଫଳ ତାଙ୍କ ପାଠପଢ଼ା କ୍ୟାରିୟରରେ ମଧ୍ୟ ସେତିକି ସଫଳ। ସେ କମର୍ସରେ ଡିଗ୍ରୀ ହାସଲ କରିଛନ୍ତି। ପାଠପଢ଼ା ପରେ ସେ ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିଲେ। ଜଣେ ଟପ୍ ୩ରେ ସାମନ୍ଥାଙ୍କ ପରେ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି ଅଭିନେତ୍ରୀ କାଜଲ ଅଗ୍ରୱାଲ ଏବଂ ଅନୁଷ୍କା ସେଟ୍ଟି। କାଜଲ ଅଗ୍ରୱାଲ ବଲିଉଡର କେତେଟା ଫିଲ୍ମରେ ନଜର ଆସିଥିଲେ ମଧ୍ୟ ତେଲୁଗୁ ଇଣ୍ଡଷ୍ଟ୍ରୀରେ ସେ ଖୁବ୍ ଚର୍ଚ୍ଚିତ। ତେବେ ତେଲୁଗୁର ଟପ୍ ୧୦ ଅଭିନେତ୍ରୀଙ୍କ ମଧ୍ୟରେ ତମନ୍ନା ଭାଟିଆ ଏବଂ ପୂଜା ହେଗଡ଼େ ମଧ୍ୟ ସାମିଲ ଅଛନ୍ତି।

# ୨୧୦୦ ସୁଦ୍ଧା ଜନସଂଖ୍ୟା ୧୦୯ କୋଟିକୁ ଖସିବ

## ଭାରତରେ କମୁଛି ପ୍ରଜନନ ହାର



**ନୂଆଦିଲ୍ଲୀ:** ୨୦୧୭ରେ ଭାରତରେ ପ୍ରତ୍ୟେକ ମହିଳାଙ୍କ ଶିଶୁ ଜନ୍ମ କରିବା ଦକ୍ଷତା ବା ପ୍ରଜନନ ହାର ୨.୧୪ ଥିଲା। ୨୧୦୦ରେ ଏହି ହାର ୧.୨୯କୁ ଖସିଯିବ ବୋଲି ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ନିକଟରେ ଲାନ୍‌ସେଟ ମେଡିକାଲ ଜର୍ନାଲ ପକ୍ଷରୁ 'ଫର୍ଟିଲିଟି, ମୋର୍ଟାଲିଟି, ମାଇଗ୍ରେଶନ ଆଣ୍ଡ ପପୁଲେଶନ ସିନାରିଓ ଫର୍ ୧୯୫ କଣ୍ଟ୍ରିଜ୍ ଫ୍ରମ୍ ୨୦୧୭ ଟୁ ୨୧୦୦: ଏ ଫରକାଷ୍ଟିଂ ଆନାଲିସିସ୍ ଫର୍ ଦି ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ ଷ୍ଟଡି' ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଚଳିତ ଶତାବ୍ଦୀରେ ୧୯୫ ଦେଶର ଜନସଂଖ୍ୟାର ଧାରା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୭ରେ ଭାରତର ଜନସଂଖ୍ୟା ୧.୩୮ ବିଲିୟନ (୧୩୮ କୋଟି ଥିବାବେଳେ ୨୦୪୮ ବେଳକୁ ଏହା ୧.୬ ବିଲିୟନ ବା ୧୬୦ କୋଟି ଅତିକ୍ରମ କରିବ। ତେବେ ୨୦୨୧ରେ ଭାରତ ବିଶ୍ୱର ସବୁଠୁ ଜନବହୁଳ ଦେଶରେ ପରିଣତ ହେବ। ଏହାସତ୍ତ୍ୱେ ଦେଶର ଜନସଂଖ୍ୟା ୧.୦୯ ବିଲିୟନ (୧୦୯) କୋଟିକୁ ଖସିଯିବ। ଅର୍ଥାତ୍ ୨୦୪୮ରେ ବଢ଼ିବାକୁ ଥିବା ଜନସଂଖ୍ୟା ତୁଳନାରେ ୩୨% ହ୍ରାସ ପାଇବ।

୨୦୧୯ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରି ଜନସଂଖ୍ୟା ବିସ୍ଫୋରଣକୁ ଏକ ଜାତୀୟ ଚ୍ୟାଲେଞ୍ଜ ଭାବେ ଅଭିହିତ କରିଥିଲେ। ସେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ଜନସଂଖ୍ୟା ନିୟନ୍ତ୍ରଣ ନୀତି କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେବା ସହ କମ୍ 'ପିଲାଛୁଆ ଦେଶଭକ୍ତିର ପରିଚୟ' ବୋଲି କହିଥିଲେ। ଦୁଇ-ଶିଶୁ ନିୟମକୁ କାର୍ଯ୍ୟକାରୀ କରାଇବା ପାଇଁ ଭାଜପାର ରାଜ୍ୟ ସଭା ସଦସ୍ୟ ରାକେଶ ସିହ୍ନା ଗୃହରେ ଏକ ପ୍ରାଇଭେଟ ମେମ୍ବର୍ସ ବିଲ୍ ଆଗତ କରିଥିଲେ। ଛୋଟ ପରିବାର କରୁଥିବା ଲୋକଙ୍କୁ ପ୍ରୋତ୍ସାହନ ଦେବା ଏବଂ ଏହାକୁ ମାନୁ ନ ଥିବା ବ୍ୟକ୍ତିମାନଙ୍କୁ ଦଣ୍ଡିତ କରିବା ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ବିଧେୟକ, ୨୦୧୯ରେ ପ୍ରସ୍ତାବ ରହିଥିଲା। ଗତ ଜୁଲାଇ ୧୧ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ମଧ୍ୟ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଇଥିଲେ। ୨୦୧୮ରେ ଗିରିରାଜ ଭାରତରେ ଜନସଂଖ୍ୟା ବୃଦ୍ଧିର କାରଣ ପାଇଁ 'ଏକ ନିର୍ଦ୍ଦିଷ୍ଟ ସମୁଦାୟ'କୁ ଦାୟୀ କରିଥିଲେ। ତେବେ ଜନସଂଖ୍ୟା ବୃଦ୍ଧିଜନିତ ଚିନ୍ତାକୁ ଲାନ୍‌ସେଟ ଅଧ୍ୟୟନ କମାଇଦେଇଛି। ଭାରତର ମୋଟ ପ୍ରଜନନ ହାର ୨୦୧୭ରେ ୨.୧୪ ଥିବାବେଳେ ୨୧୦୦ ବେଳକୁ ଏହା ୧.୨୯କୁ ଖସିଯାଇପାରେ ବୋଲି ଏହାର ରିପୋର୍ଟରେ ସଙ୍କେତ ମିଳିଛି। ପ୍ରକାଶ ଯେ, ୧୯୫୦ରେ ଭାରତୀୟ ମହିଳାଙ୍କ ପ୍ରଜନନ ହାର ୫.୬ ଥିଲା।

### ବିଶ୍ୱବ୍ୟାପୀ ଜନସଂଖ୍ୟା ସ୍ଥିତି

ୟୁନିଭର୍ସିଟି ଅଫ୍ ୱାଶିଂଟନର ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ ଇଭାଲ୍ୟୁଏଶନ୍ (ଆଇଏଚ୍‌ଏମ୍‌ଇ)ର ଗବେଷକ ଟିମ୍ ନେତୃତ୍ୱରେ କରାଯାଇଥିବା ଅଧ୍ୟୟନ ୧୯୫ଟି ଦେଶର ଜନସଂଖ୍ୟା ଧାରାକୁ ବିଶ୍ଳେଷଣ କରିଥିଲା। ଏଥିରେ ପ୍ରଜନନ ଶକ୍ତି, ଦେଶାନ୍ତରଣ ଓ ମୃତ୍ୟୁହାର ସମ୍ପର୍କିତ ବିଭିନ୍ନ ଦୃଶ୍ୟପଟକୁ ନେଇ ଭବିଷ୍ୟତର ଜନସଂଖ୍ୟା ମଡେଲକୁ ଆକଳନ କରିବା ପାଇଁ ଉଦ୍ୟମ କରାଯାଇଛି। ଏଥିଲାଗି ଅଧ୍ୟୟନରେ ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ ଷ୍ଟଡି, ୨୦୧୭ର ତଥ୍ୟକୁ ବ୍ୟବହାର କରାଯାଇଥିଲା। ଅନେକ ଦେଶ ଉପରେ ଜନସଂଖ୍ୟା ଆକାର ଓ ବୟସ ଢାଞ୍ଚାରେ ପରିବର୍ତ୍ତନର ଅର୍ଥନୈତିକ, ସାମାଜିକ ଓ ଭୂରାଜନୈତିକ ପ୍ରଭାବ ରହିଛି ବୋଲି ଗବେଷକମାନେ କହିଛନ୍ତି। ୨୦୬୪ରେ ବିଶ୍ୱର ଜନସଂଖ୍ୟା ସର୍ବୋଚ୍ଚ ସ୍ତରକୁ ଛୁଇଁ ୯.୭୩ ବିଲିୟନରେ ପହଞ୍ଚିବ। କିନ୍ତୁ ୨୧୦୦ରେ ଏହା ୮.୭୯କୁ ଖସିଯିବ। ଜାପାନ, ଥାଇଲାଣ୍ଡ, ଇଟାଲୀ ଓ ସ୍ପେନ ସମେତ ୨୩ଟି ଦେଶରେ ଜନସଂଖ୍ୟା ୫୦% ରୁ ଅଧିକ ସଙ୍କୁଚିତ ହୋଇଯିବ ବୋଲି ବିଶ୍ଳେଷଣରୁ ଅନୁମାନ କରାଯାଇଛି।

୨୧୦୦ରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ୫ ରାଷ୍ଟ୍ର ମଧ୍ୟରେ ଭାରତ ସବା ଆଗରେ ରହିବ। ଭାରତର ଜନସଂଖ୍ୟା ୧.୦୯ ବିଲିୟନ ହୋଇଯିବ। ନାଇଜେରିଆରେ ୭୯୧ ନିୟୁତ, ଚାଇନା ୭୩୨ ନିୟୁତ, ଆମେରିକା ୩୩୬ ନିୟୁତ ଓ ପାକିସ୍ତାନର ଜନସଂଖ୍ୟା ୨୪୮ ନିୟୁତ ହୋଇଯିବ। ୧୯୩ ରାଷ୍ଟ୍ର ମଧ୍ୟରୁ ୧୮୩ଟି ଦେଶର ମୋଟ ପ୍ରଜନନ ହାର (ଟିଏଫ୍‌ଆର୍) ମହିଳାଙ୍କ ପିଛା ୨.୧ରୁ କମ୍ ହୋଇଯିବ। ୨୦୧୭ରେ ଟିଏଫ୍‌ଆର୍ ୨.୩୭ ଥିବାବେଳେ ୨୧୦୦ ମସିହାରେ ଏହା ୧.୬୬କୁ ଖସିଯିବ ବୋଲି ଏଥିରେ ଭବିଷ୍ୟବାଣୀ କରାଯାଇଛି। ଶିକ୍ଷାରେ ମହିଳାଙ୍କ ଅଗ୍ରଗତି ଓ ଗର୍ଭନିରୋଧକର ଉପଲବ୍ଧତା ପ୍ରଜନନ କ୍ଷମତାକୁ ହ୍ରାସ କରି ଜନସଂଖ୍ୟା ବୃଦ୍ଧିକୁ ସ୍ଥିର କରିବ।

### ବୟସ୍କଙ୍କ ଉପରେ ନିର୍ଭରଶୀଳତା ବଢ଼ିବ

ଅଧ୍ୟୟନ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବୈଶ୍ୱିକ ବୟସ ଢାଞ୍ଚାରେ ନାଟକୀୟ ଭାବେ ପରିବର୍ତ୍ତନ ଦେଖିବାକୁ ମିଳିବ। କାର୍ଯ୍ୟଶୀଳ ବୟସ ଜନସଂଖ୍ୟା (ୱାର୍କିଂ ଏଜ୍ ପପୁଲେଶନ) ହ୍ରାସ ପାଇବ। ୨୧୦୦ରେ ପ୍ରାୟ ୨.୩୭ ବିଲିୟନ ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ ରହିବ। ୨୦ ବର୍ଷରୁ କମ୍ ବୟସର ୧.୭ ବିଲିୟନ ଲୋକ ରହିବେ। ଭାରତରେ ମଧ୍ୟ ବୟସ ଅନୁପାତରେ ଜନସଂଖ୍ୟାରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ଆମ ଦେଶରେ ୱାର୍କିଂ ଏଜ୍ ଆଡଲ୍ଟ (୨୦-୬୪)ଙ୍କ ସଂଖ୍ୟା ୨୦୧୭ରେ ୭୬୨ ନିୟୁତ ଥିବାବେଳେ ୨୧୦୦ରେ ଏହା ୫୮୦ ନିୟୁତକୁ ଖସିଯିବ। ତେବେ ଜନସଂଖ୍ୟା ଏତେ ପରିମାଣରେ ହ୍ରାସ ପାଇଲେ ମଧ୍ୟ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତ ଏହି କ୍ଷେତ୍ରରେ ଶୀର୍ଷରେ ରହିବ। ଭାରତ ପଛକୁ ନାଇଜେରିଆ, ଚାଇନା ଓ ଆମେରିକା ରହିବେ। ଚାଇନାର ୱାର୍କିଂ ଏଜ୍ ପପୁଲେଶନ ୯୫୦ ନିୟୁତରୁ ୩୫୭ ନିୟୁତକୁ ହ୍ରାସ ପାଇପାରେ। ଗବେଷକଙ୍କ ମତରେ ଏହି ଧାରା ଚାଇନାର ଆର୍ଥିକ ଅଭିବୃଦ୍ଧି ପାଇଁ କ୍ଷତିକାରକ ହେବ ଓ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଦୌଡ଼ରେ ବେଜିଂର ପକ୍ଷ ଦୁର୍ବଳ ହେବ। ପପୁଲେଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଏହି ଅଧ୍ୟୟନ ଉପରେ ନିଜ ପ୍ରତିକ୍ରିୟାରେ କହିଛି ଯେ, ଦେଶରେ ୱାର୍କିଂ ଏଜ୍ ପପୁଲେଶନ ହ୍ରାସ ପାଇଲେ ସରକାରଙ୍କ ଉତ୍ସଗୁଡ଼ିକ ଉପରେ ବୋଝ ବଢ଼ିଯିବ। ବୟସ୍କ ଲୋକଙ୍କ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଲେ ଟିକସ ହ୍ରାସ ଘଟିବ ଓ ଅର୍ଥନୀତି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହେବ। ୱାର୍କିଂ ଏଜ୍ ପପୁଲେଶନ ସଙ୍କୋଚନ ଯୋଗୁ ଉତ୍ସଗୁଡ଼ିକ ସୀମିତ ହୋଇଯିବ। ଫଳରେ ସ୍ୱାସ୍ଥ୍ୟ ସେବା ଓ ସାମାଜିକ ନିରାପତ୍ତା ମଧ୍ୟ କମିଯିବ ବୋଲି ପିଏଫ୍‌ଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ଭୁଲାପଣ ଦୂର କରିବ ଗୋଲାପ

**ସାନ୍ ଫ୍ରାନ୍ସିସ୍‌କୋ:** ପରିବର୍ତ୍ତିତ ଜୀବନ ଶୈଳୀରେ କେତେକଙ୍କଠାରେ ଭୁଲାପଣ ସମସ୍ୟା ଦେଖାଦେଇଥାଏ। ଏହାଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ଜଣକ କୌଣସି କଥା ମନେ ରଖିପାରନ୍ତି ନାହିଁ। ଏଭଳି ବ୍ୟକ୍ତିଙ୍କ ବିଚାରଶକ୍ତି ମଧ୍ୟ ହ୍ରାସ ପାଇଥାଏ। ସେମାନେ ସାଧାରଣ କାମ କରିବାରେ ମଧ୍ୟ ଅକ୍ଷମତା ପ୍ରକାଶ କରିଥାନ୍ତି। ଇଚ୍ଛାଶକ୍ତି କମିବାରେ ଲାଗିଥାଏ। ମନର ଭାବନାକୁ ନିୟନ୍ତ୍ରଣ କରିବା ଏଭଳି ବ୍ୟକ୍ତିଙ୍କ କ୍ଷେତ୍ରରେ କଷ୍ଟକର ହୋଇଥାଏ। ଡାକ୍ତରୀ ଭାଷାରେ ଏହାକୁ ଡେମେଣ୍ଟିଆ ଅର୍ଥାତ୍ ପାଗଳପଣ ବୋଲି କୁହାଯାଇଥାଏ। ଏଥିରୁ ମୁକ୍ତି ଲାଗି ଡାକ୍ତରଙ୍କ ପରାମର୍ଶ ନେବା ସହିତ ଔଷଧର ବ୍ୟବହାର କରିବାକୁ କୁହାଯାଇଥାଏ। ତେବେ ଏହାର ସହଜ ଚିକିତ୍ସା ଘରେ ମଧ୍ୟ ହୋଇ ପାରିଥାଏ। ଏଭଳି ସମସ୍ୟା ଭୋଗୁଥିବା ବ୍ୟକ୍ତି ଗୋଲାପ ଫୁଲ ଶୁଙ୍ଘିବା ଦ୍ୱାରା ସୁଫଳ ମିଳିଥାଏ ବୋଲି ସାନ୍ ଫ୍ରାନ୍ସିସ୍‌କୋରେ ହୋଇଥିବା ଏକ ସର୍ଭେ ରିପୋର୍ଟରେ ଉଲ୍ଲେଖ ହୋଇଛି। ଗବେଷକ ଏନେଇ ୧୮,୦୦ ଲୋକଙ୍କ ଉପରେ ଅଧ୍ୟୟନ କରିଥିଲେ। ଜଣାପଡ଼ିଥିଲା ଗୋଲାପ ଫୁଲ ସହିତ ଟର୍ପେଣ୍ଟାଇନ୍, ପେଣ୍ଟ ଥିନର ଏବଂ ଲେମ୍ବୁ ଆଦିକୁ ଶୁଙ୍ଘିଲେ ଏହି ସମସ୍ୟା ଧୀରେଧୀରେ ଦୂର ହୋଇଥାଏ। ଏହାଦ୍ୱାରା ସେମାନଙ୍କର ସେନ୍ସରି ନର୍ଭ ସକ୍ରିୟ ହୋଇଥାଏ। ଫଳରେ ମସ୍ତିଷ୍କ ସହିତ ଯୋଗାଯୋଗ କରିବା ସହଜ ହୋଇଥାଏ। ଏହାଦ୍ୱାରା ସ୍ମୃତି ଶକ୍ତି ବୃଦ୍ଧି ପାଇଥାଏ ବୋଲି ପ୍ରଫେସର ୱିଲା ବ୍ରେନୋୱିଜ୍ ସୂଚନା ଦେଇଛନ୍ତି।



# ଘୋଷ୍ଟ ଡିଟେକ୍ଟର



**ସତରେ କ'ଣ ଆତ୍ମା ଅଛି। ମନୁଷ୍ୟ ଶରୀରରେ ଦେଖାଦେଉଥିବା ଭୌତିକ ଗତିବିଧି ପଛର ରହସ୍ୟ କ'ଣ। ଏଥିପାଇଁ ଦାୟୀ କିଏ। ଏହା ଏକ ମାନସିକ ପ୍ରତିକ୍ରିୟା ନା ଏହା ପଛରେ କୌଣସି ଶକ୍ତି କାମ କରୁଛି। ଆଜି ବି ଅସମାହିତ ହୋଇ ରହିଛି ଏଭଳି ଅନେକ ପ୍ରଶ୍ନ। ହେତୁବାଦୀମାନେ ଏଭଳି ସତ୍ତାକୁ ଭ୍ରାନ୍ତ ଧାରଣା ବୋଲି କହି ଆସୁଥିବାବେଳେ ଆତ୍ମା, ପରମାତ୍ମାର ଆଧାରଶିଳା ଉପରେ ତିଷ୍ଠି ରହିଛି ଧର୍ମୀୟ ବିଶ୍ୱାସ। ପାରାନର୍ମାଲ ବିଶେଷଜ୍ଞ ବା ଘୋଷ୍ଟ ହଣ୍ଟରମାନେ ମଧ୍ୟ ଏପରି ଭୌତିକ କାର୍ଯ୍ୟକଳାପକୁ ବିଶ୍ୱାସ କରିଥାନ୍ତି। ସେମାନଙ୍କ କହିବା କଥା, ଆତ୍ମାର ଉପସ୍ଥିତି ଶରୀରରେ ଅନେକ ପରିବର୍ତ୍ତନ ଆଣିଥାଏ। ଅପରପକ୍ଷେ ଭୌତିକ ବିଜ୍ଞାନ କ୍ଷେତ୍ରରେ ଅଧ୍ୟୟନ ପାଇଁ ସତୁରି ଦଶକରେ ନୋବେଲ ପୁରସ୍କାର ଦିଆଯିବା ପରେ କେଉଁଠି ନା କେଉଁଠି ଆତ୍ମା, ପରମାତ୍ମାର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ନା କରାଯାଇପାରୁନାହିଁ।**

ନୂଆଦିଲ୍ଲୀ: ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ରହସ୍ୟମୟ ମୃତ୍ୟୁକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଏଥିରେ ପାରାନର୍ମାଲ ଏକ୍ସପର୍ଟ 'ଷ୍ଟିଭ୍ ହଫ୍' ସୁଶାନ୍ତଙ୍କ ଆତ୍ମା ସହ କଥା ହୋଇଥିବା ଦାବି କରିଛନ୍ତି। ଏଥିପାଇଁ ଷ୍ଟିଭ୍ ବ୍ୟବହାର କରିଛନ୍ତି 'ଘୋଷ୍ଟ ଡିଟେକ୍ଟର'। 'ଘୋଷ୍ଟ ଡିଟେକ୍ଟର' ହେଉଛି କେତେକ ସ୍ୱତନ୍ତ୍ର ଯାନ୍ତ୍ରିକ ଉପକରଣ, ଯାହା ମାଧ୍ୟମରେ ପାରାନର୍ମାଲ ଇନ୍‌ଭେଷ୍ଟିଗେଶନ କରାଯାଇଥାଏ। ପାରାନର୍ମାଲ ଇନ୍‌ଭେଷ୍ଟିଗେଟରମାନେ ଏସବୁକୁ ବ୍ୟବହାର କରି ଆତ୍ମା ସମ୍ପର୍କିତ ଭୌତିକ କାର୍ଯ୍ୟକଳାପକୁ ନିରୀକ୍ଷଣ କରିଥାନ୍ତି।

ଆମେରିକା ଭଳି ଅତ୍ୟାଧୁନିକ ରାଷ୍ଟ୍ରର ୪୩% ଉଚ୍ଚଶିକ୍ଷିତ ଜନସାଧାରଣ ଆତ୍ମା ଏବଂ ତତ୍‌ସମ୍ପର୍କିତ ଧାରଣାକୁ ବିଶ୍ୱାସ କରନ୍ତି। ତେବେ ୨୦୧୩ରେ ଆମେରିକାରେ ହୋଇଥିବା ଅଧ୍ୟୟନରୁ ଏଭଳି ଅବିଶ୍ୱସନୀୟ ତଥ୍ୟ ପଦାକୁ ଆସିଛି। କେବଳ ବୁଦ୍ଧିଜୀବୀ ନୁହନ୍ତି, ଏଠାକାର ବୈଜ୍ଞାନିକମାନେ ମଧ୍ୟ ଆତ୍ମାର ଅବସ୍ଥିତି ସମ୍ପର୍କରେ ଗବେଷଣା ଜାରି ରଖିଛନ୍ତି। ସେମାନଙ୍କ କହିବା କଥା, ଆତ୍ମା ଏବଂ ବିଜ୍ଞାନ ପରସ୍ପର ସଂଶ୍ଳିଷ୍ଟ। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଫିଜିକ୍ସ ପ୍ରଫେସର ଡା. ବ୍ରାୟନ ଜୋସେଫ୍‌ଶନଙ୍କୁ ୧୯୭୩ରେ ଭୌତିକ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ମିଳିସାରିଛି। ନିଜର ପ୍ରୋଜେକ୍ଟରେ ପ୍ରଫେସର ଜୋସେଫ୍‌ଶନ ଘୋଷ୍ଟ ଡିଟେକ୍ଟ କରିପାରୁଥିବା ଉପକରଣ ମାଧ୍ୟମରେ ଭିନ୍ନ ଭିନ୍ନ ତରଙ୍ଗକୁ ଖୋଜିପାଇଥିଲେ, ଯାହା ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ। ବୈଜ୍ଞାନିକମାନେ ଅତ୍ୟାଧୁନିକ ଉପାୟରେ ଏ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ଜାରି ରଖିଥିଲେ ମଧ୍ୟ ଲୋକଙ୍କ ମନରୁ ଭୌତିକ ଗତିବିଧିକୁ ନେଇ ରହିଥିବା ବିଶ୍ୱାସ କମିନାହିଁ। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିବା ପାରାନର୍ମାଲ ଏକ୍ସିଭିଷ୍ଟ ୱକାର ରାଜ 'ଘୋଷ୍ଟ ଡିଟେକ୍ଟର' ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି।

### ଡିଜିଟାଲ ଭଏସ୍ ରେକର୍ଡର

ଡିଜିଟାଲ ଭଏସ୍ ରେକର୍ଡର ହେଉଛି ଏକ ଉପକରଣ, ଯାହାକୁ ଇଲେକ୍ଟ୍ରୋନିକ୍ ଭଏସ୍ ଫେନୋମେନନ (ଇଭିପି) ସେସନ ସମୟରେ ବ୍ୟବହାର କରାଯାଇଥାଏ। ଆତ୍ମା ସମ୍ପର୍କିତ ରହସ୍ୟମୟ ଶବ୍ଦକୁ ଏହି ଯନ୍ତ୍ର ରେକର୍ଡ କରିବାରେ ସକ୍ଷମ। ବଜାରରେ ଏଭଳି ଅନେକ ରେକର୍ଡର ମିଳିଲାଣି। ଏହି ସ୍ୱରକୁ ଡିକୋଡିଂ କରି ପାରାନର୍ମାଲ ଇନ୍‌ଭେଷ୍ଟିଗେଟରମାନେ ବିଭିନ୍ନ ତଥ୍ୟ ହାସଲ କରିଥାନ୍ତି। ଏହି ଯନ୍ତ୍ର ସହାୟତାରେ ଭୌତିକ ଗତିବିଧି ହେଉଥିବା ସ୍ଥାନଗୁଡ଼ିକରେ ଚିତ୍କାର କରିବା, କାନ୍ଦିବା, ଧକେଇବା, ଗାଳିଦେବା, କବାଟ ଠକ୍‌ଠକ୍ କରିବା, ଦୌଡ଼ିବା ଭଳି ଶବ୍ଦ ରେକର୍ଡିଂ ହୋଇସାରିଛି।

### ଇଲେକ୍ଟ୍ରୋ ମ୍ୟାଗ୍ନେଟିକ୍ ଫିଲ୍ଡ ଡିଟେକ୍ଟର

ଆତ୍ମାର ଉପସ୍ଥିତି ଜାଣିବା ଲାଗି ଇଲେକ୍ଟ୍ରୋ ମ୍ୟାଗ୍ନେଟିକ୍ ଫିଲ୍ଡ (ଇଏମ୍‌ଏଫ୍) ଡିଟେକ୍ଟର ଉପଯୋଗୀ ଉପକରଣ। ଏହାଦ୍ୱାରା ମ୍ୟାଗ୍ନେଟିକ୍ ରେଡିଏଶନକୁ କ୍ୟାପ୍‌ଚର କରାଯାଇଥାଏ। ତେବେ ଏହି ଯନ୍ତ୍ରକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ମୋବାଇଲ ଟାୱାର, ୱାଇଫାଇ ରାଉଟର, ବିଦ୍ୟୁତ୍ ତାର ଥିବା ସ୍ଥାନରେ ରେଡିଏଶନ ସୃଷ୍ଟି ହେବା ସାଧାରଣ କଥା ବୋଲି ଅନେକେ ଦାବି କରନ୍ତି। ତେବେ ଘୋଷ୍ଟ ହଣ୍ଟରଙ୍କ ତର୍କ ହେଉଛି, ଦାବି କରାଯାଉଥିବା ସ୍ଥାନଗୁଡ଼ିକରେ ରେଡିଏଶନ ଫ୍ରିକ୍ୱେନ୍ସି ସ୍ଥିର ରହିଥାଏ। ହେଲେ ଆତ୍ମାଙ୍କ ଉପସ୍ଥିତି ସ୍ଥଳରେ ଏହା ବାରମ୍ବାର ବଦଳିଥାଏ।

### ଇନ୍‌ଫ୍ରାରେଡ୍ ଥର୍ମୋମିଟର

ଭୂତ, ଆତ୍ମାଙ୍କ ଉପସ୍ଥିତି ଥିବା ସ୍ଥାନଗୁଡ଼ିକରେ ତାପମାତ୍ରାରେ ପରିବର୍ତ୍ତନ ଅନୁଭୂତ ହୋଇଥାଏ। କେତେବେଳେ ଗରମ ତ କେବେ ହଠାତ୍ ପରିବେଶ ଥଣ୍ଡା ହୋଇଥାଏ। ଏହାକୁ ମାପ କରିବା ଲାଗି ଇନ୍‌ଫ୍ରାରେଡ୍ ଥର୍ମୋମିଟର ବ୍ୟବହାର କରାଯାଏ। ତାପମାତ୍ରା ବ୍ୟତୀତ ଏଥିରେ ଥର୍ମାଲ ରେଡିଏଶନ ମଧ୍ୟ ମପାଯାଇଥାଏ। ଏହା ରହସ୍ୟମୟ ଶକ୍ତିର ଉପସ୍ଥିତି ସମ୍ପର୍କରେ ଦର୍ଶାଇଥାଏ।

### ନାଇଟ୍ ଭିଜନ ଡିଜିଟାଲ କ୍ୟାମେରା

ରାତିରେ ରହସ୍ୟମୟ ଛାଇର ଗତିବିଧି ଜାଣିବା ଲାଗି ନାଇଟ୍ ଭିଜନ ଡିଜିଟାଲ କ୍ୟାମେରା ଏକ ଉପଯୋଗୀ ଯନ୍ତ୍ର। ଇନ୍‌ଫ୍ରାରେଡ୍ ଲାଇଟ୍, ୱାଟର ପ୍ରୁଫ୍ ସିଷ୍ଟମ ଏବଂ ଭଲ ବ୍ୟାଟେରି ବ୍ୟାକ୍ ଅପ୍ ରହୁଥିବା କ୍ୟାମେରାକୁ ଘୋଷ୍ଟ ହଣ୍ଟର ଅଗ୍ରାଧିକାର ଦେଇଥାନ୍ତି।

### ବାଇନରି ରେସ୍‌ପନ୍ସ ଡିଭାଇସ୍

ସାଧାରଣ ଭାଷାରେ ବାଇନରି ରେସ୍‌ପନ୍ସ ଡିଭାଇସ୍‌କୁ ୟେସ୍/ନୋ ବକ୍ସ ବୋଲି କୁହାଯାଏ। ଘୋଷ୍ଟ ହଣ୍ଟର ଆତ୍ମା ସହ କଥାବାର୍ତ୍ତା ହେବା ସମୟରେ ଏହାକୁ ବ୍ୟବହାର କରିଥାନ୍ତି। ଏଥିରେ 'ହଁ' ଉତ୍ତର ପାଇଁ ସବୁଜ ଏବଂ 'ନାହିଁ' ପାଇଁ ଲାଲ୍ ରଙ୍ଗର ବଲ୍‌ବ ଜଳିଥାଏ। ସାଧାରଣତଃ ଆତ୍ମା ସମ୍ପର୍କିତ ଗବେଷଣା ରାତିରେ ହିଁ ହୋଇଥାଏ। ତେଣୁ ଏସବୁ ବ୍ୟତୀତ ପାୱାରଫୁଲ ଟର୍ଚ୍ଚ, ୱାକିଟକି ସମେତ ଅନ୍ୟ ଉପକରଣ ମଧ୍ୟ ପାରାନର୍ମାଲ ଇନ୍‌ଭେଷ୍ଟିଗେଟର ନିଜ ପାଖରେ ରଖିଥାନ୍ତି।

## 'ତାପସୀ ପନ୍ନୁ ରାଷ୍ଟ୍ରପତି ହୁଅନ୍ତୁ'



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ପ୍ରଶଂସା କରିଛନ୍ତି ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା। ଦେଶର ରାଷ୍ଟ୍ରପତି ପଦରେ ତାପସୀଙ୍କୁ ଦେଖିବାକୁ ଚାହୁଁଥିବା ସେ କହିଛନ୍ତି। ଏବେ ସୋନାକ୍ଷୀଙ୍କ ମନ୍ତବ୍ୟ ନେଇ ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚା ଆରମ୍ଭ ହୋଇଛି। ସୋନାକ୍ଷୀ ନିଜ ଇନଷ୍ଟାଗ୍ରାମ୍ ପୋଷ୍ଟରେ ତାପସୀଙ୍କର ଏକ ଫଟୋ ମଧ୍ୟ ଶେୟାର କରିଛନ୍ତି। ଏଥିରେ ତାପସୀ ଏକ ନ୍ୟୁଜ୍ ଚ୍ୟାନେଲକୁ ଦେଇଥିବା ସାକ୍ଷାତ୍‌କାରରେ ବଲିଉଡ୍‌ରେ ଜାରି ରହିଥିବା ବଂଶବାଦ(ନେପୋଟିଜିମ୍)କୁ ବିରୋଧ କରିଥିଲେ। ଇତିମଧ୍ୟରେ ଏହାକୁ ୩ ଲକ୍ଷ ୪୫ ହଜାରରୁ ଅଧିକ ଲାଇକ୍ ମିଳିସାରିଛି।

## ସ୍କେଟିଂରେ ନୃତ୍ୟ ପ୍ରଦର୍ଶନ

**ଚଣ୍ଡିଗଡ଼:** ସ୍କେଟିଂ ପିନ୍ଧିବା ପରେ ଚାଲିବା କଷ୍ଟକର ହୋଇଥାଏ। କିନ୍ତୁ ସ୍କେଟିଂରେ ବି ନାଚ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି ଜାହ୍ନବୀ। ପଞ୍ଜାବ ଚଣ୍ଡିଗଡ଼ର ୧୨ ବର୍ଷର ଝିଅ ଜାହ୍ନବୀ ଏଥିପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନିଜ ନାଁ ସାମିଲ କରି ପାରିଛନ୍ତି। ଜାହ୍ନବୀ ଦୁଇଟି ବିଭାଗରେ ଏହି ରେକର୍ଡ କରିଛନ୍ତି। ପ୍ରଥମେ ସେ ସ୍କେଟିଂରେ ନାଚ କରିବାରେ ସର୍ବକନିଷ୍ଠ ବାଳିକାଭାବେ ଏହି ରେକର୍ଡ ହାସଲ କରିଥିବା ବେଳେ ସ୍କେଟିଂରେ ନୃତ୍ୟ କଳା ପ୍ରଦର୍ଶନ କରି ମଧ୍ୟ ରେକର୍ଡର ଅଧିକାରୀ ହୋଇଛନ୍ତି। ଗତବର୍ଷ ସେ ନ୍ୟାଶନାଲ୍ ସ୍କେଟିଂ ଚାମ୍ପିୟନଶିପ୍ ପାଇଥିଲେ। ଭାରସାମ୍ୟ ରକ୍ଷା କରିବାର ଅଦ୍ଭୁତ କଳା ହେଉଛି ସ୍କେଟିଂ। ୮ ବର୍ଷରୁ ଜାହ୍ନବୀ ଏହି କଳାରେ ତାଲିମ ନେବା ଆରମ୍ଭ କରିଥିଲେ। ଜଣେ ପଞ୍ଜାବୀ କୋରିଓଗ୍ରାଫର ତାଙ୍କୁ ସ୍କେଟିଂରେ ନାଚ କରିବା କଳା ଶିଖାଇଥିଲେ। ଏହା ସହିତ ସେ ୟୁଟ୍ୟୁବ୍ ଦେଖି ଘରେ ବହୁ ସମୟ ଅଭ୍ୟାସ କରୁଥିଲେ।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ବୈକୁଣ୍ଠନାଥ ପଣ୍ଡା**
(ଅବସରପ୍ରାପ୍ତ ଶିକ୍ଷକ)
ବିଶ୍ୱନାଥ କଲୋନୀ, ଜଟଣୀ
ଆବିର୍ଭାବ: ୦୪।୧୧।୧୯୪୦
ତିରୋଧାନ: ୧୮।୦୭।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ଆମର ଚିର ସ୍ମୃତିରେ ରହିବ। ଆପଣଙ୍କ ଦୃଷ୍ଟି ସଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୭୮୨୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ପ୍ରଭାକର ପରିଜା**
ଲକ୍ଷ୍ମୀସାଗର, ତଳସାହି, ଭୁବନେଶ୍ୱର
ଆବିର୍ଭାବ: ୧୩।୦୬।୧୯୨୯
ତିରୋଧାନ: ୦୮।୦୮।୨୦୧୯
ପିତା ଧର୍ମ ପିତା ସ୍ୱର୍ଗ ପିତା ହି ପରମ ତପଃ।। ପିତରି ପ୍ରୀତିମା ପନ୍ନେ ପ୍ରିଅନ୍ତେ ସର୍ବ ଦେବତା।।
-:ଶୋକସନ୍ତପ୍ତ:-
ପ୍ରମୋଦ ପରିଜା, ପ୍ରକାଶ ପରିଜା, ଲିଙ୍ଗରାଜ ପରିଜା, ବନ୍ଧୁ ଓ ପରିବାରବର୍ଗ।
ଧ-୬୪୦୬୮

# ରକ୍ତ ପରୀକ୍ଷାରୁ ଶୀଘ୍ର ଜଣାପଡିବ କ୍ୟାନ୍ସର

କଥିତ ଅଛି- 'କ୍ୟାନ୍ସର ନୋ ଆନ୍ସର'। ହେଲେ ଆଜିକାଲି କେତେକ କ୍ୟାନ୍ସରକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରାଯାଇ ତାହାର ସମ୍ପୂର୍ଣ୍ଣ ଚିକିତ୍ସା କରାଯାଇପାରୁଛି। ହେଲେ ଏହି ସମୟରେ କ୍ୟାନ୍ସର କେଉଁ ସ୍ତର (ଷ୍ଟେଜ୍)ରେ ଅଛି ତାହା ଉପରେ ହିଁ ଚିକିତ୍ସା ନିର୍ଭର କରିଥାଏ। ତଥାପି ବିଭିନ୍ନ କ୍ୟାନ୍ସରକୁ କିପରି ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରାଯାଇପାରିବ ସେ ନେଇ






କ୍ୟାନ୍ସର ବିଜ୍ଞାନୀମାନେ ଉଦ୍ୟମ ଜାରି ରଖିଛନ୍ତି। ବିଶେଷଭାବରେ ରକ୍ତ ପରୀକ୍ଷା ଦ୍ୱାରା କେତେକ କ୍ୟାନ୍ସର ସମ୍ପର୍କରେ କିଛି ବର୍ଷ ପୂର୍ବରୁ ପ୍ରାରମ୍ଭିକ ତଥ୍ୟ ମିଳିପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର କ୍ୟାନ୍ସର ବିଜ୍ଞାନୀମାନେ। ଟ୍ୟୁମର ଉପରେ ଗବେଷଣା କରିବା ସମୟରେ ସେମାନେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, କଲୋନ୍, ଲିଭର, ଲଙ୍ଗସ ଏପରି କି ଷ୍ଟୋମାକ୍ କ୍ୟାନ୍ସର ସମ୍ପର୍କରେ କିଛି ବର୍ଷ ପୂର୍ବରୁ ସୂଚନା ମିଳିପାରିବ।

# ଟିଟାନ୍‌ରେ ଜୀବର ସମ୍ଭାବନା





ଇଂ ମାୟାଧର ସ୍ୱାଇଁ

"ଟିଟାନ୍ ହେଉଛି ଶନିର ବୃହତ୍ତମ ଉପଗ୍ରହ। ଏହାର ବ୍ୟାସ ହେଉଛି ୫୧୫୦ କିମି ଏବଂ ଏହା ହେଉଛି ସୌରଜଗତର ଦ୍ୱିତୀୟ ବୃହତ୍ତମ ଗ୍ରହ। ସୌରଜଗତର ବୃହତ୍ତମ ଉପଗ୍ରହ ହେଉଛି ବୃହସ୍ପତିର ଉପଗ୍ରହ ଗାନିମିଡ୍, ଯାହାର ବ୍ୟାସ ଟିଟାନଠାରୁ ମାତ୍ର ୧୧୨ କିମି ଅଧିକ। ଟିଟାନ୍‌କୁ ହଲାଣ୍ଡର ବୈଜ୍ଞାନିକ କ୍ରିଷ୍ଟିୟାନ ହିଉଜେନସ ୧୬୫୫ ମସିହାରେ ଆବିଷ୍କାର କରିଥିଲେ। ଏହା ହେଉଛି ଶନିର ପ୍ରଥମ ଆବିଷ୍କୃତ ଉପଗ୍ରହ (ଏ ପର୍ଯ୍ୟନ୍ତ ଶନିର ୮୨ଟି ଉପଗ୍ରହ ଆବିଷ୍କୃତ ହୋଇଛି) ଏବଂ ପୃଥିବୀ ବାହାରେ ପଞ୍ଚମ ଜଣା ଉପଗ୍ରହ।"

ଟିଟାନ୍ ହେଉଛି ଶନିର ବୃହତ୍ତମ ଉପଗ୍ରହ। ଏହାର ବ୍ୟାସ ହେଉଛି ୫୧୫୦ କିମି ଏବଂ ଏହା ହେଉଛି ସୌରଜଗତର ଦ୍ୱିତୀୟ ବୃହତ୍ତମ ଗ୍ରହ। ସୌରଜଗତର ବୃହତ୍ତମ ଉପଗ୍ରହ ହେଉଛି ବୃହସ୍ପତିର ଉପଗ୍ରହ ଗାନିମିଡ୍, ଯାହାର ବ୍ୟାସ ଟିଟାନଠାରୁ ମାତ୍ର ୧୧୨ କିମି ଅଧିକ। ଟିଟାନ୍‌କୁ ହଲାଣ୍ଡର ବୈଜ୍ଞାନିକ କ୍ରିଷ୍ଟିୟାନ ହିଉଜେନସ ୧୬୫୫ ମସିହାରେ ଆବିଷ୍କାର କରିଥିଲେ। ଏହା ହେଉଛି ଶନିର ପ୍ରଥମ ଆବିଷ୍କୃତ ଉପଗ୍ରହ (ଏ ପର୍ଯ୍ୟନ୍ତ ଶନିର ୮୨ଟି ଉପଗ୍ରହ ଆବିଷ୍କୃତ ହୋଇଛି) ଏବଂ ପୃଥିବୀ ବାହାରେ ପଞ୍ଚମ ଜଣା ଉପଗ୍ରହ। ଏହା ପୂର୍ବରୁ ଇଟାଲୀ ବୈଜ୍ଞାନିକ ଗାଲିଲିଓ ବୃହସ୍ପତିର ଚାରୋଟି ଉପଗ୍ରହକୁ ଆବିଷ୍କାର କରିଥିଲେ। ବୁଧ ଗ୍ରହଠାରୁ ଟିଟାନ୍ ହେଉଛି ବଡ।

ଟିଟାନ୍ ପୃଷ୍ଠର ତାପମାତ୍ରା ହେଉଛି ବିଯୁକ୍ତ ୧୭୮ ଡିଗ୍ରୀ ସେଲସିୟସ। ଏହି ତାପମାତ୍ରାରେ ଜଳ ପଥର ଭଳି ଟାଣ ବରଫରେ ପରିଣତ ହୋଇଥାଏ। ବାସ୍ତବରେ ଟିଟାନ୍ ପୃଷ୍ଠରେ ଥିବା ଅଧିକାଂଶ ପଥର ହେଉଛି ଜଳୀୟ ବରଫ। ଏହା ମୁଖ୍ୟତଃ ଜଳୀୟ ବରଫ ଓ ଶିଳାଯୁକ୍ତ ବରଫରୁ ଗଠିତ।

ନିକଟରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ର ବୈଜ୍ଞାନିକମାନେ ଟିଟାନ୍‌ର ପ୍ରଥମ ଭୂତାତ୍ତ୍ୱିକ ମାନଚିତ୍ର ପ୍ରକାଶ କରିଛନ୍ତି ନାସା ଶନି ଗ୍ରହ ଅଭିଯାନରେ ପଠାଇଥିବା କାସିନ ଯାନ ଆଧାରରେ ଏହି ମାନଚିତ୍ର ପ୍ରସ୍ତୁତ କରାଯାଇଛି। ଏହି ଅନୁଯାୟୀ ଟିଟାନ୍‌ର ସମତଳ ଅଞ୍ଚଳ ହେଉଛି ୬୫ ପ୍ରତିଶତ, ବାଲି, ପାହାଡ ୧୭ ପ୍ରତିଶତ ଏବଂ ପାହାଡିଆ ଅଞ୍ଚଳ ହେଉଛି ୧୪ ପ୍ରତିଶତ। ପୃଥିବୀ ନାମିବିୟା ମରୁଭୂମି ଭଳି ଟିଟାନ୍‌ର ବିଷୁବରେଖା ନିକଟରେ ବାଲି ପାହାଡ ଅଛି। ବାସ୍ତବରେ ଏହାର ସମତଳ ଅଞ୍ଚଳ ଓ ବାଲି ପାହାଡ ଘନୀଭୂତ ମିଥେନ୍ ଓ ଅନ୍ୟ ହାଇଡ୍ରୋକାର୍ବନରୁ ଗଠିତ ହୋଇଛି।

କାସିନି ତଥ୍ୟରୁ ଟିଟାନ୍ ପୃଷ୍ଠାରେ



ତରଳ ହ୍ରଦ ଥିବାର ଜଣାପଡିଛି। ଏହ ହ୍ରଦ ହେଉଛି ମିଥେନ୍ ଓ ଇଥେନ୍ ଭଳି ହାଇଡ୍ରୋକାର୍ବନର ହ୍ରଦ। ଋତୁଚକ୍ର ଅନୁସାରେ ଏଗୁଡିକର ଆକାର ବଢ଼ିବାର ଓ କମିବାର ମଧ୍ୟ ଜଣାପଡିଛି। ଟିଟାନ୍ ପୃଷ୍ଠରେ ତରଳ ପଦାର୍ଥ ପ୍ରବାହ ହୋଇଥିବାର ନାଳମାନ ଥିବାର ମଧ୍ୟ ଜଣାପଡିଛି। ନାସା ପ୍ରକାଶ କରିଛି ଯେ ଟିଟାନ୍‌ରେ ମିଥେନ୍ ବୃଷ୍ଟି ହେଉଛି ଏବଂ ଏହା ହ୍ରଦ ଏବଂ ନଦୀକୁ ପ୍ରବାହିତ ହେଉଛି। ଟିଟାନ୍ ବାୟୁମଣ୍ଡଳରେ ମିଥେନ୍ ଓ ଇଥେନ୍ ବାଦଲ ଥିବାର ଚିତ୍ର ମିଳିଛି। ସୂଚନାଯୋଗ୍ୟ ଯେ ମିଥେନ୍ ଓ ଇଥେନ୍ ପୃଥିବୀରେ ଗ୍ୟାସ୍ ଭାବେ ଥିବାବେଳେ ଟିଟାନ୍ ଜଳବାୟୁ ଅବସ୍ଥାରେ ଏହା ତରଳ ପଦାର୍ଥ ଭାବେ ଦେଖାଯାଏ। ଟିଟାନ୍‌ର ବାୟୁମଣ୍ଡଳୀୟ ଚାପ ହେଉଛି ପୃଥିବୀର ବାୟୁମଣ୍ଡଳୀୟ ଚାପଠାରୁ ୬୦ ପ୍ରତିଶତ ଅଧିକ।

ବିଶ୍ୱରେ ପୃଥିବୀ ବ୍ୟତୀତ ଅନ୍ୟ କେଉଁଠାରେ ଏ ପର୍ଯ୍ୟନ୍ତ ଜୀବଜଗତ ଆବିଷ୍କୃତ ହୋଇନାହିଁ। ବୈଜ୍ଞାନିକମାନେ ଗବେଷଣା କରି ଜାଣିପାରିଛନ୍ତି ଯେ ଟିଟାନ୍‌ରେ ଥିବା ମିଥେନ୍ ଓ ଇଥେନ୍ ହ୍ରଦ ଓ ସମୁଦ୍ରରେ ଜୀବଜଗତ ଥିବାର ସମ୍ଭାବନା ଅଛି। ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ଯେ, ପୃଥିବୀରେ ଗୋଟିଏ ବ୍ୟାକ୍ଟେରିଆ ଅଛି, ଯାହା ଏସିଟିଲିନ ଭଳି ହାଇଡ୍ରୋଜେନ୍ ବଞ୍ଚିପାରୁଛି। ଏଣୁ ଟିଟାନ୍‌ରେ ଥିବା ମିଥେନ୍ ଓ ଇଥେନ୍ ହାଇଡ୍ରୋକାର୍ବନରେ ସୂକ୍ଷ୍ମଜୀବ ରହିବାରେ କୌଣସି ଅସୁବିଧା ନାହିଁ। ଏହି ଜୀବ ଶ୍ୱାସପ୍ରଶ୍ୱାସରେ ଅମ୍ଳଜାନ ଜାଗାରେ ଉଦ୍‌ଜାନ ନେବ, ଗ୍ଲୁକୋଜ ଜାଗାରେ ଏସିଟିଲିନ୍ ସହ ଏହାକୁ ବିପାଚନ କରିବ ଏବଂ ନିଃଶ୍ୱାସରେ ଅଙ୍ଗାରକାମ୍ଳ ଜାଗାରେ ମିଥେନ୍ ତ୍ୟାଗ କରିବ। ପରୀକ୍ଷା ଦ୍ୱାରା ଜଣାପଡ଼ିଛି ଯେ ପୃଥିବୀରେ ଯେପରି ଜୀବର ଉଦ୍ଭବ ହୋଇଥିଲା, ସେହିପରି ଗୋଟିଏ ରାସାୟନିକ ବିବର୍ତ୍ତନ ପାଇଁ ଟିଟାନ୍‌ରେ ଯଥେଷ୍ଟ ଜୈବିକ ବସ୍ତୁ ଅଛି।

ଯଦି ଟିଟାନ୍‌ରେ ଜୀବଜଗତ ଥାଏ, ତା'ହେଲେ ଏହାର ବାୟୁମଣ୍ଡଳରେ ଟ୍ରୋପୋସ୍ଫିୟରରେ ଉଦ୍‌ଜାନ ଓ **ଏମେଟିଲନ୍** ପରିମାଣ ଆଶାଠାରୁ କମ୍ ଥିବ। ଏହି ପରୀକ୍ଷା ପରବର୍ତ୍ତୀ ମହାକାଶ ଅଭିଯାନରେ କରିବା ପାଇଁ ଚିନ୍ତା କରାଯାଉଛି। ନାସା ଟିଟାନ୍ ପୃଷ୍ଠର ମାନଚିତ୍ର ପ୍ରକାଶ କରିବା ପରେ ଏହା ବର୍ତ୍ତମାନ ଜ୍ୟୋତିର୍ବିଦ୍‌ମାନଙ୍କୁ ଅଧିକ ଆକର୍ଷଣ କରିଛି। ନାସା ୨୦୨୬ ମସିହାରେ ଟିଟାନ୍ ପୃଷ୍ଠକୁ ଡ୍ରାଗନଫ୍ଲାଏ ମହାକାଶଯାନ ପଠାଇ ତଥ୍ୟ ସଂଗ୍ରହ କରିବା ପାଇଁ ଯୋଜନା କରିଛି।

-୭୦, ଲକ୍ଷ୍ମୀବିହାର, ଫେଜ୍-୧
ଭୁବନେଶ୍ୱର, ମୋ : ୯୪୩୮୬୯୩୭୨୦

# ସନ୍ତୁଳିତ ଆହାର ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି



ଡା. ବସନ୍ତ କୁମାର ଷଡଙ୍ଗୀ

"ଅଙ୍କୁରିତ ଖାଦ୍ୟ ରକ୍ତଚାପକୁ ସନ୍ତୁଳିତ ରଖି କୋଲେଷ୍ଟରଲ ମାତ୍ରାକୁ କମାଇ ରକ୍ତରେ ଶର୍କରା ମାତ୍ରାକୁ ଠିକ୍ ରଖିଥାଏ । ଶରୀରର ରକ୍ତକୁ ପରିଷ୍କାର ରଖି ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିଥାଏ । ତେଣୁ ଅଙ୍କୁରିତ ଖାଦ୍ୟକୁ ଏକ 'ପୂର୍ଣ୍ଣଖାଦ୍ୟ' କୁହାଯାଏ ।"

ବର୍ତ୍ତମାନ ସାରା ବିଶ୍ୱରେ କରୋନା ଭୂତାଣୁ(କୋଭିଡ-୧୯)ମହାମାରୀ ରୂପ ଧାରଣ କରି ପ୍ରତିଦିନ ଶହଶହ ଲୋକଙ୍କ ଜୀବନ ନେଉଛି । ଏପରିସ୍ଥଳେ ଉକ୍ତ ମହାମାରୀ ଭୂତାଣୁକୁ ପ୍ରତିରୋଧ ନିମନ୍ତେ ଆମ୍ଭେମାନେ ନିଜ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ପାଇଁ ଅଙ୍କୁରିତ ଖାଦ୍ୟ ଓ ସନ୍ତୁଳିତ ଆହାର ଦୈନନ୍ଦିନ ଖାଇବା ଜରୁରୀ, ଯଦ୍ୱାରା ପ୍ରାକୃତିକ ଉପାୟରେ ଆମ ଶରୀରରେ ଆବଶ୍ୟକୀୟ ବିଭିନ୍ନ ଭିଟାମିନର ଅଭାବ ପୂର୍ଣ୍ଣ ହୋଇ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ କରୋନା ଭୂତାଣୁର ପ୍ରଭାବକୁ ପ୍ରତିରୋଧ ନିମନ୍ତେ ସହାୟକ ହୋଇପାରିବ ।

ଜୀବନରେ ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ହେଲା ସ୍ୱାସ୍ଥ୍ୟ। ତେଣୁ ଆମେ ଦୈନନ୍ଦିନ ଖାଉଥିବା ଖାଦ୍ୟ ଶୈଳୀ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ପ୍ରତିଦିନ ଖାଦ୍ୟରେ ମୁଗ, ବୁଟ, ବାଦାମ, ମଟର, ଗହମ, ମେଥି ଆଦିକୁ ଅଙ୍କୁରିତ(ଗଜା)କରି ଖାଇବା ଦ୍ୱାର ଶରୀର ପାଇଁ ବହୁତ ଲାଭଦାୟକ ହୋଇଥାଏ । କାରଣ ଏଥିରେ କ୍ୟାଲୋରୀର ମାତ୍ରା କମ୍ ରହିଥିବାରୁ ଏହା ଶରୀରର ଓଜନକୁ ସନ୍ତୁଳିତ ରଖିବା ସହ ପ୍ରୋଟିନର ଆବଶ୍ୟକତା ପୂରଣ କରି ଔଷଧ ଭଳି କାର୍ଯ୍ୟ କରିଥାଏ ।

ମୁଗ, ବୁଟ, ମଟର, ବାଦାମ, ମେଥି ଆଦିକୁ ୬ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଭଲଭାବେ ସଫାକରି ସ୍ୱଚ୍ଛ ଜଳରେ ଭିଜାଇ ରଖିଦେଲେ ଏବଂ ପରେ ଏକ ସୂତା ବସ୍ତ୍ରରେ ସେଗୁଡ଼ିକୁ ବାନ୍ଧି କୌଣସି ପାତ୍ର ତା' ଉପରେ ଘୋଡାଇଦେଲେ ତାହା ଅଙ୍କୁରିତ ହୋଇଥାଏ। ଶସ୍ୟଗୁଡ଼ିକ ଗଜା ହେବା ପରେ କିଛି ସମୟ ଖରାରେ ରଖିଦେଲେ ତାହା ସବୁଜ ବର୍ଣ୍ଣ ହୋଇଥାଏ । ଏଥିରୁ ଜଣାପଡ଼ିଥାଏ ଯେ ଉକ୍ତ ଗଜାରେ 'କ୍ଲୋରୋଫିଲ' ନାମକ ସାରାଂଶ ରହିଛି କି ନାହିଁ । କାରଣ କ୍ଲୋରୋଫିଲ ନାମକ ସାରାଂଶ ଶସ୍ୟକଣା ଭିତରେ ରହିଥିବା ଅସଲ ଗୁଣବତ୍ତା ବା ଶକ୍ତି, ଯାହା କି ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସି ଭିଟାମିନ ବୃଦ୍ଧି ହୋଇଥାଏ। ଏହି ଅଙ୍କୁରିତ ଖାଦ୍ୟକୁ ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ବିଭିନ୍ନ ଦ୍ରବ୍ୟକୁ ରାନ୍ଧିଖାଇବା ଦ୍ୱାରା ଭିଟାମିନ ନଷ୍ଟ ହୋଇଥାଏ କିନ୍ତୁ ଅଙ୍କୁରିତ କରି ସକାଳ ଓ ଅପରାହ୍ନରେ ଜଳଖିଆ ରୂପେ କିମ୍ବା 'ସଲାଡ଼' କରି ଖାଇବା ଦ୍ୱାରା ଏଥିରେ ଥିବା ଭିଟାମିନ ସିଧା ଶରୀରକୁ ଯାଇଥାଏ। ପ୍ରତିଦିନ ଆମେ ଖାଉଥିବା ଖାଦ୍ୟରେ 'ସୋଡିଅମ୍'ର ମାତ୍ରା ଅଧିକଥାଏ, ଯାହା କି ଉଚ୍ଚ ରକ୍ତଚାପକୁ ବୃଦ୍ଧି କରିଥାଏ କିନ୍ତୁ ଅଙ୍କୁରିତ ଖାଦ୍ୟ ରକ୍ତଚାପକୁ ସନ୍ତୁଳିତ ରଖି କୋଲେଷ୍ଟରଲ ମାତ୍ରାକୁ କମାଇ ରକ୍ତରେ ଶର୍କରା ମାତ୍ରାକୁ ଠିକ ରଖିଥାଏ । ଶରୀରର ରକ୍ତକୁ ପରିଷ୍କାର ରଖି ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିଥାଏ । ତେଣୁ ଅଙ୍କୁରିତ ଖାଦ୍ୟକୁ ଏକ 'ପୂର୍ଣ୍ଣଖାଦ୍ୟ' କୁହାଯାଏ ।



ବୟସ ଅପେକ୍ଷା (ପିଲା କିମ୍ବା ବୃଦ୍ଧ) ଶରୀରରେ ଯାହାର ଯେତିକି ରୋଗପ୍ରତିରୋଧକ ଶକ୍ତି ରହିଥାଏ ସେହି ବ୍ୟକ୍ତିର ସେତିକି ରୋଗକୁ ପ୍ରତିରୋଧ କରିବା କ୍ଷମତା ରହିବା ସହ ସ୍ୱାସ୍ଥ୍ୟକୁ ସୁରକ୍ଷା କରିପାରିଥାଏ ।

ଦୈନନ୍ଦିନ ଖାଦ୍ୟରେ ଆମେ ୪୦୦ ରୁ ୮୦୦ ଗ୍ରାମ ଫଳ ଓ ପନିପରିବା ଖାଇବା ଉଚିତ । ଅଙ୍କୁରିତ ଖାଦ୍ୟ ଓ ସନ୍ତୁଳିତ ଆହାର ଖାଇବା ଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ବିଭିନ୍ନ ଭୂତାଣୁ ଓ ଜୀବାଣୁ ଜନିତ ତଥା 'କୋଭିଡ୍-୧୯' ଭଳି ଭୂତାଣୁକୁ ପ୍ରତିରୋଧ କରାଇପାରିବା ସହ ସୁସ୍ଥ ଏବଂ ଦୀର୍ଘାୟୁ ଜୀବନ ଯାପନ ଅତିବାହିତ କରିପାରିବା ।

-ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

# ଯୋଗ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା

କେବଳ ବୟସ ବଢ଼ିବା ନୁହେଁ, ଆଜିକାଲି ଅନେକ ଯୁବପିଢ଼ି ଆଣ୍ଠୁଗଣ୍ଠି ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି। ତେବେ ଏଥିରୁ କେତେକାଂଶରେ ଉପଶମ ପାଇବାର ଏକ ସରଳ ଉପାୟ ରହିଛି। ବାସ୍, ଏଥିପାଇଁ ଅଧିକ ପରିଶ୍ରମ ମଧ୍ୟ କରିବାକୁ ପଡ଼ିବ ନାହିଁ। କେବଳ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗକୁ ସାମିଲ କରିଦିଅନ୍ତୁ ନା! ଏହାଦ୍ୱାରା ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ କେତେକାଂଶରେ ଲାଘବ ମିଳିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'ଯୋଗ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଆଣ୍ଠୁଗଣ୍ଠି ଯନ୍ତ୍ରଣା ସହ



ଜଡ଼ିତ କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇ ସେମାନଙ୍କୁ ନିୟମିତ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଏହାଦ୍ୱାରା କେତେକ ବ୍ୟକ୍ତି ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଥିଲେ।

# ସ୍ୱାସ୍ଥ୍ୟ ସୂଚନା

- ଏବେ ତ ବର୍ଷାଦିନ। ତେଣୁ ନିଜ ଶରୀର ପ୍ରତି ଅଧିକ ଯତ୍ନବାନ ହେବା ନିହାତି ଦରକାର। ଏହି ଋତୁରେ ଥଣ୍ଡା, କାଶ, ଛିଙ୍କ ଆଦିଠାରୁ ଯେତେ ସମ୍ଭବ ନିଜକୁ ଦୂରେଇ ରଖନ୍ତୁ।
- ସବୁବେଳେ ଫୁଟା ପାଣି ପିଅନ୍ତୁ।
- ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଖାଦ୍ୟ ପ୍ରସ୍ତୁତ କରିସାରିବା ପରେ ତାହାକୁ ଘୋଡ଼ାଇ ରଖନ୍ତୁ।
- ବର୍ଷାଦିନେ, ଖଟା, ଆଚାର, ମଇଦାରେ ପ୍ରସ୍ତୁତ ଖାଦ୍ୟ, ଅଧିକ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଯଦି ତଟକା ଫଳମୂଳ ଖାଉଛନ୍ତି ତେବେ ତାହାକୁ କାଟିବା ପରେ ସାଙ୍ଗେ ସାଙ୍ଗେ ଖାଆନ୍ତୁ। ଏହାକୁ କାଟି ଅଧିକ ସମୟ ରଖି ଖାଆନ୍ତୁ ନାହିଁ।
- ଏହି ଋତୁରେ ଅଧିକ ସମୟ ଧରି



ପ୍ରସ୍ତୁତ ହୋଇ ରହିଥିବା ସାଲାଡ୍ ନ ଖାଇବା ଭଲ। ଏହାକୁ ସାଙ୍ଗେ ସାଙ୍ଗେ ପ୍ରସ୍ତୁତ କରି ଖାଆନ୍ତୁ।

- ଯଦି ବର୍ଷାରେ ଭିଜି ଯାଇଛନ୍ତି ତେବେ ଓଦା ଶରୀରକୁ ଅଧିକ ସମୟ ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ଥଣ୍ଡା ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଯଥେଷ୍ଟ ରହିଛି। ସମ୍ପୂର୍ଣ୍ଣ ଓଦା ହୋଇଯାଇଥିଲେ ଶୁଖିଲା ତଥା ପରିଷ୍କାର ତଉଲିଆରେ ଭଲ ଭାବରେ ପୋଛି ହୋଇପଡ଼ନ୍ତୁ।
- ଏହି ସମୟରେ ଛୋଟ ପିଲା ଥଣ୍ଡା, କାଶ, ଜ୍ୱର ଆଦିରେ ଆକ୍ରାନ୍ତ ହୋଇଥାଆନ୍ତି। ତେଣୁ ଏଗୁଡ଼ିକର କିଛି ଲକ୍ଷଣ ଦେଖିବାମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ସେମାନଙ୍କର ଚିକିତ୍ସା କରାଇ ନିଅନ୍ତୁ।
- ଥଣ୍ଡାଜନିତ ରୋଗରୁ ଉପଶମ ପାଇବା ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଘରେ କିଛି ଔଷଧ ରଖିପାରନ୍ତି। ହେଲେ ସେଗୁଡ଼ିକୁ କିପରି ଖାଇବେ ତାହା ପରାମର୍ଶ ସମୟରେ ହିଁ ବିଷଦ୍ ଭାବରେ ଡାକ୍ତରଙ୍କଠାରୁ ବୁଝିନିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଜୁଲାଇ ୨୭/୨୦୨୦ Monday, July 27/2020

# ୱେଷ୍ଟଇଣ୍ଡିଜ ପାଇଁ ୩୯୯ ବିଜୟ ଲକ୍ଷ୍ୟ

## ଅନ୍ତିମ ଟେଷ୍ଟ

ମାଞ୍ଚେଷ୍ଟର, ୨୬।୭(ଏପି)

ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଚାଲିଥିବା ତୃତୀୟ ତଥା ସିରିଜର ଅନ୍ତିମ କ୍ରିକେଟ ଟେଷ୍ଟରେ ଫଲୋଅନ ଏଡ଼ାଇଥିଲେ ହେଁ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୧୯୭ ରନରେ ଅଲଆଉଟ ହୋଇଛି। ଅନ୍ୟପକ୍ଷରେ ପ୍ରଥମ ଇନିଂସରେ ୧୭୨ ରନରେ ଅଗ୍ରଣୀଲାଭ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସକୁ ୨୨୬/୨ରେ ଘୋଷଣା କରିଛି। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୯୯ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଓପନିଂ ଯୋଡ଼ିରେ ୧୧୪ ରନ ଯୋଗ ହେବାପରେ ଓପନର ଡୋମିନିକ୍ ସିବ୍‌ଲେ ୫୬(୧୩୨ ବଲ, ୭ ଚୌକା) ରନ କରି ଆଉଟ ହୋଇଛନ୍ତି। ରୋରି ବର୍ନ୍ସ ୯୦ (୧୬୩ ବଲ, ୧୦ ଚୌକା) ରନ୍‌ରେ ଆଉଟ ହେବା ସହ ଇଂଲଣ୍ଡ ଇନିଂସ ଘୋଷଣା କରିଛି। ସେତେବେଳକୁ ଅଧିନାୟକ ଜୋ ରୁଟ୍ ୬୮ (୫୬ ବଲ, ୮ ଚୌକା, ୧ ଛକା)ରନରେ ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ଇଂଲଣ୍ଡ ୩୬୯ ରନ ସ୍କୋର କରିଥିଲା।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୩୭/୬ରୁ ଖେଳ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଆଉ ୬୦ ରନ କରି ଅବଶିଷ୍ଟ ୪ଟି ଉଇକେଟ ହରାଇଥିଲା। ଅଧିନାୟକ ଜାସନ ହୋଲ୍ଡର ଓ ଶେନ ଡୋରିଚ୍ କ୍ରିଜ୍‌ରେ ତିଷ୍ଠି ରହି ପ୍ରଥମ ଟାର୍ଗେଟ ଫଲୋଅନ ଏଡ଼ାଇବାକୁ ସକ୍ଷମ ହୋଇଥିଲେ। ଇଂଲଣ୍ଡ ଜୋଫ୍ରା ଆର୍ଚର ଓ କ୍ରିସ୍ ୱୋକ୍ସଙ୍କୁ ନେଇ ବୋଲିଂ ଆକ୍ରମଣ ଆରମ୍ଭ କରିଥିଲା। ମାତ୍ର ବଦଳ ବୋଲରଭାବେ ଷ୍ଟୁଆର୍ଟ ବ୍ରଡ୍ ଆସିବାପରେ ସ୍ଥିତିରେ ପରିବର୍ତ୍ତନ ହୋଇ ଯାଇଥିଲା। ସେ ୱେଷ୍ଟଇଣ୍ଡିଜର ଅବଶିଷ୍ଟ ୪ଟି ଯାକ ଉଇକେଟ ଏକାକୀ ନେଇଥିଲେ। ସେ ନିଜ ପ୍ରଥମ ଓଭରର ତୃତୀୟ ବଲ୍‌ରେ ହୋଲ୍ଡରଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରିଥିଲେ। ପରେ ନିଜ ତୃତୀୟ ଓଭରରେ ସେ ୪ ବଲ୍ ବ୍ୟବଧାନରେ ରାକିମ କର୍ନୱାଲ ଓ କେମର ରୋଚ୍‌ଙ୍କୁ ବିଦାୟ ପଥ ଦେଖାଇଥିଲେ। ହୋଲ୍ଡର ୪୬, କର୍ନୱାଲ ୧୦ ରନ କରିଥିବାବେଳେ ରୋଚ୍ ଖାତା ଖୋଲିପାରି ନ ଥିଲେ। ଏହାପରେ ଡୋରିଚ୍(୩୭ ରନ)ଙ୍କୁ ମିଡ୍‌ଅନ୍‌ରେ କ୍ରିସ୍ ୱୋକ୍ସଙ୍କ ହାତରେ କ୍ୟାଚ କରାଇ ୱେଷ୍ଟଇଣ୍ଡିଜ ଇନିଂସର ପରିସମାପ୍ତି ଘଟାଇଥିଲେ। ଏଥିସହ ସେ ୬ ଉଇକେଟ ସଫଳତା ମଧ୍ୟ ପାଇଥିଲେ। ପ୍ରଥମ ଟେଷ୍ଟରୁ ବାଦ୍ ପଡ଼ିବା ଯୋଗୁ ଅସନ୍ତୋଷ ଜାହିର କରିଥିବା ବ୍ରଡ୍ ଦ୍ୱିତୀୟ ଟେଷ୍ଟର ଉଭୟ ଇନିଂସରେ ୩ଟି ଲେଖାଏ ଉଇକେଟ ନେଇଥିଲେ। ତୃତୀୟ ଟେଷ୍ଟରେ ସେ ଦ୍ରୁତ ଅର୍ଦ୍ଧଶତକ(୪୫ ବଲ୍‌ରୁ ୬୨ ରନ) ହାସଲ କରିବା ସହ କ୍ୟାରିୟରର ୧୮ତମ ୫ ଉଇକେଟ ସଫଳତା ପାଇଥିଲେ। ଏଥିସହ ଟେଷ୍ଟରେ ତାଙ୍କ ଉଇକେଟ ସଂଖ୍ୟା ୪୯୭ରେ ପହଞ୍ଚିଛି।


ଷ୍ଟୁଆର୍ଟ ବ୍ରଡ୍‌ଙ୍କ ବୋଲିଂରେ ସ୍ଲିପ୍‌ରେ ଲୋକ୍ୟାଚ୍ ନେଇ କେମୋର ରୋଚ୍‌ଙ୍କୁ ଆଉଟ୍ କରୁଛନ୍ତି ଜୋ ରୁଟ୍।

## ସଂକ୍ଷେପରେ

### ସେନାକୁ ଖେଳାଳିଙ୍କ ସାଲ୍ୟୁଟ୍

ନୂଆଦିଲ୍ଲୀ,୨୬।୭(ପି.ଟି.): ଦେଶରେ ରବିବାର କାର୍ଗିଲ ବିଜୟର ୨୧ତମ ବାର୍ଷିକୀ ପାଳନ କରାଯାଉଛି। ଆଜିର ଦିନରେ ପାକିସ୍ତାନ ସେନାଙ୍କୁ ଘଉଡାଇ ଭାରତୀୟ ସୈନ୍ୟ ନିଜ ଅଞ୍ଚଳକୁ ଅକ୍ତିଆର କରିଥିଲେ। ଏହି ଅବସରରେ ଭାରତୀୟ ଖେଳାଳିମାନେ ସେନାବାହିନୀର ପରାକ୍ରମକୁ ମନେପକାଇଛନ୍ତି। କର୍ଗିଲ ଲଢେଇକୁ ଅପରେଶସ ବିଜୟ ନାମ ଦିଆଯାଇଥିଲା। ଏହି ଯୁଦ୍ଧ ୬୦ ଦିନ ଧରି ଚାଲିଥିଲା। ମାଷ୍ଟର ବ୍ଲାଷ୍ଟର ତଥା କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଏହି ଅବସରରେ ସେନାକୁ ସାଲ୍ୟୁଟ୍ କରିଛନ୍ତି। ଏହି ବିଜୟ ପାଇଁ ଆମେ ସେନାଠାରେ ଋଣୀ ହୋଇ ରହିବୁ ବୋଲି ସେ ଟୁଇଟ୍ କରିଛନ୍ତି। ସେହିପରି ଅଧିନାୟକ ବିରାଟ କୋହଲି ମଧ ସେନାଙ୍କୁ ନିଜର ସମ୍ମାନ ଜଣାଇଛନ୍ତି। ସାହସୀ ସୈନ୍ୟମାନଙ୍କ ବୀରତାକୁ ସାଲ୍ୟୁଟ କରୁଛି ବୋଲି କୋହଲି ଟୁଇଟ୍ କରି ଜଣାଇଛନ୍ତି। ସେହିପରି ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ, କୋଚ୍ ରବି ଶାସ୍ତ୍ରୀ, ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ, ରେସଲର ବଜରଙ୍ଗ ପୁନିଆ, ପୂର୍ବତନ କ୍ରିକେଟର ମହମ୍ମଦ କୈଫ୍, ଓପନର ମୟଙ୍କ ଅଗ୍ରୱାଲ, ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମା ମଧ ଭାରତୀୟ ସେନାକୁ ପ୍ରଶଂସା କରିବା ସହ ସମ୍ମାନ ଜଣାଇଛନ୍ତି। ଦେଶର ବହାଦୁର ସୈନିକଙ୍କୁ ସଲାମ ବୋଲି କୈଫ୍ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଶହୀଦମାନଙ୍କୁ ହୃଦୟରୁ ପ୍ରଣାମ କରୁଛି ବୋଲି ସେହ୍ୱାଗ ଟୁଇଟ୍ କରିଛନ୍ତି। ସେହିପରି ଦେଶର ଶହଶହ ସୈନିକଙ୍କୁ ମୋର ଶତଶତ ପ୍ରଣାମ ବୋଲି ପୁନିଆ ଟୁଇଟ୍ କରିଛନ୍ତି। ସୈନ୍ୟମାନଙ୍କ ବଳିଦାନ ସଦାସର୍ବଦା ମନେରହିବ ବୋଲି ଲକ୍ଷ୍ମଣ ଟୁଇଟ୍ କରିଛନ୍ତି।

### 'ଆଇସିସି ଅଧକ୍ଷ ପଦ ପାଇଁ ଗାଙ୍ଗୁଲି ଯୋଗ୍ୟ'

ନୂଆଦିଲ୍ଲୀ,୨୬।୭(ପି.ଟି.): ଶ୍ରୀଲଙ୍କା କ୍ରିକେଟ ଲିଜେଣ୍ଡ କୁମାର ସଙ୍ଗକାରା ପୂର୍ବତନ ଅଧିନାୟକ ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କୁ ସମର୍ଥନ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଅଧକ୍ଷ ପଦ ପାଇଁ ଗାଙ୍ଗୁଲି ଯୋଗ୍ୟ ପ୍ରାର୍ଥୀ ବୋଲି ସେ କହିଛନ୍ତି। ଗାଙ୍ଗୁଲିଙ୍କ ଚତୁର ତଥା ତୀକ୍ଷ୍ଣ ମସ୍ତିଷ୍କ ରହିଛି। କ୍ରିକେଟ ପ୍ରଶାସନ ନେଇ ତାଙ୍କ ପାଖରେ ମଧ ବହୁତ ଅଭିଜ୍ଞତା ରହିଛି। ତେଣୁ ସେ ହାଇପ୍ରୋଫାଇଲ ପଦ ପାଇଁ ସବୁଠାରୁ ଯୋଗ୍ୟ ବୋଲି ସଙ୍ଗକାରା ସ୍ପଷ୍ଟ କରିଛନ୍ତି। ସେ ଗାଙ୍ଗୁଲିଙ୍କ ଜଣେ ବଡ଼ ପ୍ରଶଂସକ ବୋଲି ସ୍ୱୀକାର କରିଛନ୍ତି। ତାଙ୍କ ପାଖରେ ବିଶ୍ୱସ୍ତରୀୟ ମାନସିକତା ଥିବାରୁ ସେ ନିରପେକ୍ଷ ଭାବେ ଏହି ଉଚ୍ଚପଦରେ ରହି କାର୍ଯ୍ୟ କରିପାରିବେ। ଗାଙ୍ଗୁଲି ଆଇସିସି ଅଧକ୍ଷ ହେଲେ କ୍ରିକେଟରେ ବହୁତ କିଛି ସକାରାତ୍ମକ ପରିବର୍ତ୍ତନ ଆସିପାରିବ ବୋଲି ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ଅଧକ୍ଷ ଭାବେ କାର୍ଯ୍ୟ କରୁଥିବା ସଙ୍ଗକାରା କହିଛନ୍ତି। କ୍ରିକେଟ ସହିତ ଗାଙ୍ଗୁଲି ଅଙ୍ଗାଙ୍ଗୀ ଭାବେ ଜଡିତ। କ୍ରିକେଟ ତାଙ୍କ ହୃଦୟରେ ରହିଛି। ଅଧକ୍ଷ ପଦକୁ ନିର୍ବାଚିତ ହେବା ପରେ ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବେ ଓ ନିରପେକ୍ଷ ଭାବେ କାର୍ଯ୍ୟ କରିବେ। ନିଜକୁ ଭାରତୀୟ ହିସାବରେ ସୀମିତ ନ ରଖି ଜଣେ କ୍ରିକେଟର ଭାବେ ଚିନ୍ତା କରି ସେ କାର୍ଯ୍ୟତୁଲାଇ ପାରିବେ।

# ଏସିୟୁକୁ ଦାୟିତ୍ୱ ତୁଲାଇବା ସହଜ ହେବ

## ୟୁଏଇରେ ଆଇପିଏଲ୍

ନୂଆଦିଲ୍ଲୀ, ୨୬।୭ (ପି.ଟି.): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୁର୍ନୀତି ନିରୋଧୀ ଶାଖା (ଏସିୟୁ)କୁ ଦାୟିତ୍ୱ ସମ୍ପାଦନ କରିବା ଅପେକ୍ଷାକୃତ ସହଜ ହେବ ବୋଲି ଏହାର ମୁଖ୍ୟ ଅଜିତ୍ ସିଂ ପ୍ରକାଶ କରିଛନ୍ତି। ୟୁଏଇରେ ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ହେବ। ୫୧ ଦିନ ଧରି ହେବାକୁଥିବା ଏହି ଇଭେଣ୍ଟରେ ୬୦ଟି ଗେମ୍ ଖେଳାଯିବ। ଏହା ଦୁବାଇ, ଶାରଜା ଓ ଆବୁଧାବିରେ ରହିଥିବା ତିନୋଟି ଷ୍ଟାଡିୟମରେ ଖେଳାଯିବ। ଭାରତରେ କିନ୍ତୁ ୮ଟି ଭେନ୍ୟୁରେ ଆଇପିଏଲ୍ ଖେଳାଯାଇଥାଏ। ୟୁଏଇରେ ମାତ୍ର ତିନୋଟି ଗ୍ରାଉଣ୍ଡରେ ମ୍ୟାଚ୍ ଖେଳାଯାଉଥିବାରୁ ସେଗୁଡ଼ିକ ଉପରେ ନଜର ରଖିବା ସହଜ ହେବ ବୋଲି ସିଂ କହିଛନ୍ତି। କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ କେତେଜଣ କାର୍ଯ୍ୟରେ ନିୟୋଜିତ ହେବେ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଭାରତରେ ସାଧାରଣ ନିର୍ବାଚନ ଯୋଗୁ ୨୦୧୪ରେ ଆଇପିଏଲ୍‌ର ପ୍ରଥମ ଭାଗ ୟୁଏଇରେ ଅନୁଷ୍ଠିତ ହୋଇଥିଲା। ବିସିସିଆଇରେ ବର୍ତ୍ତମାନ ୮ଜଣ ଏସିୟୁ ଅଫିସର କାର୍ଯ୍ୟରତ। ୬୦ଟି ମ୍ୟାଚ ପରିଚାଳନା କରିବା ଏତିକି ଷ୍ଟାଫ୍ ଯଥେଷ୍ଟ ବୋଲି ଏସିୟୁ ମୁଖ୍ୟ କହିଛନ୍ତି। ତେବେ ଜୈବ ସୁରକ୍ଷିତ ପରିବେଶରେ ମ୍ୟାଚ ଖେଳାଯାଉଥିବାରୁ ହୁଏତ ଅଧିକ କର୍ମଚାରୀ ଆବଶ୍ୟକ ପଡ଼ିପାରେ।




# ପେରୀ-ଟୁମୁଆଙ୍କ ବିବାହ ବିଚ୍ଛେଦ


ମ୍ୟାଟ୍ ଟୁମୁଆ ଓ ଏଲିସ୍ ପେରୀ।

ସିଡ୍‌ନୀ, ୨୬।୭ : ଅଷ୍ଟ୍ରେଲିଆର ମହିଳା କ୍ରିକେଟ ସୁପରଷ୍ଟାର ଏଲିସ୍ ପେରୀ ଏବଂ ଅଷ୍ଟ୍ରେଲିଆ ରଗ୍‌ବୀ ୟୁନିୟନ ଖେଳାଳି ମ୍ୟାଟ୍ ଟୁମୁଆଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ଏହା ଆପୋସ ବୁଝାମଣାରେ ହୋଇଥିବା ଉଭୟେ ଶନିବାର ଏକ ମିଳିତ ବିବୃତିରେ ପ୍ରକାଶ କରିଛନ୍ତି। ପେରୀ ଓ ଟୁମୁଆ ୨୦୧୫ରେ ବିବାହ କରିଥିଲେ। ବର୍ଷ ଆରମ୍ଭରେ ଉଭୟେ ପରସ୍ପରଠାରୁ ଅଲଗା ହେବାଲାଗି ନିଷ୍ପତ୍ତି ନେଇଥିଲେ ମଧ୍ୟ ସାଧାରଣରେ ପ୍ରକାଶ କରି ନ ଥିଲେ। ବିଚ୍ଛେଦର କାରଣକୁ ସେମାନେ ଗୋପନ ରଖିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଗତ ଫେବୃୟାରୀରେ ମେଲବୋର୍ନରେ ପେରୀ ଅଷ୍ଟ୍ରେଲିଆନ କ୍ରିକେଟ ଆୱାର୍ଡ ପାଇଥିଲେ। ସେତେବେଳେ ତାଙ୍କ ବାମ ହାତରେ ବିବାହ ମୁଦି ଦେଖିବାକୁ ନ ମିଳିବାରୁ କେତେକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ପେରୀ କ୍ରମାଗତ ତୃତୀୟ ଥର ପାଇଁ ବେଲିଣ୍ଡା କ୍ଲାର୍କ ପୁରସ୍କାର ଜିତିଥିଲେ। ଶୁକ୍ରବାର ରାତିରେ ଏସ୍‌ସିଜିଠାରେ ମେଲବୋର୍ନ ରିବେଲ୍ସର ଅନ୍ୟତମ ସଦସ୍ୟ ଟୁମୁଆ ଏନ୍‌ଏସ୍‌ଡବ୍ଲ୍ୟୁ ୱାରାଥ୍ସ ବିପକ୍ଷରେ କ୍ଲବର ୨୦୧୦ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ୨୦୧୫ରେ ବିବାହ ପୂର୍ବରୁ ୨୦୧୩ରେ ଜନ୍ ଏଲ୍ଡ ମେଡାଲ ପ୍ରଦାନ ଉତ୍ସବରେ ପେରୀ ଓ ଟୁମୁଆଙ୍କୁ ସର୍ବସାଧାରଣରେ ପ୍ରଥମେ ଏକାଠି ଦେଖିବାକୁ ମିଳିଥିଲା।

# ଇଂଲଣ୍ଡ, ଅଷ୍ଟ୍ରେଲିଆ ଖେଳାଳି ପ୍ରଥମ ସପ୍ତାହରେ ଖେଳିବା ସମ୍ଭାବନା କମ୍

## ଆଇପିଏଲ ୨୦୨୦

ନୂଆଦିଲ୍ଲୀ, ୨୬।୭: ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ-୨୦୨୦) ଆସନ୍ତା ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ ବୋଲି ଏହାର ଗଭର୍ନିଂ କାଉନ୍‌ସିଲ ଚେୟାରମ୍ୟାନ ବ୍ରିଜେଶ ପଟେଲ ଘୋଷଣା କରିଛନ୍ତି। ଫଳରେ ଏହାକୁ ନେଇ ତତ୍ପରତା ପ୍ରକାଶ ପାଇଛି। ତେବେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଖେଳାଳିମାନେ ଏହି ଲିଗ୍‌ର ପ୍ରଥମ ସପ୍ତାହରେ ଖେଳିବା ସମ୍ଭାବନା କମ୍ ବୋଲି ନଜରକୁ ଆସିଛି। କାରଣ ଅଷ୍ଟ୍ରେଲିଆ ଦଳର ଇଂଲଣ୍ଡ ଗସ୍ତ ସେପ୍ଟେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ। ଇଂଲଣ୍ଡ-ଅଷ୍ଟ୍ରେଲିଆ ତୃତୀୟ ଦିନିକିଆ ଓଲ୍ଡ ଟ୍ରାଫୋଡରେ ସେପ୍ଟେମ୍ବର ୧୬ରେ ଖେଳାଯିବ। ତେଣୁ ଏହି ଦୁଇ ଦଳର ଖେଳାଳି ସେହି ଦିନ କିମ୍ବା ପରଦିନ ଲଣ୍ଡନରୁ ଦୁବାଇ ବିମାନଯାତ୍ରା କରିବେ। ସେମାନେ ୟୁଏଇରେ ପହଞ୍ଚିବାପରେ ସ୍ଥାନୀୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ କୋଭଡ-୧୯ ଟେଷ୍ଟ ଦେବେ। ରିପୋର୍ଟ ନେଗେଟିଭ୍ ଆସିବା ପରେ ଯାଇ ଖେଳାଳି ୟୁଏଇ ସରକାରଙ୍କ ଆଇସୋଲେଶନ ଜୋନ୍‌ରୁ ବାହାରକୁ ଆସିପାରିବେ। ଏହି ପ୍ରକ୍ରିୟା ପାଇଁ ୪୮ରୁ ୭୨ ଘଣ୍ଟା ଲାଗିବ। ଏହା ବ୍ୟତୀତ ଆଇପିଏଲ ୨୦୨୦ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ଧାର୍ଯ୍ୟ କରିଥିବା ଏସଓପିକୁ ଖେଳାଳି ଓ ଫ୍ରାଞ୍ଚାଇଜ୍‌କୁ ଅନୁସରଣ କରିବାକୁ ପଡ଼ିବ। ଏହି ସବୁ ପ୍ରକ୍ରିୟା ସରିବା ପାଇଁ ୭ରୁ ୧୦ ଦିନ ସମୟ ଲାଗିଯିବ। ଏହା ପରେଯାଇ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଖେଳାଳିମାନେ ସେମାନଙ୍କ ଫ୍ରାଞ୍ଚାଇଜ୍ ଦଳରେ ଯୋଗ ଦେଇ ପାରିବେ। ତେଣୁ ସେମାନେ ପ୍ରଥମ ସପ୍ତାହ ମିସ୍ କରିବା ଏକପ୍ରକାର ନିଶ୍ଚିତ। ବିସିସିଆଇ ଓ ଆଇପିଏଲ ଗଭର୍ନିଂ କାଉନ୍‌ସିଲ ଖୁବ୍‌ଶୀଘ୍ର ଫ୍ରାଞ୍ଚାଇଜ୍, ଖେଳାଳି ଓ ଅଂଶୀଦାର ଗୁଡ଼ିକ ପାଇଁ ଏସଓପି ଜାରି କରିବାକୁ ଯାଉଛି। ଏହାକୁ କଡ଼ାକଡ଼ି ପାଳନ କରାଯିବ। ବ୍ୟୟବହୁଳ ଆଇପିଏଲରେ ଅଷ୍ଟ୍ରେଲିଆର ୧୭ ଓ ଇଂଲଣ୍ଡର ୧୧ ଖେଳାଳି ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଷ୍ଟିଭ୍ ସ୍ମିଥ, ଡେଭିଡ ୱାର୍ନର, ପ୍ୟାଟ୍ କୁମିନ୍ସ, ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚରଙ୍କ ପରିନାମୀ ଖେଳାଳି ଅଛନ୍ତି।







# ଟୋକିଓ ଉପରେ ଶ୍ରାବଣୀଙ୍କ ନଜର

ନୂଆଦିଲ୍ଲୀ, ୨୬।୭(ପି.ଟି.)

ସମ୍ପ୍ରତି ଜାମାଇକାରେ ଟ୍ରେନିଂ ଜାରି ରଖିଥିବା ତାରକା ଆଥଲେଟ୍ ଓଡ଼ିଶାର ଶ୍ରାବଣୀ ନନ୍ଦ କ୍ରମାଗତ ଦ୍ୱିତୀୟ ଥରପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ ଲକ୍ଷ୍ୟରେ ରହିଛନ୍ତି। ବର୍ଷ ଆରମ୍ଭରୁ ଜାମାଇକାରେ ଟ୍ରେନିଂ କରୁଥିବାରୁ ଭାରତର ପ୍ରଥମ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍‌ଭାବେ ସେ କୋଭିଡ-୧୯ ପରେ ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେବାର ସୁଯୋଗ ପାଇଥିଲେ। କିଙ୍ଗଷ୍ଟନରେ ଚଳିତ ସପ୍ତାହ ପ୍ରାରମ୍ଭରେ ଅନୁଷ୍ଠିତ ଭେଲୋସିଟି ଫେଷ୍ଟ ମିଟ୍‌ର ମହିଳା ୧୦୦ ମିଟରରେ ଭାଗ ନେଇଥିଲେ ୨୯ ବର୍ଷୀୟା ଶ୍ରାବଣୀ।

୨୦୧୭ରୁ ଜାମାଇକାରେ ଆଥଲେଟିକ୍ସ ମିଟ୍ ଗୁଡ଼ିକରେ ଭାଗ ନେଇ ଆସୁଛନ୍ତି ଶ୍ରାବଣୀ। ଭଲ ସ୍ଥାନରେ ଟ୍ରେନିଂ କରିବାକୁ ହେଲେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ସମ୍ପ୍ରତି ସେ ଜାମାଇକାର ଏମଭିପି ଟ୍ରାକ୍ କ୍ଲବରେ ଟ୍ରେନିଂ ନେଉଛନ୍ତି। ତେଣୁ ପ୍ରତିଦ୍ୱନ୍ଦ୍ୱିତାରେ ଏହି କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ଭେଲୋସିଟି ଫେଷ୍ଟ ୧୦୦ ମିଟର ହିଟ୍‌ରେ ୧୧.୭୮ ସେକେଣ୍ଡ ସମୟ ନେଇଥିବା ଶ୍ରାବଣୀ ଓଭରଅଲ୍ ତୃତୀୟ ସ୍ଥାନରେ ରହିଥିଲେ। ଏଥିରେ ଅଲିମ୍ପିକ୍ସ ଚାମ୍ପିୟନ ଏଲିନେ ଥମ୍ପସନ, ତାରକା ଧାବିକା ଶେଲୀ-ଆନ୍ ଫ୍ରାସର-ପିୟର୍ସ ପ୍ରମୁଖ ଭାଗ ନେଇଥିଲେ। ଶ୍ରାବଣୀ ଶେଷଥରପାଇଁ ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୪x୧୦୦ ମିଟର ରିଲେରେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ଏହାପରେ ସେ ଆଉ ଭାରତୀୟ ଦଳର ସଦସ୍ୟା ହୋଇ ନାହାନ୍ତି। ୨୦୧୯ରେ ଭାରତୀୟ ପ୍ରତିଯୋଗୀମାନେ ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ପରି ବଡ଼ ପ୍ରତିଯୋଗିତା ଗୁଡ଼ିକରେ ଭାଗ ନେଇଥିଲେ ହେଁ ଶ୍ରାବଣୀ ଏଥିରୁ ଦୂରେଇ ରହିଥିଲେ। ଏବେ ତାଙ୍କର ମୁଖ୍ୟ ଲକ୍ଷ୍ୟ ଟୋକିଓ ଅଲିମ୍ପିକ୍ସ। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ସହଜ ନୁହେଁ। ମହିଳା ୧୦୦ ମିଟରରେ ୧୧.୧୫ ଓ ୨୦୦ ମିଟରରେ ୨୨.୮୦ ସେକେଣ୍ଡ ସମୟକୁ ଯୋଗ୍ୟତାର ମାନଦଣ୍ଡରୂପେ ଧାର୍ଯ୍ୟ କରାଯାଇଛି। ଏହା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବହୁ ଉର୍ଦ୍ଧ୍ୱରେ ହୋଇଥିଲେ ହେଁ ସେ ୨ଟି ଯାକ ଇଭେଣ୍ଟ ଉପରେ ଫୋକସ କରୁଛନ୍ତି ଏବଂ ଆଶା ରଖିଛନ୍ତି ବୋଲି କହିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସର ୨୦୦ ମିଟରରେ ଭାଗ ନେଇଥିଲେ ଏହି ଓଡ଼ିଆ ଆଥଲେଟ୍। ତେବେ ସେ ନିଜ୍ ହିଟ୍‌ରେ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ୧୦୦ ଓ ୨୦୦ ମିଟରରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ଯଥାକ୍ରମେ ୧୧.୪୫ ଓ ୨୩.୦୭ ସେକେଣ୍ଡ।


ଶ୍ରାବଣୀ ନନ୍ଦ

ବିଶ୍ୱର ବିଭିନ୍ନ ସ୍ଥାନରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଥଲେଟ୍‌ମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜାମାଇକାରେ ସାମାଜିକ ଦୂରତ୍ୱ ବାଧ୍ୟତାମୂଳକ ହୋଇଥିବାବେଳେ ଦର୍ଶକଙ୍କୁ ଷ୍ଟାଡିୟମରେ ପ୍ରବେଶ ସୁଯୋଗ ନାହିଁ। କରୋନା ଭାଇରସ ସଂକ୍ରମଣରେ ସବୁଠାରୁ କମ୍ ପ୍ରଭାବିତ ହୋଇଥିବା ଦେଶଗୁଡ଼ିକ ମଧ୍ୟରେ ଜାମାଇକା ଅନ୍ୟତମ। ମୋଟ ୮୩୭ ଜଣ ସଂକ୍ରମିତ ହୋଇଥିବାବେଳେ ୭୧୧ ସୁସ୍ଥ ହୋଇଛନ୍ତି। ଏବେ ମାତ୍ର ୧୧୬ ଆକ୍ଟିଭ୍ କେସ୍ ରହିଛି। ଚଳିତ ବର୍ଷ ଶେଷଭାଗରେ ଭାରତକୁ ଫେରି ଘରୋଇ ପ୍ରତିଯୋଗିତାରେ ଭାଗ ନେବା ସମ୍ପର୍କରେ ସେ କିଛି ଯୋଜନା କରି ନାହାନ୍ତି। ପରିସ୍ଥିତିକୁ ଦେଖି ଯାହାକିଛି ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫଆଇ) ପକ୍ଷରୁ ସେପ୍ଟେମ୍ବର ୧୨ରେ ଘରୋଇ ସିଜନ ଆରମ୍ଭ କରାଯିବା ଯୋଜନା ରହିଛି। ପ୍ରକାଶଯୋଗ୍ୟ ଯେ ୨୦୨୦ ଟୋକିଓ ଅଲିମ୍ପିକ୍ସ କରୋନା ଭାଇରସ ସଂକ୍ରମଣ ଯୋଗୁ ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ